R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୬
ତିଥି: ଦଶମୀ
୨୨ ଅଗଷ୍ଟ ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 316
22 August 2026, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଛାତ୍ରଙ୍କ ଆନ୍ଦୋଳନ ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ

# ତଦନ୍ତ ଲାଗି ସୁପ୍ରିମ୍‌କୋର୍ଟଙ୍କ ୫ ଜଣିଆ କମିଟି



ନୂଆଦିଲ୍ଲୀ, ୨୦।୮: ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ବିଭିନ୍ନ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଜୁଲାଇ ୨୦ରେ ଯନ୍ତରମନ୍ତରରେ ହୋଇଥିବା ପ୍ରତିବାଦ ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଓ ହିଂସା ଘଟଣାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ୫ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟିର ମୁଖ୍ୟ ରହିଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ଜଜ୍ ଜଷ୍ଟିସ ଆର୍ ସୁଭାଷ ରେଡ୍ଡୀ । ଉକ୍ତ କମିଟି ପୋଲିସ, ଅର୍ଦ୍ଧସାମରିକ ବଳ ଓ ଅନ୍ୟାନ୍ୟ ସୁରକ୍ଷା କର୍ମୀଙ୍କ ଦ୍ୱାରା ଯନ୍ତରମନ୍ତର ସମେତ ଅନ୍ୟ ରାଜ୍ୟରେ ଚାଲିଥିବା ଛାତ୍ର ପ୍ରତିବାଦକାରୀଙ୍କ ଉପରେ ମାତ୍ରାଧିକ ବଳପ୍ରୟୋଗର ଅନୁଧ୍ୟାନ କରିବ ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗ୍‌ଚୀ ଓ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି । ଏହି କମିଟିରେ ପଞ୍ଜାବ ଓ ହରିଆଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରବିଶଙ୍କର ଝା, ପୂର୍ବତନ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ ଶୈଳେନ୍ଦ୍ର କୌର, ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଳା ଓ ମେଘାଳୟର ଅବସରପ୍ରାପ୍ତ ଡିଜିପି ଏଲ୍‌ଆର ବିଷ୍ଣୋଇ ସଦସ୍ୟ ଅଛନ୍ତି । ଏହି କମିଟିକୁ ବିଭିନ୍ନ ଦିଗକୁ ବିଚାର କରାଯାଇ ଗଠନ କରାଯାଇଛି । ଉଚ୍ଚସ୍ତରୀୟ କମିଟିରେ ଥିବା ସଦସ୍ୟମାନଙ୍କର ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଓ ଦକ୍ଷତା ରହିଛି । ଖଣ୍ଡପୀଠ କହିଛନ୍ତି ଯେ ଏହି ଉଚ୍ଚସ୍ତରୀୟ କମିଟିର ସୁପାରିସ କୋର୍ଟକୁ ବେଶ୍ ସହାୟକ ହେବ । କମିଟି ମଧ୍ୟ ଏଭଳି ପ୍ରସଙ୍ଗଗୁଡ଼ିକର ବିସ୍ତୃତ ଆକଳନ କରିବେ । ଏହି ତଦନ୍ତ କମିଟି ଗୋଟିଏ ଥର ଲାଗି ପରୀକ୍ଷା ନିରୀକ୍ଷା (୯ ପୃଷ୍ଠାରେ)

- ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି କମିଟି ମୁଖ୍ୟ
- ଲାଠିଚାର୍ଜ, ଟିୟର ଗ୍ୟାସ୍, ପେଲେଟ୍ ଗନ୍ ବ୍ୟବହାରର ତଦନ୍ତ
- ପୋଲିସ ୟୁନିଫର୍ମରେ ଥିଲା କି ନଥିଲା ଏହାର ଅନୁସନ୍ଧାନ
- ପୋଲିସ କର୍ମଚାରୀଙ୍କ ନାମଫଳକ ନଥିଲାର ହେବ ଛାନ୍‌ଭିନ୍

## ବନ୍ୟା ବିପନ୍ନଙ୍କୁ ମିଳିବ ଅତିରିକ୍ତ ରିଲିଫ ଚାଉଳ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଜିଲ୍ଲାର ବନ୍ୟା ବିପନ୍ନଙ୍କୁ ତୁରନ୍ତ ଅତିରିକ୍ତ ରିଲିଫ ଚାଉଳ ଯୋଗାଇ ଦେବାପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି । ଲଗାଣ ବର୍ଷା ଯୋଗୁ ନଦୀ ଜଳସ୍ତର ବଢ଼ିବାରୁ ଏକାଧିକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ଜଳବନ୍ଦୀ ଲୋକଙ୍କର ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି ।

ଜଳବନ୍ଦୀ ଯୋଗୁ ଖାଦ୍ୟ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ସାମୁହିକ ରୋଷେଇ କେନ୍ଦ୍ର ଓ ଜରୁରୀକାଳିନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଜାରି ରହିଛି । ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଯୋଗାଣ ଓ ଜଳବନ୍ଦୀ ଅଞ୍ଚଳରେ ଚାଉଳ ବଣ୍ଟନ, ବନ୍ୟା ପରିସ୍ଥିତି ସୁଧୁରିବା ଓ ବିସ୍ଥାପିତ ପରିବାରଗୁଡ଼ିକୁ ନିରାପଦରେ ଘରକୁ ଫେରିବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ କୁହାଯାଇଛି । ପ୍ରାପ୍ତ ବୟସ୍କଙ୍କୁ ଦୈନିକ ଏକ କିଲୋ, ୧୨ ବର୍ଷରୁ କମ୍ ଶିଶୁଙ୍କୁ ଦୈନିକ ୫୦୦ ଗ୍ରାମ୍ ଚାଉଳ ଦିଆଯିବ । ଆବଶ୍ୟକତା ଅନୁସାରେ କେତେଦିନ ପାଇଁ କେତେ ପରିମାଣର ଚାଉଳ ଦରକାର ତାହାର ଆକଳନ କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି । ବିପନ୍ନ ପରିବାର ଘରକୁ ଫେରିବା ପର୍ଯ୍ୟନ୍ତ ରିଲିଫ ବ୍ୟବସ୍ଥା ଜାରି ରହିବ । ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଚାଉଳ ପଠାଇବାରେ ଯେପରି କୌଣସି ବିଳମ୍ବ ନ ହୁଏ ସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ (୯ ପୃଷ୍ଠାରେ)

**ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲ୍ଲାକୁ ଯୋଗାଇବାକୁ ନିର୍ଦ୍ଦେଶ**

**ବୟସ୍କଙ୍କ ପାଇଁ ଦୈନିକ ୧ କିଲୋ, ପିଲାଙ୍କ ଲାଗି ୫୦୦ ଗ୍ରାମ୍ ଚାଉଳ**

## ଝାଡଖଣ୍ଡ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ହାଇକୋର୍ଟ

# ନିଯୁକ୍ତି ପରୀକ୍ଷା ବାତିଲ ନିଷ୍ପତ୍ତି ଉପରେ ରୋକ୍

ନୂଆଦିଲ୍ଲୀ,୨୦।୮: ଝାଡ଼ଖଣ୍ଡ ଲୋକସେବା କମିଶନ (ଜେପିଏସ୍‌ସି) ଦ୍ୱାରା ହୋଇଥିବା ୧୧ ଓ ୧୩ତମ ପରୀକ୍ଷାକୁ ବାତିଲ କରିବା ପାଇଁ ଝାଡ଼ଖଣ୍ଡ ସରକାର ନେଇଥିବା ନିଷ୍ପତ୍ତି ଉପରେ ଝାଡ଼ଖଣ୍ଡ ହାଇକୋର୍ଟ ରୋକ ଲଗାଇଛନ୍ତି । ଫଳରେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ହଜାରହଜାର ପ୍ରାର୍ଥୀଙ୍କୁ ଆଶ୍ୱସ୍ତି ମିଳିଛି ।

**ଆଶ୍ୱସ୍ତ ହେଲେ ଚାକିରି କରିଥିବା ଅଧିକାରୀ**



କୋର୍ଟରେ ନବ ନିଯୁକ୍ତ ଅଫିସରମାନେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଭିନ୍ନଭିନ୍ନ ଆବେଦନ କରିଥିଲେ । ଏହାକୁ ବିଚାର କରି ହାଇକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ଛାତ୍ରମାନଙ୍କର ଆନ୍ଦୋଳନ ପରିପ୍ରେକ୍ଷୀରେ ଝାଡ଼ଖଣ୍ଡ ସରକାର ୨୨ଟି ନିଯୁକ୍ତି ପରୀକ୍ଷା ବାତିଲ କରିଥିଲେ । ଜେପିଏସ୍‌ସି ଓ ଜେଏସ୍‌ଏସ୍‌ସି ପରୀକ୍ଷାକୁ ବାତିଲ କରିବା ପାଇଁ ଛାତ୍ରମାନେ ପ୍ରତିବାଦ ଜାରି ରଖିଥିଲେ । ୨୫ ଦିନ ଧରି ଛାତ୍ରମାନେ ଏହି ଆନ୍ଦୋଳନ କରିଥିଲେ । ବାତିଲ ହୋଇଥିବା ପରୀକ୍ଷା ମଧ୍ୟରେ ଥିଲା ଡ୍ରଗ୍ ଇନ୍ସପେକ୍ଟର, ସହକାରୀ ପ୍ରଫେସର, ଉପଜିଲ୍ଲାପାଳ, ଦାନ୍ତ ଡାକ୍ତର, ସହକାରୀ ଯନ୍ତ୍ରୀ, ସିଭିଲ ଜଜ୍, ଏପିପି ଓ ଜଙ୍ଗଲ (୯ ପୃଷ୍ଠାରେ)

## ୭୧ କ୍ୱିଣ୍ଟାଲ ଅପମିଶ୍ରିତ ପନିର ଜବତ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ରକ୍ଷାବନ୍ଧନ ଓ ଆଗକୁ ପାର୍ବଣ ଋତୁ ଥିବାରୁ ଖାଦ୍ୟ ସୁରକ୍ଷା କମିଶନଙ୍କ ପକ୍ଷରୁ ଦୈତ୍ୟ ନଗରୀ କଟକ, ଭୁବନେଶ୍ୱରରେ ଅପମିଶ୍ରିତ ଖାଦ୍ୟ ସାମଗ୍ରିକୁ ଜବତ କରାଯାଉଛି । ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୭୧ କ୍ୱିଣ୍ଟାଲ ଅପମିଶ୍ରିତ ପନିର ଓ ୬୬ କେଜି ଫୁଡ୍ ଷ୍ଟଲ୍ ଖାଦ୍ୟ ଜବତ କରାଯାଇଛି ।

ଅପମିଶ୍ରିତ ପନିର ଯାହା କଟକରୁ ଜବତ ହୋଇଛି ତାହାର ମୂଲ୍ୟ ୧୭.୭୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । କେଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦ୍ରଙ୍କ ଅଧକ୍ଷତାରେ ଏହି ଚଢ଼ାଉ ହୋଇଥିଲା । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ନିଆଳି ଅଞ୍ଚଳରୁ ଅଟୋ ମାଧ୍ୟମରେ ଏହି ପନିରଗୁଡ଼ିକ ଆସୁଥିଲା । ୧୮, ୧୯ ତାରିଖରେ କଟକର ବିଭିନ୍ନ ସ୍ଥାନରେ ଯଥା ପ୍ରେସ୍ ଛକ, ଲିଙ୍କ ରୋଡ୍ ଆଦି ଅଞ୍ଚଳରେ ବିଭିନ୍ନ ଦୋକାନ (୯ ପୃଷ୍ଠାରେ)

## ଜେଲ୍ କର୍ମଚାରୀ, ଅଧିକାରୀମାନଙ୍କ ପୋଷାକ ଭତ୍ତା ଦୁଇଗୁଣ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ରାଜ୍ୟ ସରକାର ଜେଲ୍ ସଂଗଠନର ଅଧିକାରୀ ଓ କର୍ମଚାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ ଜେଲ୍ କର୍ମଚାରୀ ଓ ଅଧିକାରୀମାନଙ୍କ ବାର୍ଷିକ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ଅନୁଯାୟୀ ଜେଲ୍ ଡିଆଇଜିଙ୍କ ଠାରୁ ଆରମ୍ଭ କରି ସହକାରୀ ମାଟ୍ରୋନ୍ ପର୍ଯ୍ୟନ୍ତ ୩୭୮ ଜଣ ଅଧିକାରୀଙ୍କ ପୋଷାକ ଭତ୍ତା ୩୦୦୦ ଟଙ୍କାରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ୨,୧୨୨ ଜଣ ଚିଫ୍ ୱାର୍ଡର୍, ୱାର୍ଡର୍ ଓ ମହିଳା ୱାର୍ଡରଙ୍କ ବାର୍ଷିକ ପୋଷାକ ଭତ୍ତାକୁ ୪୦୦୦ ଟଙ୍କାରୁ ୮୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ସମୁଦାୟ ୨୫୦୦ ଜଣ ଜେଲ୍ କର୍ମଚାରୀ ଓ ଅଧିକାରୀ ଉପକୃତ ହେବେ । ଚଳିତ ଆର୍ଥିକ ବର୍ଷରୁ ଏହି ନୂତନ ପୋଷାକ ଭତ୍ତା ଲାଗୁ ହେବ ।

## ବଦଳିବ ଗାଁ'ର ଚିତ୍ର, ପ୍ରତି ପଞ୍ଚାୟତକୁ ୩ କୋଟି

ଭୁବନେଶ୍ୱର, ୨୦।୮ (ସବ୍ୟୁ): ଗାଁରେ ମିଳିବ ସହରୀ ସୁବିଧା । ପଞ୍ଚାୟତକୁ ଅଧିକ ସୁବିଧାସମ୍ପନ୍ନ ଓ ଆକର୍ଷଣୀୟ କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି ପଞ୍ଚାୟତିରାଜ ବିଭାଗ । "ଗ୍ରାମ ସମ୍ପଦ କାର୍ଯ୍ୟକ୍ରମ' ଜରିଆରେ ପଞ୍ଚାୟତସ୍ତରରେ ଆଦର୍ଶ ଖେଳ ପଡ଼ିଆ, କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ପୋଖରୀ, ପାର୍କ, ପାଠାଗାର ଓ ସ୍ମଶାନ ଭଳି ବିଭିନ୍ନ ଭିତ୍ତିଭୂମି ବିକଶିତ କରାଯିବ । ପ୍ରତି ପଞ୍ଚାୟତକୁ ୩ କୋଟି ଲେଖାଏଁ ପ୍ରଦାନ କରାଯିବ । ଏନେଇ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି ।

ପଞ୍ଚାୟତରେ କେଉଁ ପ୍ରକଳ୍ପର ଆବଶ୍ୟକତା ରହିଛି, ତାହା ଗ୍ରାମସଭା ମାଧ୍ୟମରେ ନିର୍ଦ୍ଧାରଣ କରାଯିବ । ଲୋକଙ୍କ ଆବଶ୍ୟକତା ଓ ପ୍ରସ୍ତାବ ଆଧାରରେ ବିଭିନ୍ନ ବିକାଶମୂଳକ କାମ ପଞ୍ଚାୟତିରାଜ ବିଭାଗ ହାତକୁ ନେବ । ଏହା ମାଧ୍ୟମରେ ଗାଁରେ ମନୋରଞ୍ଜନ, କ୍ରୀଡ଼ା, ସାମାଜିକ କାର୍ଯ୍ୟ ଓ ସାର୍ବଜନୀନ ସୁବିଧାକୁ ଆହୁରି ସୁଦୃଢ଼ କରାଯିବ । ପଞ୍ଚାୟତସ୍ତରରେ ଆଦର୍ଶ ଖେଳ ପଡ଼ିଆ ନିର୍ମାଣ ପାଇଁ ସରକାର ପର୍ଯ୍ୟାପ୍ତ ଖର୍ଚ୍ଚ କରିବେ । ଖେଳ ପଡ଼ିଆ ସହ ଯୁବକମାନଙ୍କ ପାଇଁ ଜିମର ବ୍ୟବସ୍ଥା ମଧ୍ୟ ରହିବ । ଏହା ଗ୍ରାମାଞ୍ଚଳର ଯୁବପିଢ଼ି ପାଇଁ ଏକ ବଡ଼ ସୁବିଧା ହେବ ।

ଆଦର୍ଶ କଲ୍ୟାଣ ମଣ୍ଡପ ଦିର୍ମାଣ ପାଇଁ ୪୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ପ୍ରାୟ ୭୦.୩୨ ଫୁଟ୍ ଅଞ୍ଚଳରେ ଏହା ନିର୍ମାଣ ହେବ । ଏଥିରେ ଦୁଇଟି ଗ୍ରୀନ୍ ରୁମ୍ ସହ ପେଣ୍ଡାଲର ବ୍ୟବସ୍ଥା ରହିବ । ନାଚ, ଗୀତ, ଡ୍ରାମା ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯାଇପାରିବ । ଭୋଜିଭାତ ପାଇଁ ମଧ୍ୟ ସୁବିଧା ରହିବ ଏବଂ ପଞ୍ଚାୟତ ପକ୍ଷରୁ ପାଣି ଯୋଗାଣ କରାଯିବ । ଆଦର୍ଶ (୯ ପୃଷ୍ଠାରେ)

- ଗାଁରେ ମିଳିବ ସହରୀ ସୁବିଧା
- ବିକାଶ ଲାଗି ରୋଡମ୍ୟାପ୍ ପ୍ରସ୍ତୁତ
- ଆଦର୍ଶ ଖେଳ ପଡ଼ିଆ, କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ

**ବନ୍ୟା ଅଞ୍ଚଳର ନିଆରା ଚିତ୍ର**

## ଭେଳାରେ ଫେରୁଛନ୍ତି ପ୍ରସୂତୀ, ନବଜାତ

ବାସୁଦେବପୁର, ୨୦।୮ (ସବ୍ୟୁ) : ବାସୁଦେବପୁରର କିଛି ସ୍ଥାନରେ ଧିରେ ଧିରେ କମୁଛି ବନ୍ୟାପାଣି । ଆଉ କିଛି ଗ୍ରାମରେ ଉପର ମୁଣ୍ଡର ପାଣି ଗଡି ଆସି ତଳ ମୁଣ୍ଡର ବନ୍ୟା ସୃଷ୍ଟି କରୁଛି । ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ପାଳ ଗ୍ରାମର ଆସନ୍ନ ପ୍ରସବ ମହିଳାଙ୍କୁ ଭେଳା ବଞ୍ଚାଇଲା ଜୀବନ । ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ଏବେବି ପାଣି ଘେରରେ ଦଧିବାମନପୁର ପାଳ ଗ୍ରାମ । ଚଲା ବାଟରେ ଅଣ୍ଟାଏ ପାଣି । ବାହାରେ ମନ୍ତେଇ ନଦୀର କୁମ୍ଭୀରକୁ ଭୟ ଘାରୁଛି ।



ଦଧିବାମନପୁର ପାଳ ଗ୍ରାମର ପର୍ଶୁରାମ ମଳିକଙ୍କ ପତ୍ନୀ ପୁଜାରାଣୀ ମଳିକ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ପରିବାର ଲୋକ ପ୍ରସୂତୀଙ୍କ ପାଇଁ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ । ସେଦିନର ଛାତିଥରା ଦୃଶ୍ୟ ସମସ୍ତଙ୍କର ବୁଦ୍ଧି ହଜାଇ ଦେଇଥିଲା । ପାଖରେ ନା ଅଛି ଭେଳା ନା ପହଞ୍ଚି ପାରିବ ଆମ୍ବୁଲାନ୍ସ । ମହିଳାଙ୍କ ଜୀବନ ବଞ୍ଚାଇବାକୁ ୧୮ ତାରିଖ ଘରୁ କବାଟ ଖୋଲି ଭେଳାକରି ନେଇଗଲେ । ପୂଜାରାଣୀ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯.୨୫ରେ ଭର୍ତ୍ତି ହୋଇଥିଲେ । ମାତ୍ର ଏକ ମିନିଟ ପରେ ୯.୨୬ରେ ପୁତ୍ର ସନ୍ତାନ ଜନ୍ମ ଲାଭ କରିଥିଲା । ଡେଲିଭରିର ତିନିଦିନ ପରେ ପରିବାର ଲୋକଙ୍କ ସହିତ ଘରକୁ ଫେରିଲେ ପ୍ରସୂତୀ ମହିଳାଙ୍କ ଓ ନବଜାତ ଶିଶୁ । ଘରେ ପହଞ୍ଚିବାକୁ ପ୍ରତିବନ୍ଧକ ସାଜିଲା ପେଟେ ପେଟେ ବନ୍ୟା ପାଣି । ସାହା ଭରଷା ବାଉଁଶ ଭେଳା । ତିନିଦିନର କୁନି ଶିଶୁଙ୍କୁ କୋଳରେ ଧରି ଭେଳାରେ ବସିଲେ ମାଆ । ସୁରକ୍ଷିତ ଅବସ୍ଥାରେ ଛାଡିବାରେ ବିଫଳ ହେଲେ ସରକାର । ଭେଳା ଭରସାରେ ପ୍ରସୂତୀଙ୍କ ଜୀବନ । ବନ୍ୟା ଏକ ମାସ ବିତିଯାଇଥିଲେ ମଧ୍ୟ ଓଡ୍ରାଫ ଟିମ ଛଡା ପାଳ ଗ୍ରାମରେ ପ୍ରଶାସନର ପାଦ ପଡିନାହିଁ ବୋଲି ସଞ୍ଜୁଲତା ମଳିକ ଅଭିଯୋଗ କରିଛନ୍ତି ।

**ଅନ୍‌ଲାଇନ୍ ଟାକ୍ସିଚାଳକ ଆନ୍ଦୋଳନ ନେଇ ପ୍ରଶାସନ କଠୋର**

# ଭଙ୍ଗାହେଲା ଅନ୍‌ଲାଇନ୍ ଅଟୋ ଷ୍ଟାଣ୍ଡ

ଭୁବନେଶ୍ୱର, ୨୦।୮ (ସବ୍ୟୁ) : ଅନ୍‌ଲାଇନ୍ ଟ୍ୟାକ୍ସିଚାଳକ ସଂଘ ଆନ୍ଦୋଳନ ବେଳେ ସେମାନେ ହିଂସାତ୍ମକ ପନ୍ଥା ଅବଲମ୍ବନ କରିଥିଲେ । ସେଥିପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପୋଲିସ ୧୧୩ଜଣ ଚାଳକଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କର ୩୫୪ ଅଟୋ ଜବତ ହୋଇଛି । ଏଥିସହ ଅନ୍‌ଲାଇନ୍ ଅଟୋଷ୍ଟାଣ୍ଡକୁ ପୋଲିସ ଭାଙ୍ଗିବା ସହ ପରମିଟ୍ ବାତିଲ ପାଇଁ ଆର୍‌ଟିଓଙ୍କ ପକ୍ଷରୁ ଯୋଜନା କରାଯାଉଛି । ଆନ୍ଦୋଳନ ବେଳେ ଗଣ୍ଡଗୋଳ କରି ମାରପିଟ୍ କରିଥିବା ଚାଳକଙ୍କ ଲାଇସେନ୍ସ ରଦ୍ଦ ହୋଇପାରେ ବୋଲି ଆର୍‌ଟିଓ ଅଫିସ୍ ସୂତ୍ରରୁ ଖବର ମିଳିଛି ।



ଯାତ୍ରୀଭଡା ବୃଦ୍ଧି ସମେତ ୭ଦଫା ଦାବି ନେଇ ଅନ୍‌ଲାଇନ୍ ଟ୍ୟାକ୍ସିଚାଳକ ସଂଘ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲା । ଦୁଇଦିନ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିବା ବେଳେ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ତୁମୁଳକାଣ୍ଡ ଘଟାଇଲା । ପଥଚାରୀଙ୍କୁ ଆକ୍ରମଣ କରିବା ସହ ଆମବସ୍ ଭଙ୍ଗାରୁଜା କରିଥିଲେ । ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାସୁଝା କରୁଥିବା ବେଳେ ସେମାନଙ୍କୁ ଆକ୍ରମଣ କରିଥିଲେ । ଟ୍ୟାକ୍ସଚାଳକଙ୍କ ଆକ୍ରମଣରେ ୧୪/୧୫ଜଣ ପୋଲିସ ରକ୍ତାକ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଲାଠିଚାର୍ଜ କରିଥିଲା । ଦୁଇଘଣ୍ଟା ମାଷ୍ଟରକ୍ୟାଣ୍ଟିନ ଛକ ରଣକ୍ଷେତ୍ରରେ ପରିଣତ ହୋଇଥିଲା । ଆଇନକୁ ହାତକୁ ନେଇଥିବା ଅଟୋଚାଳକ ବିରୋଧରେ ପୋଲିସ ଏତଲା କରି ୩୫୪ ଅଟୋ ଜବତ କରିବା ସହ ୧୧୩ଜଣଙ୍କୁ ଗିରଫ କରିଛି । ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ପୋଲିସ କହିଛି । ମାଷ୍ଟରକ୍ୟାଣ୍ଟିନ ଓ ସହରର କେତେକ ସ୍ଥାନରେ ବେଆଇନ ଭାବେ ସେମାନେ ଅନ୍‌ଲାଇନ୍ ଅଟୋଷ୍ଟାଣ୍ଡ କରିଥିଲେ । ଯାହାକୁ ପୋଲିସ ଭାଙ୍ଗିବା ସହ ସେହିସବୁ ସ୍ଥାନକୁ ଜେସିବି (୯ ପୃଷ୍ଠାରେ)

**୧୧୩ ଗିରଫ, ୩୫୪ ଅଟୋ ଜବତ**

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗବେଷଣାର ଚାଞ୍ଚଲ୍ୟକର ତଥ୍ୟ

# କୋଇଲା ଖଣି ପ୍ରଦୂଷଣ କମାଉଛି ପ୍ରଜନନ କ୍ଷମତା

ସମ୍ବଲପୁର, ୨୦।୮ (ସବ୍ୟୁ): କୋଇଲା ଖଣି ଅଞ୍ଚଳର କଳା ଧୂଆଁ ଓ ଧୂଳିକଣା କେବଳ ଫୁସଫୁସ ନୁହେଁ, ଶ୍ରମିକମାନଙ୍କ ପୌରୁଷତ୍ୱ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ସାଜିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ଆଇସିଏମଆର ପାଣ୍ଠି ସହାୟତାରେ କରାଯାଇଥିବା ଏକ ଦୀର୍ଘକାଳୀନ ଗବେଷଣାରୁ ଏଭଳି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ଝାରସୁଗୁଡ଼ା ଅଞ୍ଚଳର କୋଇଲା ଖଣିରେ କାର୍ଯ୍ୟରତ ଶ୍ରମିକମାନଙ୍କ ଉପରେ ୩ବର୍ଷ କାଳ ଅଧ୍ୟୟନ କରାଯାଇଛି । ୪ଟି ଖଣି ଅଞ୍ଚଳରେ ଅଧ୍ୟୟନ କରାଯାଇଥିଲା । ସେଥିମଧ୍ୟରୁ ୨ଟି ଖୋଲା ମୁହଁ ଖଣି ରହିଥିବା ଜଣାପଡିଛି ।



ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ ଓ ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର ବିଭାଗୀୟ ଛାତ୍ରଙ୍କୁ ନେଇ ଗବେଷଣା କରିଥିଲେ । ମୋଟ ୩୧୦ଜଣ ଶ୍ରମିକଙ୍କୁ ଅଧ୍ୟୟନରେ ସାମିଲ କରାଯାଇଥିଲା । ସେଥିମଧ୍ୟରୁ ୯୫ଜଣ ସାଧାରଣ ଶ୍ରମିକ ଓ ୨୧୫ଜଣ କୋଇଲା ଖଣି ଶ୍ରମିକ ଥିଲେ । ତେବେ ଅଧ୍ୟୟନରେ ସାଧାରଣ ଶ୍ରମିକ ଅପେକ୍ଷା କୋଇଲା ଖଣି ଶ୍ରମିକଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖିବାକୁ ମିଳିଥିଲା । କୋଇଲା ଧୂଳିରେ ଥିବା (୯ ପୃଷ୍ଠାରେ)

# ଜାତୀୟ ବରିଷ୍ଠ ନାଗରିକ ଦିବସ

ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖରେ ପାଳିତ ହେଉଥିବା 'ଜାତୀୟ ବରିଷ୍ଠ ନାଗରିକ ଦିବସ' ବୟସ୍କ ବ୍ୟକ୍ତିମାନଙ୍କ ଜୀବନବ୍ୟାପୀ ସେବା, ତ୍ୟାଗ ଏବଂ ସମାଜ ଗଠନରେ ସେମାନଙ୍କ ଅମୂଲ୍ୟ ଯୋଗଦାନକୁ ସମ୍ମାନ ଜଣାଇବାର ଏକ ବିଶେଷ ଅବସର। ଆମ ସଂସ୍କୃତି ଓ ପରିବାରର ମୂଳଦୁଆ ସାଜିଥିବା ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ଓ ଜ୍ଞାନ ଆଜିର ଯୁବପିଢ଼ି ପାଇଁ ସଦାସର୍ବଦା ଏକ ପ୍ରେରଣାର ଉତ୍ସ । ୧୯୮୮ ମସିହାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍‌ଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ଏହି ଦିବସ, ବର୍ତ୍ତମାନ ବିଶ୍ୱବ୍ୟାପୀ ବରିଷ୍ଠମାନଙ୍କ ଅଧିକାର, ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ନିରାପତ୍ତା ଏବଂ ମାନସିକ ସନ୍ତୋଷ ପ୍ରତି ସଚେତନତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ବୟସର ଅପରାହ୍ନରେ ସେମାନଙ୍କୁ ଏକାକୀପଣରୁ ମୁକ୍ତି ଦେବା ସହ ଆଦର, ଦୟା



ଏବଂ ନିରାପଦ ଜୀବନଯାପନର ସୁବିଧା ଯୋଗାଇଦେବା ପ୍ରତ୍ୟେକ ନାଗରିକ ଏବଂ ସମାଜର ନୈତିକ କର୍ତ୍ତବ୍ୟ। କେବଳ ଗୋଟିଏ ଦିନର ପାଳନରେ ସୀମିତ ନରହି, ସେମାନଙ୍କ ଆବଶ୍ୟକତାକୁ ବୁଝିବା, ସେମାନଙ୍କ ସହ ସମୟ ବିତାଇବା ଏବଂ ସମାଜରେ ସେମାନଙ୍କୁ ସମ୍ମାନଜନକ ସ୍ଥାନ ଦେବା ହିଁ ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

## ରାଜନୀତି କରିବେ କି ସୋନାକ୍ଷୀ !

ଅଭିନେତା ତଥା ରାଜନେତା ଶତ୍ରୁଘ୍ନ ସିହ୍ନା ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ, ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କୁ ସୋସିଆଲ ମିଡିଆରେ ଅନ୍‌ଲାଇନ୍ ଟ୍ରୋଲ୍ କରିବା ପଛରେ ଭାରତୀୟ ଜନତା ପାର୍ଟିର ଆଇଟି ସେଲ୍‌ର ହାତ ରହିଛି । ଏକ ସାକ୍ଷାତକାରରେ ସୋନାକ୍ଷୀ ଜଣେ ବୁଦ୍ଧିମତୀ ଝିଅ ଏବଂ କେଉଁ ସମୟରେ କେଉଁ ପ୍ରସଙ୍ଗରେ ନିଜର ମତାମତ ରଖିବାକୁ ହେବ, ସେ ବିଷୟରେ ସେ ଭଲଭାବେ ଜାଣିଛନ୍ତି ବୋଲି ଶତ୍ରୁଘ୍ନ ସିହ୍ନା ମତ ଦେଇଛନ୍ତି । ସିଜେପିର ଜନ୍ତର-ମନ୍ତର ପ୍ରଦର୍ଶନକୁ ସୋନାକ୍ଷୀ ଖୋଲାଖୋଲି ସମର୍ଥନ କରିଥିବା ବେଳେ ଝାଡ଼ଖଣ୍ଡର ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ନୀରବ ରହିଥିବା ନେଇ ଉଠିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ନିକଟରେ ସୋନାକ୍ଷୀ ଝାଡ଼ଖଣ୍ଡର ପିଲାମାନଙ୍କ ସମର୍ଥନରେ ଅତ୍ୟନ୍ତ ଦୃଢ଼ ଓ ସ୍ପଷ୍ଟ ସ୍ୱର ଉତ୍ତୋଳନ କରିଥିଲେ ବୋଲି ସେ ମତ ଦେଇଥିଲେ । ସେହିଭଳି ସୋନାକ୍ଷୀଙ୍କର ରାଜନୀତି ପ୍ରବେଶକୁ ନେଇ ମଧ୍ୟ ସେ ସ୍ପଷ୍ଟଭାବେ ମନା କରି ନାହାନ୍ତି । ସେ ଏ ବିଷୟରେ ବର୍ତ୍ତମାନ କିଛି ମତ ଦେବାକୁ ମନା କରିଥିଲେ, ଯାହା ଫ୍ୟାନଙ୍କୁ ଖୋରାକ ଯୋଗାଇଛି । ତେଣୁ ସୋସିଆଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାସହ ଝିଅଙ୍କୁ ହେଉଥିବା ସୋସିଆଲ ମିଡିଆ ଟ୍ରୋଲିଂକୁ ପେଡ୍ ଟ୍ରୋଲ୍ସ ବୋଲି ସେ ଦାବି କରିଛନ୍ତି । ଏପରିକି ଏହି ଟ୍ରୋଲରମାନଙ୍କୁ ନିଜକୁ ମଧ୍ୟ ଜଣାନଥାଏ ଯେ ସେମାନେ କ'ଣ ଲେଖୁଛନ୍ତି, ସେମାନଙ୍କୁ କେବଳ ପ୍ରସ୍ତୁତ ଡ୍ରାଫ୍ଟ କିମ୍ବା କଣ୍ଟେଣ୍ଟ ଦିଆଯାଏ ଏବଂ ସେମାନେ ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।



## ଇତିହାସ

୧୯୨୨- ଆମେରିକୀୟ ଭଣ୍ଡାର ସନ୍ଧାନକାରୀ ତଥା ମେଲ୍ ଫିସର୍ ସାମୁଦ୍ରିକ ମ୍ୟୁଜିଅମ୍‌ର ସଂସ୍ଥାପକ ମେଲ୍ ଫିସର୍‌ଙ୍କ ଜନ୍ମ ।

୧୯୩୧-ପ୍ରସିଦ୍ଧ ଶାସ୍ତ୍ରୀୟ ସଂଗୀତଜ୍ଞ ପଣ୍ଡିତ ବିଷ୍ଣୁ ଦିଗମ୍ବର ପୁଲସ୍କରଙ୍କ ଦେହାନ୍ତ ।

୧୯୭୨- ବନ୍ୟଜନ୍ତୁ ସଂରକ୍ଷଣ ଆଇନକୁ ମଞ୍ଜୁରି ।

୧୯୮୬- କ୍ୟାମ୍‌ରୁନ୍‌ରେ ଜ୍ୱାଳାମୁଖୀ ବିସ୍ଫୋରଣରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ପାଇଁ ୨୦୦୦ ଲୋକଙ୍କ ମୃତ୍ୟୁ ।

୧୯୮୬- ୧୦୦ ଓ ୨୦୦ ମିଟର ଦୌଡରେ ବିଶ୍ୱ ରେକର୍ଡ କରିଥିବା ଆଥ୍‌ଲେଟ୍ ୟୁସେନ୍ ବୋଲ୍ଟଙ୍କ ଜନ୍ମ।

୨୦୦୪- ଓଡ଼ିଶାର ବିଶିଷ୍ଟ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାଏଙ୍କ ଦେହାନ୍ତ



୨୦୦୬- ଭାରତରତ୍ନ ସମ୍ମାନିତ ପ୍ରଖ୍ୟାତ ବଇଁଶି ବାଦକ ଉସ୍ତାଦ ବିସମିଲ୍ଲା ଖାନ୍‌ଙ୍କ ଦେହାନ୍ତ ।

୨୦୦୮- ମୁନ୍ ମିସନ୍ ପାଇଁ ନାସା ସହିତ ହାତ ମିଶାଇଲା ଭାରତ ।

## ସୁପରମ୍ୟାନ ରୋବୋଟ

ଚୀନର ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ୟୁନିଟ୍ରି' ଦ୍ୱାରା ନିର୍ମିତ 'ସୁପରମ୍ୟାନ୍' ନାମକ ଏକ ହ୍ୟୁମାନୋଏଡ୍ ରୋବୋଟ୍ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଏହା ଡେମୋ ଟେଷ୍ଟରେ ବିଶ୍ୱର ସବୁଠାରୁ ଦ୍ରୁତତମ ଆଥଲେଟ୍ ଉସେନ୍ ବୋଲ୍ଟଙ୍କ ରେକର୍ଡକୁ ପଛରେ ପକାଇ ନୂଆ ଇତିହାସ ରଚିଛି । ସାଂଘାଇଠାରେ ଅନୁଷ୍ଠିତ ଏହି ଡେମୋ ପ୍ରଦର୍ଶନରେ ରୋବୋଟ୍‌ଟି ସେକେଣ୍ଡ ପ୍ରତି ୧୨.୬୬ ମିଟରର ସର୍ବାଧିକ ଗତିରେ ଦୌଡି ଏହି ସଫଳତା ଅର୍ଜନ କରିଛି । ଏହା ୨୦୦୯ ମସିହାରେ ବୋଲ୍ଟଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ସେକେଣ୍ଡ ପ୍ରତି ୧୨.୪୨ ମିଟରର ଶୀର୍ଷ ଗତିଠାରୁ ଅଧିକ । ମାତ୍ର ୩ ମାସରେ ତିଆରି ହୋଇଥିବା ଏହି




ରୋବୋଟ୍ ଏହି ବେଗରେ ୧୦୦ ମିଟର ଦୌଡ଼କୁ ମାତ୍ର ୭.୯ ସେକେଣ୍ଡରେ ପୂରଣ କରିବା ସହ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ୨ ମିଟର ଉଚ୍ଚତା ପର୍ଯ୍ୟନ୍ତ ଡେଇଁବାର ଦକ୍ଷତା ପ୍ରଦର୍ଶନ କରିଛି । କେବଳ ଦୌଡ଼ିବା ନୁହେଁ, ପୂର୍ବରୁ ଡ୍ୟାନ୍ସ ଏବଂ ମାର୍ଶଲ ଆର୍ଟ କରିବାରେ ମଧ୍ୟ ନିଜର ପାରଙ୍ଗମତା ଦେଖାଇସାରିଥିବା ଏହି କମ୍ପାନୀ ଜୁଲାଇ ଶେଷ ସୁଦ୍ଧା ପ୍ରାୟ ୧୮ ହଜାର ବାଇପେଡାଲ୍ ହ୍ୟୁମାନୋଏଡ୍ ରୋବୋଟ୍ ନିର୍ମାଣ କରିସାରିଛି । ତେବେ ଏହି ସେକେଣ୍ଡ ପ୍ରତି ୧୨.୬୬ ମିଟର ଗତିର ଅଫିସିଆଲ୍ ପୁଷ୍ଟି ହେବା ବାକି ଅଛି ।

## ସୋସିଆଲ କୋଟ୍ସ



ଆଜିକାଲି ଅନେକ ଘଟଣା ଘଟୁଛି , ଯେଉଁଥିରେ ଜଣେ ଲଭର ହେଉ କିମ୍ବା କପଲ ଜଣେ ଅନ୍ୟଜଣଙ୍କୁ ମାରୁଛନ୍ତି। ପଶ୍ଚିମୀ ସଭ୍ୟତା ଆପଣାଇବା ଠିକ ଅଛି । ହେଲେ ସେମାନେ ଜଣେ ଅନ୍ୟଜଣଙ୍କୁ ମାରୁ ନାହାନ୍ତି, କିନ୍ତୁ ଭାରତରେ ତାହା ଘଟୁଛି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ଗୋଲ୍ଡେନ ଟେମ୍ପଲ ସବୁଠାରୁ ଶାନ୍ତି ସ୍ଥାନ । ଏଠାକୁ ଆସିବାକୁ ମୁଁ ଖୁବ ଭଲ ପାଏ । ଏଠାକୁ ଆସିଲେ ମନକୁ ଖୁବ ଶାନ୍ତି ମିଳିଥାଏ ।

**ସୁନିଲ ସେଟ୍ଟୀ, ଅଭିନେତା**



ମୁଁ ଜେଲରେ ଥିବାବେଳେ ଶୁଣିଥିଲି କି ଶିଳ୍ପା ମୋତେ ଛାଡପତ୍ର ଦେବେ । ତାହା ମୋତେ ଖୁବ ବାଧିଥିଲା । ଲାଗିଲା ଜୀବନରେ ଆଉ କିଛି ନାହିଁ ।

**ରାଜ କୁନ୍ଦ୍ରା, ବ୍ୟବସାୟୀ**

## ଅଭିନବ ପ୍ରତିବାଦ

ମହାରାଷ୍ଟ୍ରର ନାସିକ୍‌ରେ ଖରାପ ରାସ୍ତା ସମସ୍ୟାର ପ୍ରତିକାର ଦାବିରେ ଜଣେ ବ୍ୟକ୍ତି ଏକ ନିଆରା ଢଙ୍ଗରେ ପ୍ରତିବାଦ କରି ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ଣ୍ଣି ଶ୍ରୀସାଗର ନାମକ ଏହି ବ୍ୟକ୍ତିଜଣକ ନିଜର 'ରୁଦ୍ର' ନାମକ ମଇଁଷି ପିଠିରେ 'ଯମଦୂତ' ଲେଖି, ତା' ଉପରେ ବସି ଖାଲଖମାରେ ଭରା ବିପଜ୍ଜନକ ରାସ୍ତା ଦେଇ ଯାଇ ନିଜର ବିରୋଧ ଜାହିର କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୈନନ୍ଦିନ ଯିବା ଆସିବାରେ ପ୍ରତିବନ୍ଧକ ସାଜିଥିବା ଏହି ଖରାପ ରାସ୍ତା ଓ ଖାଲ ଯୋଗୁଁ ଅବଧି ମଧ୍ୟରେ ପ୍ରାୟ ୫ ଜଣ ପ୍ରାଣ ହରାଇସାରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ବର୍ଣ୍ଣି ଏଭଳି ଅଭିନବ ଉପାୟ ଆପଣାଇଛନ୍ତି । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ପ୍ରଦର୍ଶନର ଭିଡିଓ ବର୍ତ୍ତମାନ ଖୁବ ଟ୍ରେଣ୍ଡରେ ରହୁଥିବା ଦେଖିବାକୁ ମିଳୁଛି ।




## ସାଇକେଲରେ ନିଶା ନିବାରଣ ସନ୍ଦେଶ

କେରଳର ସାଇକ୍ଲିଷ୍ଟ ସନୀଦ ନିଶା ନିବାରଣ ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଏକ ନିଆରା ତଥା ସାହସିକ ଯାତ୍ରା ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ ସେ ଆଗ ଚକ ନଥିବା ଗୋଟିଏ ଚକିଆ ସାଇକେଲ୍‌ରେ କେରଳରୁ ନେପାଳ ଦେଇ ଏଭରେଷ୍ଟ ବେସ୍ କ୍ୟାମ୍ପ ପର୍ଯ୍ୟନ୍ତ ୧୧,୦୦୦ କିଲୋମିଟରର ଏକ ଅସାଧାରଣ ଯାତ୍ରାରେ ବାହାରିଛନ୍ତି । ତାଙ୍କର ଗତ ୧୨ ବର୍ଷ ଧରି ବାଇକ୍ ଷ୍ଟଣ୍ଟିଂର ଅଭିଜ୍ଞତା ରହିଛି। ବର୍ତ୍ତମାନ ସେ କେବଳ ପଛ ଚକ ସାହାଯ୍ୟରେ




ସନ୍ତୁଳନ ରକ୍ଷା କରି ପ୍ରତିଦିନ ହାରାହାରି ୫୦-୬୦ କିଲୋମିଟର ଚଳାଇ ପାରୁଛନ୍ତି। ସେହିଭଳି ଦିନକରେ ସେ ସର୍ବାଧିକ ୧୫୦ କିଲୋମିଟର ପର୍ଯ୍ୟନ୍ତ ସାଇକେଲ ଚଳାଇ ଏପର୍ଯ୍ୟନ୍ତ ୭,୦୦୦ କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିସାରିଛନ୍ତି। ପୂର୍ବରୁ ଏହିଭଳି ଗୋଟିଏ ଚକିଆ ସାଇକେଲରେ ସେ କେରଳରୁ କାଶ୍ମୀର ପର୍ଯ୍ୟନ୍ତ ଯାତ୍ରା ସଫଳତାର ସହ ପୂରଣ କରିଛନ୍ତି । ଯଦି ତାଙ୍କର ଏହି କଠିନ ଯାତ୍ରା ଜଣେ ହେଲେ ବି ବ୍ୟକ୍ତିଙ୍କ ଚିନ୍ତାଧାରା ବଦଳାଇବାରେ ସଫଳ ହୁଏ, ତେବେ ସେହି ସମାଜ ସଂସ୍କାର ହିଁ ତାଙ୍କ ପାଇଁ ପ୍ରକୃତ ୱାର୍ଲ୍ଡ ରେକର୍ଡ ହେବବୋଲି ସେ ମତ ଦେଇଛନ୍ତି ।



**ମେଷ:** ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ସୁସ୍ଥ, ଅର୍ଥସମସ୍ୟା, ଅଯଥାକଷ୍ଟ, ଶତ୍ରୁସମସ୍ୟା, ଦ୍ରବ୍ୟଲାଭ, ଅନୁଷ୍ଠାନରୁ ଲାଭ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟସୁଖ, ସମ୍ପତ୍ତିବିବାଦ, ଦୂରଯାତ୍ରା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-କୁବେର ଭଗବାନ ।

**ବୃଷ:** ମାନସିକଶାନ୍ତି, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, ଶୁଭଆଲୋଚନା, ବ୍ୟବସାୟରେ ସଫଳ, ପ୍ରୀତି ବୃଦ୍ଧି, ବନ୍ଧୁସାହାଯ୍ୟ, ଶରୀରକଷ୍ଟ, ଅଯଥାବିବାଦ, ଶତ୍ରୁସମସ୍ୟା, ବନ୍ଧୁଗୃହେ ଯାତ୍ରା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ମିଥୁନ:** ସମ୍ପର୍କରେ ଉନ୍ନତି, ମାନସିକଶାନ୍ତି, ଶରୀର ସୁସ୍ଥ, ଦାମ୍ପତ୍ୟସୁଖ, ସନ୍ତାନସୁଖ, ସମ୍ପତ୍ତିଲାଭ, ଖୁସିଖବର, ସ୍ୱଜନ ବିବାଦ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ସୁସମ୍ବାଦ, ନୂତନ କର୍ମଆରମ୍ଭ, ମାନସିକ ଖୁସି, ଶତ୍ରୁ ପରାଜିତ, ବିଦେଶ ଭ୍ରମଣ, ସନ୍ତାନଖୁସି, ଶରୀର ସୁସ୍ଥ, ଗୃହେ ସହଯୋଗ, ବିଦ୍ୟାରେ ସଫଳ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା' ମହାଲକ୍ଷ୍ମୀ ।

**ସିଂହ:** ରଣଭାର ବୃଦ୍ଧି, କାର୍ଯ୍ୟରେ ସମସ୍ୟା, ସନ୍ତାନ ସମସ୍ୟା, ବ୍ୟବସାୟରେ ଶତ୍ରୁତା, ଶରୀର କଷ୍ଟ, ମାନସିକ ଅବସାଦ, ସମ୍ପତ୍ତିସମସ୍ୟା, ବିଦ୍ୟାରେ ସଫଳତା, ମଘା, ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭଖବର ପ୍ରାପ୍ତି, ସନ୍ତାନଲାଭ, ଦୂରଯାତ୍ରା ସଫଳ, ପାରିବାରିକ ବିବାଦ, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' କୋଟିଲାଇ ।

**ତୁଳା:** ଶୁଭଖବର, ନୂତନକର୍ମଲାଭ, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ବନ୍ଧୁଲାଭ, ସନ୍ତାନଖୁସି, ସୁମିଷ୍ଟ ଭୋଜନ, ଶରୀର ସୁସ୍ଥ, ଅର୍ଥସମସ୍ୟା ଦୂର, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କରଭଗବାନ ।

**ବିଛା:** ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, ପାରିବାରିକ ସହଯୋଗ, କର୍ମକ୍ଷେତ୍ରେ ସଫଳ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁସହଯୋଗ, କ୍ରୟବିକ୍ରୟ, ବ୍ୟବସାୟରେ କଷ୍ଟ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଭଗବବାନ ବିଷ୍ଣୁ ।

**ଧନୁ:** ସଫଳତା, କର୍ମକ୍ଷେତ୍ରେ ପ୍ରଶଂସା, ସମ୍ମାନଲାଭ, ଅର୍ଥଲାଭ, ମାନସିକ ଶାନ୍ତି, ଭୂମିଲାଭ, ଦାମ୍ପତ୍ୟସୁଖ, ଶତ୍ରୁ ପରାଜିତ, ପଡ଼ୋଶୀ କଳହ, ସନ୍ତାନଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ରାଧାକୃଷ୍ଣ ।

**ମକର:** ଅପମାନଯୋଗ, ଅର୍ଥସମସ୍ୟା, ଶରୀର କଷ୍ଟ, ବନ୍ଧୁସାହାଯ୍ୟ, ଅଯଥା ବିବାଦ, ସନ୍ତାନଖୁସି, ବିଦେଶଯାତ୍ରା, ବ୍ୟବସାୟିକ କଷ୍ଟ, ବନ୍ଧୁଦର୍ଶନ, ଦାମ୍ପତ୍ୟଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୭, ଆରାଧନା-ମା' ଗୌରୀ ।

**କୁମ୍ଭ:** ଖୁସିଖବର, ଧନଲାଭ, ଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ଭୂସମ୍ପତ୍ତିଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଖୁସିଖବର, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟ ସଫଳ, ବନ୍ଧୁଲାଭ, ନୂତନ କର୍ମନିଯୁକ୍ତି, ଅର୍ଥଲାଭ, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନଲାଭ, ଦେବଦର୍ଶନ, ପ୍ରତ୍ୟେକ କାର୍ଯ୍ୟରେ ସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

ଶ୍ରାବଣ ଶୁକ୍ଳପକ୍ଷ ନବମୀ
୨୧.୮.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଖରିଫ ଋତୁ ଧାନ ସଂଗ୍ରହ ଲାଗି ଚାଷୀ ପଞ୍ଜିକରଣ ତ୍ୱରାନ୍ୱିତ

# ଏବେ ସୁଦ୍ଧା ସାଢେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ

ଭୁବନେଶ୍ୱର(ସବ୍ୟୁ): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସାଢେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଲେଣି । ଏହି ପଞ୍ଜିକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପଞ୍ଜିକରଣ ପ୍ରକ୍ରିୟା ଅବଧି ଶେଷ ହେବାକୁ ଯାଉଥିବାରୁ ଅଧିକ ଚାଷୀ ପଞ୍ଜିକରଣ କରୁଥିବା ଦୃଷ୍ଟିକୁ ଆସିଛି । ଏଥି ନିମନ୍ତେ ଚାଷୀ ପଞ୍ଜିକରଣ ପାଇଁ ପ୍ରାଥମିକ କୃଷି ସମବାୟ ସମିତି, ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି ଏବଂ ପାଣି ପଞ୍ଚାୟତରେ ପଞ୍ଜିକରଣ କରାଯାଉଛି । ଏଥିରେ ପଞ୍ଜିକରଣ ପାଇଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହ ଏବେ ଦୈନିକ ପ୍ରାୟ ଏକ ଲକ୍ଷ ଚାଷୀ ପଞ୍ଜିକରଣ କରୁଥିବା ଲକ୍ଷ୍ୟ କରାଯାଉଛି ।

ବର୍ତ୍ତମାନ ଏହି ପଞ୍ଜିକରଣ ପ୍ରକ୍ରିୟା ସମସ୍ତ ଜିଲ୍ଲାରେ ଜାରି ରହିଛି । ବରଗଡ଼ ଜିଲ୍ଲାରେ ପ୍ରାୟ ୬୦ ହଜାର ଚାଷୀ ପଞ୍ଜିକରଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୪୩ ହଜାର, କଳାହାଣ୍ଡିରେ ୪୦ ହଜାର ଓ ପୁରୀ ଜିଲ୍ଲାରେ ପ୍ରାୟ ୨୪ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି । ରାଜ୍ୟରେ ବର୍ତ୍ତମାନ ୨୯୦୭ଟି ପ୍ୟାକ୍ସ ଓ ୪ଟି ପାଣି ପଞ୍ଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଜାରି ରହିଛି । ସଂପୃକ୍ତ ପ୍ୟାକ୍ସଗୁଡ଼ିକରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ସମିତିର କର୍ମଚାରୀମାନେ ନିଜ ପାଖରେ ବସାଇ ପଞ୍ଜିକରଣ କାର୍ଯ୍ୟ କରାଉଛନ୍ତି ଯାହାଦ୍ୱାରା ଦାଖଲ ହେଉଥିବା ସମସ୍ତ ତଥ୍ୟ ଚାଷୀମାନେ ଜାଣି ପାରୁଛନ୍ତି । ପଞ୍ଜିକରଣ ବେଳେ ସୋସାଇଟି ମାନଙ୍କରେ ସହାୟତା କେନ୍ଦ୍ର ଖୋଲାଯାଇ ଆବେଦନାକାରୀଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯାଉଛି । ଏଥିସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ, ମୋବାଇଲ୍ ନମ୍ବର,

**▸▸ ଦୈନିକ ପଞ୍ଜିକରଣ କରୁଛନ୍ତି ଏକ ଲକ୍ଷ ଚାଷୀ**

**▸▸ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଇ-କେୱାଇସି**

। ଏହି ସମୟରେ ଚାଷୀମାନଙ୍କ ଆଧାର ନମ୍ବର, ମୋବାଇଲ ନମ୍ବର, ପି-ପାସ୍ ମାଧ୍ୟମରେ ଦାଖଲ କରି ପଞ୍ଜିକରଣ ପ୍ରକ୍ରିୟା ଶେଷ କରାଯାଉଛି ଏବଂ ବିନା ଶୁ◂ରେ ଚାଷୀମାନଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ କରାଯାଉଛି । ପଞ୍ଜିକରଣ ବେଳେ ପ୍ରଦତ୍ତ ତଥ୍ୟକୁ ନିର୍ଭୁଲ କରିବା ପାଇଁ ଚାଷୀଙ୍କ ଉପସ୍ଥିତିରେ ପଞ୍ଜିକରଣ ସଂପନ୍ନ କରାଯାଉଛି । ଚଳିତ ବର୍ଷର ବ୍ୟବସ୍ଥା ଅନୁଯାୟୀ ଚାଷୀମାନଙ୍କୁ ପି-ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତି ପତ୍ର ଅପଲୋଡ୍ କରାଯାଉଛି । ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ୍ୟ ସଂପନ୍ନ କରାଯାଉଛି ।

ପଞ୍ଜିକରଣ ପ୍ରକ୍ରିୟା ସମ୍ବନ୍ଧରେ କୌଣସି ଅଭିଯୋଗ ଓ ମତାମତ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜାରି ଟୋଲ ଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରିବାକୁ ଅନୁରୋଧ ।

# ପିଆଇବି ଓ ସିବିସି ଭୁବନେଶ୍ୱରରେ କାର୍ଯ୍ୟ ସମୀକ୍ଷା କଲେ ପୂର୍ବାଞ୍ଚଳ ଡିଜି

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପୂର୍ବାଞ୍ଚଳ ମହାନିର୍ଦ୍ଦେଶକ (ଡିଜି ଟି.ଭି.କେ. ରେଡ୍ଡୀ ଆଜି ଭୁବନେଶ୍ୱରସ୍ଥିତ ପିଆଇବି ଓ ସିବିସିର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ପିଆଇବି ଓ ସିବିସି, ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକଳାପ, ଉପଲବ୍ଧି ଏବଂ ଜାରି ରହିଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ।ଏଥିସହିତ ସେ ବିଭିନ୍ନ ଜନସମ୍ପର୍କ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ନେଇ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ମତ ବିନିମୟ କରିଛନ୍ତି ।

ଏହି ଅବସରରେ ଟି.ଭି.କେ. ରେଡ୍ଡୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି "ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ଏକ ଭଲ ପ୍ରଥା" ବୋଲି କହିଥିଲେ। ସେ ପିଆଇବି ଓ ସିବିସି, ଭୁବନେଶ୍ୱରର କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହ ଉଭୟ କାର୍ଯ୍ୟାଳୟ ଭଲ କାମ କରୁଥିବା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି ଗଣମାଧ୍ୟମ ଗସ୍ତ, ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଏବଂ ସେଗୁଡ଼ିକର ସୁଗମ ପରିଚାଳନାକୁ ସେ ପ୍ରଶଂସା କରିଥିଲେ। ଏଭଳି ପରିଦର୍ଶନ ଦ୍ୱାରା ସ୍ଥାନୀୟ ସ୍ତରରେ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପକୁ ନିକଟରୁ ବୁଝିବା ସହ ଅଧିକାରୀ ଓ କର୍ମଚାରୀମାନଙ୍କ



ସହ ପ୍ରତ୍ୟକ୍ଷ ମତବିନିମୟର ସୁଯୋଗ ମିଳିଥାଏ ବୋଲି ସେ ଉଲ୍ଲେଖ କରିଥିଲେ। ଶ୍ରୀ ରେଡ୍ଡୀ ସରକାରୀ ପଦକ୍ଷେପଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ପ୍ରତ୍ୟକ୍ଷ ଏବଂ ଆପୋସ ଯୋଗାଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରମୁଖ ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବାରେ ସିବିସିର କ୍ଷେତ୍ରସ୍ତରୀୟ ଯୋଗାଯୋଗ ଏବଂ ପ୍ରସାର ପଦ୍ଧତିର ପ୍ରଭାବ ଉପରେ ଆଲୋକପାତ କରିଥିଲେ ଏବଂ ତୃଣମୂଳସ୍ତରରେ ଏହାର ଉପଯୋଗିତା ବିଷୟରେ ମତ ରଖିଥିଲେ । ଏହା ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ଯୋଗାଯୋଗ ବ୍ୟବଧାନକୁ ପୂରଣ କରିବା, ଅଧିକ ସଚେତନତା ବୃଦ୍ଧି କରିବା ଏବଂ ସାର୍ବଜନୀନ ପ୍ରସାର ପଦକ୍ଷେପର ପ୍ରଭାବକୁ ସୁଦୃଢ଼ କରିବାରେ ସାହାଯ୍ୟ କରିପାରିବ ବୋଲି ସେ ଜୋର୍ ଦେଇ କହିଥିଲେ ।

ପିଆଇବି ଓ ସିବିସି, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ନିଜ ଅଭିଭାଷଣରେ ବିଭିନ୍ନ କାର୍ଯ୍ୟକଳାପ ଓ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିବା ସହ ସରକାରଙ୍କ ବିଭିନ୍ନ ନୀତି, ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ନିକଟରେ ପ୍ରଭାବଶାଳୀ ଭାବେ ପହଞ୍ଚାଇବାରେ ଉଭୟ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଆଇବି ଓ ସିବିସି ମଧ୍ୟରେ ଉତ୍ତମ ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଲୋକସମ୍ପର୍କ କାର୍ଯ୍ୟକଳାପକୁ ଆହୁରି ବ୍ୟାପକ ଓ ପ୍ରଭାବଶାଳୀ କରିବା ତଥା ଗଣମାଧ୍ୟମ ସହ ନିରନ୍ତର ଯୋଗାଯୋଗ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ଆଞ୍ଚଳିକ ସମ୍ବାଦ ବିଭାଗର ମୁଖ୍ୟ ତଥା ଉପ-ନିର୍ଦ୍ଦେଶକ ଅଭିଷେକ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆରଏନୟୁ ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ । ସିବିସି, ଭୁବନେଶ୍ୱର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ ବିଭାଗ ଦ୍ୱାରା ପରିଚାଳିତ ମୁଖ୍ୟ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିପରି, ସିବିସିର ପ୍ରଶାସନିକ ଅଧିକାରୀ ବଳଦେବ ସିଂ ସଂସ୍ଥାର ପ୍ରମୁଖ ସଫଳତା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହାପରେ ସିବିସିର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ବୈଠକରେ ପିଆଇବି ଏବଂ ସିବିସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଜାତୀୟ ସ୍ୱଚ୍ଛତା ମାନ୍ୟତାରେ ପ୍ରଥମ ସ୍ଥାନ ହାସଲ ଆହ୍ୱାନ

# ସୈନିକସ୍କୁଲ ଅଞ୍ଚଳରେ ଆବର୍ଜନା ଦୁର୍ଗନ୍ଧ ସମସ୍ୟାର ହେବ ସମାଧାନ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଦୁଇ ପ୍ରମୁଖ ସହରାଞ୍ଚଳ ପାଇଁ ଏକ ଲକ୍ଷ୍ୟ ନିର୍ଦ୍ଧାରଣ କରି ଜାତୀୟ ସ୍ୱଚ୍ଛତା ସର୍ବେକ୍ଷଣ ମାନ୍ୟତାରେ ଶୀର୍ଷ ସ୍ଥାନ ହାସଲ କରିବାକୁ ବିଏମସି ଓ କେଏମସିକୁ ଆହ୍ୱାନ ଦିଆଯାଇଛି । ଆଗାମୀ ଜାତୀୟ ସ୍ୱଚ୍ଛତା ମୂଲ୍ୟାୟନରେ ଭୁବନେଶ୍ୱର ଏବଂ କଟକ ଯେପରି ପ୍ରଥମ ସ୍ଥାନ(ନମ୍ବର-୧) ଅଧିକାର କରିବେ, ସେଥିପାଇଁ ଉଭୟ ପୌରସଂସ୍ଥା ମିଶନ ମୋଡ଼ରେ କାର୍ଯ୍ୟ କରିବା ସହ ନିଜ ପ୍ରୟାସକୁ ଦ୍ୱିଗୁଣିତ କରିବା ଉଚିତ ।



ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ଉନ୍ନତି ଭବନର ସମ୍ମିଳନୀ କକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏବଂ କଟକ ମହାନଗର ନିଗମ (କେଏମସି)ରେ ସ୍ୱଚ୍ଛତା, ଡ୍ରେନେଜ୍ ଓ ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ପ୍ରବଳ ବର୍ଷା ସମୟରେ ଜଳବନ୍ଦୀ ଓ ସହରାଞ୍ଚଳ ବନ୍ୟା ପରିସ୍ଥିତିର ସମୀକ୍ଷା କରି ମନ୍ତ୍ରୀ ଡ. ମହାପାତ୍ର ମେସିନ୍ ଦ୍ୱାରା ଡ୍ରେନ୍ ସଫେଇ ଏବଂ ନିୟମିତ ପଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ କେତେକ ସ୍ଥାନରେ ସଂକୀର୍ଣ୍ଣ ଡ୍ରେନ୍ ଏବଂ ୩ରୁ ୪ ଫୁଟ ପର୍ଯ୍ୟନ୍ତ ପଙ୍କ ଜମି ରହିଥିବା ଜଣାପଡ଼ିଥିବାରୁ, ବ୍ୟାପକ ଡ୍ରେନ୍ ସଫେଇ ପାଇଁ ଅତ୍ୟାଧୁନିକ ଯନ୍ତ୍ରାଂଶ ନିୟୋଜିତ କରିବାକୁ ଏବଂ ଜଳ ନିଷ୍କାସନ କ୍ଷମତା ବଜାୟ ରଖି ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ବଡ଼ ଡ୍ରେନଗୁଡ଼ିକୁ ବର୍ଷକୁ ଅତି କମରେ ୩ ଥର ପଙ୍କମୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଇସ୍କନ ମନ୍ଦିର ନିକଟରେ ଚାଲିଥିବା ଡ୍ରେନେଜ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରି ସେଠାରେ ଲାଗି ରହୁଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ବେହେରା ସାହିରେ ଡ୍ରେନେଜ୍ କାର୍ଯ୍ୟକୁ ଦ୍ରୁତ ଗତିରେ ଶେଷ କରିବା ଏବଂ ବିଏମସି ଅଧୀନରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରାସ୍ତା ସହିତ ଡ୍ରେନ୍ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ କୁହାଯାଇଛି । ସୈନିକ ସ୍କୁଲ ଅଞ୍ଚଳ ସମେତ ଚିହ୍ନଟ ସ୍ଥାନଗୁଡ଼ିକରେ ବାରମ୍ବାର ଆବର୍ଜନା ଜମା ହେବା ଏବଂ ଦୁର୍ଗନ୍ଧ ସମସ୍ୟାର ସମାଧାନ ପାଇଁ ଅଭିନବ ତଥା ପ୍ରଯୁକ୍ତିବିଦ୍ୟା ଆଧାରିତ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛତା କାର୍ଯ୍ୟ କେବଳ ଦୈନନ୍ଦିନ ଝାଡୁ-ସଫେଇରେ ସୀମିତ ନରହି ଏକ ସ୍ୱଚ୍ଛ, ସୁସ୍ଥ ଓ ବାସୋପଯୋଗୀ ସହର ଗଠନ ପାଇଁ ଦୀର୍ଘସ୍ଥାୟୀ ତଥା ପ୍ରଯୁକ୍ତି-ଆଧାରିତ ସମାଧାନକୁ ଆପଣାଇବା ଆବଶ୍ୟକ ବୋଲି ସେ କହିଛନ୍ତି । ଏହି ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସ୍‌ବିଏମ (ଅର୍ବାନ) ମିଶନ ଡାଇରେକ୍ଟର ବିନୟ କୁମାର ଦାଶ, ବିଏମସି କମିଶନର ଚଞ୍ଚଳ ରାଣା, କେଏମସି କମିଶନର କିରଣଦୀପ କୌର ସାହୋତା, ୱାଟକୋ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ଓଡ଼କ୍ଲୁସଏସବି ଇଆଇସି ଭାଗ୍ୟଧର ମହାନ୍ତି ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

### ଚୋରି ମାମଲାରେ ଯୁବକ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅଞ୍ଚଳରେ ଘରେ ପଶି ଚୋରି ଅଭିଯୋଗରେ ପୁଲିସ ମଝିକେରା ଗ୍ରାମର ସରୋଜ ବରାଳଙ୍କୁ ଗିରଫ କରିଛି । ଏନେଇ ସତ୍ୟବାଦୀ ଥାନାରେ କେସ ନଂ-୩୩୨/୨୦୨୬ ରୁଜୁ ହୋଇଛି । ଗତ ଶନିବାର ରାତିରେ ଉତ୍ତରପଡ଼ା ସାମିଲ ପୁରୁଣା ସୋମେଶ୍ୱରପୁର ଗ୍ରାମର ନୀଳକଣ୍ଠ ବାରିକଙ୍କ ଘର ପଛପଟ ବାଡ଼ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରବେଶ କରି ୩୫୦ଟି ନଡ଼ିଆ, ନଗଦ ୨୫ ହଜାର ଟଙ୍କା, ଗ୍ୟାସ ଚୁଲା ଓ ଅନ୍ୟ ସାମଗ୍ରୀ ଚୋରି କରିଥିଲେ ।ଅଭିଯୋଗ ପରେ ସତ୍ୟବାଦୀ ପୁଲିସ ତଦନ୍ତ କରି ୧୮ ତାରିଖରେ ସରୋଜଙ୍କୁ ଗିରଫ କରି ସତ୍ୟବାଦୀ ଜେଏମଏଫ୍ସି କୋର୍ଟକୁ ଚାଲାଣ କରିଛି । ତାଙ୍କ ନିକଟରୁ ନଗଦ ୨୫ ହଜାର ଟଙ୍କା, ୨୮୦ଟି ନଡ଼ିଆ, ଗୋଟିଏ ଗ୍ୟାସ ଚୁଲା ଓ ଗୋଟିଏ ଆଲୁମିନିୟମ ହଣ୍ଡା ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ସତ୍ୟବାଦୀ ଥାନାରେ ୬ଟି ମାମଲା ରହିଅଛି ବୋଲି ସତ୍ୟବାଦୀ ଆଇ ଆଇ ସି ସୌମ୍ୟ ରଞ୍ଜନ ମହାଳିକ ସୂଚନା ପ୍ରଦାନ କରିଥିଲେ ।

### ଅନଲାଇନ୍ ଟ୍ୟାକ୍ସି ଚାଳକ ଓ ପୋଲିସ ମୁହାଁମୁହିଁ ଘଟଣା

# ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଅନଲାଇନ୍ ଟ୍ୟାକ୍ସି ଚାଳକ ସଂଘ ଓ ପୋଲିସ ମୁହାଁମୁହିଁ ଘଟଣାକୁ ନେଇ ବିଜୁ ଜନତା ନିଜ ପ୍ରତିକ୍ରିୟା ପ୍ରକାଶ କରିଛି । ଗଣତାନ୍ତ୍ରିକ ଆନ୍ଦୋଳନରେ ହିଂସାର କୌଣସି ସ୍ଥାନ ନାହିଁ । ହିଂସାତ୍ମକ କାର୍ଯ୍ୟକଳାପକୁ ବିଜେଡି ନିନ୍ଦା କରୁଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବିଭିନ୍ନ ଦାବି ନେଇ ଓଲା, ଉବେର ଓ ରାପିଡୋ ଟ୍ୟାକ୍ସି ଚାଳକ ମାନେ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ । ଗତକାଲି ହୋଇଥିବା ଆନ୍ଦୋଳନରେ ଡ୍ରାଇଭରମାନେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ । ମାଷ୍ଟରକ୍ୟାଣ୍ଟିନ ଛକରେ ପଥର ମାଡ଼, ଆମ ବସ୍ ଓ ପୋଲିସ ଗାଡ଼ି ଭଙ୍ଗାରୁଜା ଏବଂ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରୁଛି । ଆଇନକୁ ହାତକୁ ନେଇଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ଆନ୍ଦୋଳନ କରିବା ପାଇଁ ଏକ ସଙ୍ଗେ ୪୦୦ରୁ ୫୦୦ ଅଟୋ ଭୁବନେଶ୍ୱର ସହରର ପ୍ରମୁଖ ରାସ୍ତା ଉପରେ ଗାଡି ପାର୍କି କରି ତାହାକୁ ବନ୍ଦ କରିଦେଲେ । କିନ୍ତୁ ଏହାର ଆଗୁଆ ଖବର ପୋଲିସ ପ୍ରଶାସନ ପାଖରେ ନଥିବା ସମସ୍ତଙ୍କୁ ଚକିତ କରିଛି । ଆନ୍ଦୋଳନ ପୂର୍ବରୁ ଅନ୍ଲାଇନ ଅଟୋ ଚାଳକ ସଂଘ ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଭୁବନେଶ୍ୱରରେ ୧ ଦିନ ଆନ୍ଦୋଳନ ପାଇଁ ଆବେଦନ କରିଥିବା ବେଳେ ପୋଲିସ ପ୍ରଶାସନ ମଧ୍ୟ ଅନୁମତି ପ୍ରଦାନ କରିଥିଲା । ପ୍ରଥମ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା । ଗୋଟେ ଦିନ ଆନ୍ଦୋଳନ ପାଇଁ ଅନ୍ଲାଇନ ଅଟୋ ଚଳାକ ସଂଘ ଆବେଦନ କରିଥିବା ବେଳେ ଏହାର ପରଦିନ ଆନ୍ଦୋଳନକୁ ପୋଲିସ ପ୍ରଶାସନ କିପରି ଅନୁମତି ପ୍ରଦାନ କଲା, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଡ଼ ମହାନ୍ତି ଚାଳକ ମାନେ ଆନ୍ଦୋଳନ କରୁଥିଲେ । ଅଗଷ୍ଟ ୧୭ରୁ ଚାଳକ ମାନେ ୩ ଦିନ ଧରି ଆନ୍ଦୋଳନ କରୁଥିବା ବେଳେ ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ବଦଳରେ ରାଜ୍ୟ ସରକାର ନିରବ ରହିଲେ । ଯାହା ଫଳରେ ଅସନ୍ତୋଷ ବଢ଼ି ବଢ଼ି ଉଗ୍ରରୂପ ନେଇଥିଲା। ମାଷ୍ଟର କ୍ୟାଣ୍ଟିନ ଛକରେ ଘଟିଥିବା ଘଟଣାରେ ଗୁଇନ୍ଦା ବିଭାଗ ଓ ପୋଲିସ ପ୍ରଶାସନ ବିଫଳତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲ ଡ଼ ମହାନ୍ତି ଦାବି କରିଥିଲେ ।

### ବନ୍ୟା ବିପନ୍ନ ୪ ଜିଲ୍ଲା ପାଇଁ ଅଣ୍ଟା ଭିଡିଲା ଭାରତ ମସଲା

# ବାଣ୍ଟିଲା ୧୦ ହଜାର ଶୁଖିଲା ଖାଦ୍ୟ ପ୍ୟାକେଟ୍

କଟକ,( ସବ୍ୟୁ):କେବଳ ବ୍ୟବସାୟ ନୁହେଁ ଲୋକଙ୍କ ସହିତ ସୁଖ ଦୁଃଖ ର ସାଥୀ ହୋଇ ଆସିଛି ଭାରତ ମସଲା କମ୍ପାନୀ। ସାମାଜିକ ଦାୟିତ୍ୱବୋଧତାକୁ କମ୍ପାନୀର ଏକ ଅଙ୍ଗ ଭାବେ ଗ୍ରହଣ କରି ଦୈବ ଦୁର୍ବିପାକ ସମୟରେ ଲୋକଙ୍କ ସେବା ପାଇଁ ନିଜର କର୍ତ୍ତବ୍ୟ ସମ୍ପାଦନା କରିଆସୁଛି। ଏହି ପରିପ୍ରେକ୍ଷୀରେ ୪ ଟି ଜିଲ୍ଲାର ବନ୍ୟା ପ୍ରପୀଡିତ ପରିବାରଙ୍କୁ ସାଧମତେ ୧୦,୦୦୦ ପ୍ୟାକେଟ୍ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ବିଶେଷ କରି କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାର ବନ୍ୟାରେ ପ୍ରଭାବିତ ହୋଇଥିବା ପରିବାର ଙ୍କୁ ଏହି ଖାଦ୍ୟ ବଣ୍ଟାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ମାଧ୍ୟମରେ ଏହି ରିଲିଫ୍ ସାମଗ୍ରୀ ବନ୍ୟା ପ୍ରଭାବିତ ବିଭିନ୍ନ ବ୍ଲକ୍‌କୁ ପଠାଯାଇଛି। ବନ୍ୟାରେ ପ୍ରଭାବିତ ପରିବାରଗୁଡ଼ିକ



ଯେପରି ଆବଶ୍ୟକ ଖାଦ୍ୟ ସାମଗ୍ରୀ ସମୟୋଚିତ ଭାବେ ପାଇପାରିବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଏହି ସହାୟତା ପ୍ରଦାନ କରାଯାଇଛି। ୧୯୯୯ ମସିହା ମହାବାତ୍ୟା ରେ କମ୍ପାନୀ ସହଯୋଗ ର ହାତ ବଢ଼ାଇ ଏକ ବିରାଟ ଦାୟିତ୍ୱ ସମ୍ପାଦନା କରିଥିବା ବେଳେ ଆଗକୁ ସବୁବେଳେ ଏହି ଧାରା ଅବ୍ୟାହତ ରହିବ ବୋଲି କମ୍ପାନୀର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପଣ୍ଡା କହିଛନ୍ତି।

### ବିଚ୍ ଫଟୋଗ୍ରାଫର ମହସଂଘ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ

ପୁରୀ, (ସବ୍ୟୁ): ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ତରଫରୁ ବିଶ୍ୱ ଫଟୋ ଗ୍ରାଫି ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି ।ଏହି ଅବସରରେ ଏକ ସଚେତନତା ରାଲି ପୁରୀ ସମୁଦ୍ର କୂଳ ଠାରେ ସକାଳେ ଅନୁଷ୍ଠିତ ହୋଇ ଥିଲା ଏହି ରାଲି କୁ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସମୁଦ୍ର କୂଳ ଥାନା ଅଧିକାରୀ ଶ୍ରୀଯୁକ୍ତ ମାନସ ଚକ୍ରା ଉଦଘାଟନ କରିଥିଲେ। ରାଲି ଦିଗବାରେଣୀ ଖୁଣ୍ଟି ଠାରୁ ଆରମ୍ଭ ହୋଇ ହଂଶ କୋକୋ ପାମ ପାଖରେ ଶେଷ ହୋଇ ଥିଲା। ସନ୍ଧ୍ୟାରେ ପୁରୀ ପୌରସଦନ ଠାରେ ଏକ ସୋତନ୍ତ୍ର ଉତ୍ସବ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ ପୁରୀ ସମୁଦ୍ର କୂଳରେ କେହି ଯେପରି ନିଜର ଜୀବନ ଜୀବିକା ନ ହରେଇବେ ସେଥିପାଇଁ ଦୃଷ୍ଟି ଦେଇ ପୁରୀ ବେଳାଭୂମିର ଉନ୍ନତି କରଣ କରାଯିବ ବୋଲି କହି ଥିଲେ ଏହା ସହିତ ଫଟୋ ଗ୍ରାଫର ମାନଙ୍କ ପାଇଁ ଯେମିତି ଖୁବ୍ ପରିଚୟ ପତ୍ର ପ୍ରଦାନ କରାଯିବ ଆଗାମୀ ସାତ ଦିନ ଭିତରେ ଏଥି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଅନ୍ୟ ତମ ସମ୍ମାନିତ ଅତିଥି ଭାବରେ ମାନ୍ୟବର ସାଂସଦ ପୁରୀ ଶ୍ରୀଯୁକ୍ତ ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ଫଟୋ ଗ୍ରାଫି ଓ ପର୍ଯ୍ୟଟନ ଅଙ୍ଗା ଅଙ୍ଗି ଭାବରେ ଜଡ଼ିତ ଓ ପୁରୀ ବିଚ୍ ଫଟୋଗ୍ରାଫର ମହସଂଘ୍ ଏକ ଶୃଙ୍ଖଳିତ ସଂଘ ବୋଲି କହିଥିଲେ।

### ଓଡ଼ିଶାରେ ଏସ୍‌ଆଇଆର୍‌ର ସଫଳ କାର୍ଯ୍ୟାନ୍ୱୟନ

# ରାଜ୍ୟର ଏସ୍‌ଆଇଆର ମଡେଲକୁ ଗ୍ରହଣ କରିବ ମହାରାଷ୍ଟ୍ର

ଭୁବନେଶ୍ୱର(ସବ୍ୟୁ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟାର ସଫଳ କାର୍ଯ୍ୟାନ୍ୱୟନ ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଅଭିଜ୍ଞତା



ବାଣ୍ଟିଛନ୍ତି । ମହାରାଷ୍ଟ୍ର ସିଇଓ ଏସ୍. ଚୋକାଲିଙ୍ଗମ୍‌ଙ୍କ ନିମନ୍ତ୍ରଣ କ୍ରମେ ମୁମ୍ବାଇ ଗସ୍ତ କରି ଗୋପାଳନ ବୃହନମୁମ୍ବାଇ ମହାନଗର ନିଗମର ୪ ଜଣ ଅତିରିକ୍ତ ପୌର ଆୟୁକ୍ତ, ୫ଟି ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସମ୍ବୋଧିତ କରିଥିଲେ ।

ଏହି ଆଲୋଚନା ଚକ୍ରରେ ଓଡ଼ିଶାରେ ସଫଳତାପୂର୍ବକ ସମ୍ପାଦିତ ହୋଇଥିବା ଏସଆଇଆର ପ୍ରକ୍ରିୟାର ଯୋଜନା, ସମୀକ୍ଷା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷ କରି ନିର୍ବାଚକମାନଙ୍କର ସଠିକ୍ ମ୍ୟାପିଂ, କ୍ଷେତ୍ର ସ୍ତରୀୟ ସମନ୍ୱୟ, ପ୍ରଯୁକ୍ତିବିଦ୍ୟା ଆଧାରିତ ମନିଟରିଂ, ନୋଟିସ୍ ଜାରି, ଶୁଣାଣି ଏବଂ ମାମଲାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ଉପରେ ଓଡ଼ିଶା ସିଇଓ ଶ୍ରୀ ଗୋପାଳନ ଆଲୋକପାତ କରିଥିଲେ ।

ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ସଂଶୋଧନ ପ୍ରକ୍ରିୟାରେ ନାଗରିକଙ୍କ ସ ହ ଭା ଗି ତା କୁ ସହଜ କରିବା ଏବଂ ଯୋଗ୍ୟ ନାଗରିକମାନଙ୍କୁ ନିଜ ଭୋଟର ତାଲିକାର ବିବରଣୀ ଯାଞ୍ଚ ଓ ଅଦ୍ୟତନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାରେ ବର୍ତ୍ତମାନର ଭୋଟର ତାଲିକାକୁ ପୂର୍ବ ଭୋଟର ତାଲିକା ସହିତ ମ୍ୟାପିଂ କରିବାର ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ । ବୁଥ୍‌ୱାରୀ ଓ ବିଏଲ୍‌ଓ ୱାରୀ ମ୍ୟାପିଂ ପ୍ରଗତିର ନିରନ୍ତର ତଦାରଖ, କମ୍ ପ୍ରଗତି ହେଉଥିବା ଅଞ୍ଚଳରେ ସ୍ୱତନ୍ତ୍ର ହସ୍ତକ୍ଷେପ ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ତଥ୍ୟଭିତ୍ତିକ ମନିଟରିଂ ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ଓଡ଼ିଶା ମଡେଲର ମୁଖ୍ୟ ବୈଶିଷ୍ଟ୍ୟ ବୋଲି ସେ କହିଥିଲେ ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବାରେ ନିୟମିତ ସମୀକ୍ଷା ବୈଠକ, ସମସ୍ୟା ଚିହ୍ନଟ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଶାର ଅଭିଜ୍ଞତାରୁ ପ୍ରମାଣିତ ହୋଇଛି ବୋଲି ସେ କହିଥିଲେ । ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନେ ଶ୍ରୀ ଗୋପାଳନଙ୍କ ସହ ଏସ୍‌ଆଇଆର୍ କାର୍ଯ୍ୟାନ୍ୱୟନର ବିଭିନ୍ନ ପରିଚାଳନାଗତ ଦିଗ ଉପରେ ଆଲୋଚନା କରିଥିଲେ । ଶ୍ରୀ ଚୋକ୍କାଲିଙ୍ଗମ୍ ଏସ୍‌ଆଇଆର୍ କାର୍ଯ୍ୟାନ୍ୱୟନରେ ଓଡ଼ିଶା ମଡେଲ୍ ଏବଂ ରାଜ୍ୟ ଆପଣାଇଥିବା ସୁସଂଗଠିତ ପଦ୍ଧତିକୁ ପ୍ରଶଂସା କରିଥିଲେ। ବିଶେଷ କରି ମ୍ୟାପିଂ, ମନିଟରିଂ, ନୋଟିସ୍ ପ୍ରସ୍ତୁତି ଓ ଶୁଣାଣି କ୍ଷେତ୍ରରେ ଓଡ଼ିଶାର ଶ୍ରେଷ୍ଠ ପଦ୍ଧତିଗୁଡ଼ିକୁ ମହାରାଷ୍ଟ୍ରରେ ଏସ୍‌ଆଇଆରର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଉପଯୁକ୍ତ ଭାବେ ପରୀକ୍ଷା କରି ଆପଣାଯିବ ବୋଲି ସେ ପ୍ରକାଶ କରିଥିଲେ ।

**ମହାରାଷ୍ଟ୍ର ନିର୍ବାଚନ ଅଧିକାରୀଙ୍କୁ ଗୁରୁମନ୍ତ୍ର ଦେଲେ ଗୋପାଳନ**

# ସେପ୍ଟେମ୍ବର ୧୨ରେ ଖୋର୍ଦ୍ଧା ଜିଲ୍ଲାର ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର(ସବ୍ୟୁ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ସେପେଟମ୍ବର ୧୨ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ/ ରାଜସ୍ୱ ଅଦାଲତ ପରିସରରେ ଆୟୋଜନ ହେବ ବୋଲି ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମାମଲା ଯଥା-ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଟ୍ରାଫିକ୍ ଚାଲାଣ, ରାଜସ୍ୱ, ଶ୍ରମ, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ମୋଟର ଦୁର୍ଘଟଣା, ଜମିଜମା ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

କେବଳ ବିଚାରାଧିନ ମାମଲା ନୁହେଁ, ଅଦାଲତରେ ମାମଲା ଦାୟର ହୋଇ ନଥାଇ ମଧ୍ୟ ପ୍ରାକ୍ ମୋକଦ୍ଦମାସ୍ତରୀୟ ବିବାଦ ଯଥା-ବାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ, ପାନୀୟ ଜଳ ବିଲ୍ ଅନାଦେୟ ମାମଲା ଗୁଡିକର ମଧ୍ୟ ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ଆପୋଷ ସହମତି ଭିତ୍ତିରେ ସମାଧାନ ହୋଇପାରିବ । ଉକ୍ତ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ହିତାଧିକାରୀମାନଙ୍କୁ ଦେବାକୁ ପଡ଼ିବ ନାହିଁ । ଲୋକ ଅଦାଲତର ରାୟ ଚୂଡ଼ାନ୍ତ, ବୈଧ ତଥା ଅମଳଯୋଗ୍ୟ ଅଟେ । ଯଦି କୌଣସି ବିଚାରାଧିନ ମାମଲାର ସମାଧାନ ଲୋକ ଅଦାଲତରେ ହୋଇଥାଏ ତେବେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

ଏଣୁ ଦୀର୍ଘ ଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ଓ ସରଳ ସମାଧାନ ପାଇଁ ଓ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ଓ ସବିଶେଷ ବିବରଣୀୟ ପାଇଁ ଭୁବନେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣ କିମ୍ବା ନିକଟସ୍ଥ ଅଦାଲତ ପରିସରରେ ଥିବା ଆଇନ ସେବା କମିଟି/ ଅଦାଲତଙ୍କ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

# ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରନି ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ, ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସର ସ୍ଥିତ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ନେତା ସର୍ବଶ୍ରୀ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ମିନାକ୍ଷୀ ବାହିନୀପତି, ଚିନ୍ମୟ ପ୍ରସାଦ ବେହୁରା, ଅରବିନ୍ଦ ଦାସ, ସୁଧିର ପଣ୍ଡା, ଭୁବନ ବିହାରି ସାହୁ, ମିହିର ଆଚାର୍ଯ୍ୟ, ଦେଓ ପ୍ରସାଦ, ପ୍ରଣତୀ ମିଶ୍ର, ପ୍ରଦୀପ ମହାପାତ୍ର, ମୋଟରାଜ ତୁଙ୍ଗତୁଙ୍ଗ, ଶ୍ରୀୟା



ଅମୀୟ ପଟ୍ଟନାୟକ, ଅଭୟ ସାହୁ, ମନୋରଞ୍ଜନ ଦାଶ, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି, ପ୍ରକାଶ ମିଶ୍ର, ସଂଜୟ ମିଶ୍ର, ଲିଙ୍ଗରାଜ ସାହୁ, ଜୟସ୍ମିତା ମହାନ୍ତି, ବିଣାପାଣି ସାମଲ, ମହାନ୍ତି, ଆଶିଷ ମଲ୍ଲିକ, ସଂଜୟ ମଣ୍ଡଳ, ବସନ୍ତ ପଣ୍ଡା, ଭାସ୍କର ସେଠୀ, ଉଷାରାଣୀ ବେହେରା, ଏସଏନ ଅଲ୍ଲି, ଏମଡି ସାହାଦୁଲ୍ଲା, ଖଗେଶ୍ୱର ମଲ୍ଲିକ, ଅମିଷା ସାମନ୍ତରାୟ, ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ମଦ ଜବତ: ଜଣେ ଗିରଫ

ନିରାକାରପୁର, (ସବ୍ୟୁ): ନିରାକାରପୁର ଥାନା ପୁଲିସ ଦ୍ୱାରା ବେଆଇନ ମଦ ଚାଲାଣ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତାଲାପଡ଼ା-ମିରିଗଡ଼ାୟଣୀ ରୋଡ୍ରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବେଆଇନ ମଦ ସହ ଗୋଟିଏ ସ୍କୁଟି ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ କେସ ନଂ- ୨୮୨/୨୮ ଅବକାରୀ ମାମଲାରେ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବାବୁରାବା ଗ୍ରାମର ସ୍ୱର୍ଗତ ଅର୍ଜୁନ ସାହୁଙ୍କ ପୁଅ ଅସିତ ସାମନ୍ତରାୟ (୫୨) ବୋଲି ପୋଲିସ କହିଛି । ତା ୪୮ ବୋତଲ କିଙ୍ଗଫିସର ବିୟର (ମୋଟ ୩୧ ଲିଟର ୨୦୦ ମିଲିଲିଟର ମଦ) ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି ।ଆସନ୍ତାକାଲି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

### କିମ୍ସ ଡାକ୍ତରଙ୍କ ସଫଳତା

# ୧୦ମାସର ଶିଶୁ ଖାଦ୍ୟନଳୀରୁ ବାହାରିଲା ଧାତବ ପିନ୍

ଭୁବନେଶ୍ୱର, (ସବ୍ୟୁ): ୧୦ ମାସର ଶିଶୁ ଅସାବଧାନତା ଭାବେ ଗିଳି ଦେଇଥିଲା ଧାତବ ପିନ୍। କିମ୍ସ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ଶିଶୁଟି ମୃତ୍ୟୁ ମୁହଁରୁ ବଞ୍ଚିଯାଇଛି । ରାଉରକେଲାର ୧୦ ମାସର ଶିଶୁ ଏକ ଧାତବ ପିନ୍ ଗିଳି ଦେଇଥିଲା। ପିନ୍ଟି ଶିଶୁର ଖାଦ୍ୟନଳୀରେ ଅଟକି ରହିଥିଲା। ଶିଶୁଟି ବାରମ୍ବାର ବାନ୍ତି କରିବାରୁ ତାକୁ ତାର ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାରେ ଦେଖାଇଥିଲେ। ବାନ୍ତିର କାରଣ ଜଣାନପଡ଼ିବାରୁ ତାକୁ ୧୮ତାରିଖରେ ସେମାନେ କିମ୍ସରେ ଭର୍ତ୍ତି କରିଥିଲେ। କିମ୍ସ ଡାକ୍ତରମାନେ ବିଭିନ୍ନ ପରୀକ୍ଷା କରିବା ପରେ ଶିଶୁଟିର ଗଳା ତଳକୁ ଖାଦ୍ୟନଳୀର ଉପର ଅଂଶରେ ଏକ ତୀକ୍ଷ୍ଣ ପିନ୍ ଅଟକି ରହିଥିବା ଜାଣିବାକୁ ପାଇଥିଲେ। ପିନ୍ଟି ତୀକ୍ଷ୍ଣ ହୋଇ ଥିବାରୁ ଏହାକୁ ଖାଦ୍ୟନଳୀରୁ କାଢ଼ିବା ଡାକ୍ତରଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। ଏହାକୁ ସିଧା ସଳଖ କାଢ଼ିଲେ ଏହା ଖାଦ୍ୟ ନଳୀରେ



ଗଭୀର କ୍ଷତ ସୃଷ୍ଟି ସହ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିଲା। ତେବେ ଖାଦ୍ୟନଳୀରେ କୌଣସି କ୍ଷତ ସୃଷ୍ଟି ନକରି କିପରି ପିନ୍ଟିକୁ କଢ଼ାଯିବ ସେ ନେଇ ଡାକ୍ତରୀ ଦଳ ସତର୍କତାର ପ୍ରକ୍ରିୟା ପ୍ରସ୍ତୁତ କରିଥିଲେ। କିମ୍ସ କର୍ଣ୍ଣ-ନାସା-ଗଳା, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ନିଶ୍ଚେତକ ବିଶେଷଜ୍ଞଙ୍କୁ ଗଠିତ ଏକ ଡାକ୍ତରୀ ଦଳ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ ପ୍ରକ୍ରିୟାରେ ପିନ୍ଟିକୁ ପେଟକୁ ଆଣିବା ପରେ ସେଠାରୁ ବାହାରକୁ ବାହାର କରିଥିଲେ। ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ପ୍ରକ୍ରିୟାରେ କୌଣସି ଜଟିଳତା ଆସିନଥିଲା। କିମ୍ସ ଇଏନ୍ଟି ବିଶେଷଜ୍ଞ ଡା କବିକାନ୍ତ ସାମନ୍ତରାୟ, ଡା ମାନସ ରଞ୍ଜନ ରାଉତ, ଡା. ଟି ରାଜମୋହନ ରାଓ, ଡା ଦିବ୍ୟଲୋଚନ ପ୍ରହରାଜ ଓ ଡା ସ୍ନେହାଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଏହି ଜଟିଳ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ। ଏଭଳି ପ୍ରକ୍ରିୟା କରିବା ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରାଯିବା ଉଚିତ ବୋଲି ଡା ସାମନ୍ତରାୟ ପ୍ରକାଶ କରିଛନ୍ତି। କିମ୍ସରେ ଉନ୍ନତ ଏଣ୍ଡୋସ୍କୋପିକ୍ ଉପକରଣ ଥିବାରୁ ଏହା ସମ୍ଭବ ହୋଇପାରିଲା ବୋଲି ସେ କହିଛନ୍ତି । ଶିଶୁଟିର ସଫଳ ଚିକିତ୍ସା ପାଇଁ ତାର ଅଭିଭାବକ କିମ୍ସ ଓ ଏହାର ଡାକ୍ତରୀ ଦଳକୁ କୃତଜ୍ଞତା ଜଣାଇଛନ୍ତି। ଏଭଳି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳ ଧନ୍ୟବାଦ ଜଣାଇବା ସହ ଶିଶୁର ଆରୋଗ୍ୟ କାମନା କରିଛନ୍ତି।



ଭୁବନେଶ୍ୱର ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ପାଳନ

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ନିମନ୍ତେ ଶପଥ ଗ୍ରହଣ

କଟକ,(ସବ୍ୟୁ):ନିଶାମୁକ୍ତ ଭାରତ ଅଭିଯାନର ଅନ୍ତର୍ଗତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା କକ୍ଷଠାରେ ଏକ ସଚେତନତା ତଥା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥପାଠ କରାଯାଇଥିଲା । ନିଶାଶକ୍ତ ବ୍ୟକ୍ତି କେବଳ ନିଜ ଜୀବନକୁ ପ୍ରଭାବିତ କରେ ନାହିଁ, ଏହା ପରିବାର ଓ ସମାଜ ଉପରେ ମଧ ଗଭୀର ପ୍ରଭାବ ପକାଇଥାଏ। ତେଣୁ ନିଶା ନିବାରଣ ପାଇଁ ସମସ୍ତଙ୍କ ସକ୍ରିୟ ଭାଗୀଦାରି ଅତ୍ୟନ୍ତ ଆବଶ୍ୟକ ବୋଲି ସଭାରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଡଃ. ଦିବ୍ୟଲୋଚନ ମହନ୍ତ ଏବଂ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଅବକାରୀ ଅଧୀକ୍ଷକ ଶ୍ରୀ କରୁଣାଶଙ୍କର ତିୱାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ର ଦେବସ୍ମିତା ଭଉଣୀ, କାର୍ତ୍ତି ଭଉଣୀ ଓ ଭାଇମାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ରଥ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ।

# ନାବାଳିକା ବଳାତ୍କାରୀକୁ ୨୦ ବର୍ଷ ଜେଲ

ଭୁବନେଶ୍ୱର, (ସବ୍ୟୁ) : ଚଳିତ ବର୍ଷ ଫେବୃଆରୀ ମାସରେ ଚନ୍ଦକା ଥାନା ଅଞ୍ଚଳରେ ଘଟିଥିବା ଜଣେ ନାବାଳିକା ବଳାକିର ମାମଲାର ବଳାକିରୀ ବାୟା ସାହୁ(୬୨)କୁ ଗୁରୁବାର ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛି ଅଦାଲତ । ୧୦ ଜଣ ସାକ୍ଷୀଙ୍କ ଜବାନ ବନ୍ଦି ଏବଂ ୧୯ ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ପୋକ୍ସୋ ସ୍ୱତନ୍ତ୍ର ଜଜ୍ ତଥା ଅତିରିକ୍ତ ସେସନ୍ ଜଜ୍ ଏହି ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜୋରିମାନା ପାଇଁ କୋର୍ଟ ତାଙ୍କ ରାୟରେ କହିଛନ୍ତି । ଜରିମାନା ଅନାଦାୟ ହେଲେ ଅତିରିକ୍ତ୧ ବର୍ଷ ଜେଲରେ ରହିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ଏତଦ୍ ବ୍ୟତୀତ ୬ ଲକ୍ଷ ଟଙ୍କା ପୀଡିତାଙ୍କୁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଚନ୍ଦକା ଥାନା ଅନ୍ତର୍ଗତ ଜଗାବଳିଆ ବସ୍ତିରେ ରୁହନ୍ତି ପୀଡିତାଙ୍କ ପରିବାର । ଅଭିଯୁକ୍ତ ବାୟା ସାହୁ ତାଙ୍କ ପଡୋଶୀ ଗତ ଫେବୃଆରୀ ୧୧ ତାରିଖ ୩.୩୦ ସମୟରେ ଏତଲାକାରିଣୀଙ୍କ ୮ ବର୍ଷର ନାବାଳିକା ଝିଅ ଶୌଚ ହେବା ପାଇଁ ଘର ବାହାରକୁ ଯାଇଥିଲେ । ଏହି ସମୟରେ ପଡୋଶୀ ତଥା ଅଭିଯୁକ୍ତ ବାୟା ସାହୁ ଖରାପ ଉଦ୍ଦେଶ୍ୟରେ ନାବାଳିକା ଝିଅ ପଛେ ପଛେ ଯାଇଥିଲା । ସେଠାରେ ତାଙ୍କ ପଛପଟୁ ଜୋରରେ ଚାପିଧରି ବଳାକାର କରିଥିଲା । ନିଜକୁ ରକ୍ଷା କରିବା ପାଇଁ ନାବାଳିକା ଝିଅଟି ଜୋରରେ ଚିକାର କରିଥିଲେ । ଚିକାର ଶୁଣି ପଡୋଶୀଜଣେ ମହିଳା ଘଟଣାସ୍ଥଳକୁ ଦୌଡି ଯାଇ ସାହାଯ୍ୟ ପାଇର୍ ତାକ ପକାଇଥିଲେ । ତାଙ୍କ ପାଟି ଶୁଣି ଅନ୍ୟ ଲୋକମାନେ ମଧ ସେଠାରେ ଜମା ହୋଇଯାଇଥିଲେ । ଲୋକମାନେ ଏକାଠି ହେବା ଦେଖି ବାୟା ସାହୁ ଘଟଣା ସ୍ଥଳରୁ ଦୌଡି ପଳାଇଥିଲା । ପରିବାର ଲୋକେ ଘଟଣା ସମୟରେ ପଚାରିବାରୁ ସେ କାନ୍ଦି କାନ୍ଦି ସମସ୍ତ ଘଟଣା କହିଥିଲା । ଚନ୍ଦକା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ବାୟା ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ବିଶିଷ୍ଟ ବ୍ୟବସାୟୀ ମୋହନଲାଲ୍‌ଜୀ ଅଗ୍ରୱାଲଙ୍କ ପରଲୋକ

ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ବ୍ୟବସାୟୀ ତଥା ଏଆରଏସ୍ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟ ଲିଃ.ର ପ୍ରତିଷ୍ଠାତା ମୋହନଲାଲ୍‌ଜୀ ଅଗ୍ରୱାଲଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଗୁରୁବାର ତାଙ୍କର ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ବଡ଼ ପୁଅ ସୁବାସ ଅଗ୍ରୱାଲ ମୁଖାଗ୍ନି ଦେଇଛନ୍ତି ।



ସ୍ୱର୍ଗତ ଅଗ୍ରୱାଲ ଜଣେ ପରୋପକାରୀ, ସ୍ନେହବତ୍ସଳ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ଅନେକ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ସୁବାସ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ପୁତ୍ରବଧୂ, ନାତି ନାତୁଣୀ, ଝିଅ ଜ୍ୱାଇଁ ପ୍ରମୁଖ ମଧ ଉପସ୍ଥିତ ରହିଥିଲେ । ଏଆର୍ଏସ୍ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଛି ।

# ନନ୍ଦନକାନନରେ ବ୍ଲାକବକର ମୃତ୍ୟୁ

ବାରଙ୍ଗ , (ସବ୍ୟୁ): ନନ୍ଦନକାନନ ପ୍ରାଣୀଉଦ୍ୟାନରେ ବାଘ ଛୁଆ ପ୍ରିନ୍ସ ମୃତ୍ୟୁର ଶୋକ ଲିଭି ନଥିବା ବେଳେ ବୁଧବାର ଦିନ ପୁଣି ୬୮ ନମ୍ବର ଖୁଆଡରେ ରହୁଥିବା ଏକ ଅଣ୍ଡିରା ବ୍ଲାକବକ (କୃଷ୍ଣସାର ମୃଗ) ର ମୃତ୍ୟୁ ହୋଇଛି । ବୁଧବାର ସକାଳେ ଖୁଆଡ ଭିତରେ ବ୍ଲାକ ବକ ମୃତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା । ବାର୍ଦ୍ଧକ୍ୟର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜାଣିବାପାଇଁ କର୍ତ୍ତୃପକ୍ଷ ବନ୍ୟପ୍ରାଣୀ ଚିକିତ୍ସକଙ୍କଦ୍ୱାରା ମୃତହରିଣର ଶବବ୍ୟବଚ୍ଛେଦ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସୂଚନା ମିଳିଛି ।

# ବଡ଼ଧରଣର କ୍ରିପ୍ଟୋ ପଞ୍ଜି ଠକେଇ ମାମଲାରେ ଆଉ ଜଣେ ଠକ ଗିରଫ

ଭୁବନେଶ୍ୱର, (ପ୍ରଦୀପ୍ତ କୁମାର ଦାସ) : ଓଡ଼ିଶା ଅର୍ଥନୈତିକ ଅପରାଧ ଶାଖା ତଥା ଇଓଡବ୍ଲ୍ୟୁ ଦ୍ୱାରା ଜଗତସିଂହପୁର ଗୋପାଳପୁରରୁ ଏକ ବଡ଼ ଧରଣର କ୍ରିପଟୋ ପଞ୍ଜି ଠକେଇ ମାମଲାର ଆଉ ଜଣେ ସହ ଅଭିଯୁକ୍ତ ଚିତ୍ତ ରଞ୍ଜନ ମହାନ୍ତିଙ୍କୁ ଗୁରୁବାର ଗିରଫ କରାଯାଇଛି। ଇଓଡବ୍ଲ୍ୟୁ ଥାନା କେସ୍ ନଂ ୨୫ ମୁତାବକ (ତା ୧୬.୧୦.୨୦୨୩),ଦଫା ୪୨୦/୪୬୭/୪୬୮/୪୭୧/୧୨୦ (ବି) ଆଇପିସି ସହିତ ପିସିଏମସି (ବ୍ୟାନିଂ) ଆକ୍ଟ,୧୯୭୮ର ସେକ୍ସନ ୪, ୫,୬ ଓପିଆଇଡି ଆକ୍ଟ,୨୦୧୧ର ସେକ୍ସନ ୬/ ଆଇଟି ଆକ୍ଟ,୨୦୦୦ର ସେକ୍ସନ ୬୬(ସି) ଅଧୀନରେ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କଟକସ୍ଥିତ ନିର୍ଦ୍ଦିଷ୍ଟ ଓପିଆଇଡି ଅଦାଲତରେ ହାଜର କରାଯାଇଛି। ଗତ ୨୦୨୩ ରେ ପୁରୀ ଦୈତାପଡ଼ା ସାହି,ମାର୍କେଟ ଛକର ସ୍ୱାଗତ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ଏହି ଠକେଇ ମାମଲା ରୁଜୁ ହୋଇଥିଲା ।ସେ ଅଭିଯୋଗ କରିଥିଲେ ଯେ 'ୟେସ୍ ୱାର୍ଲ୍ଡ' ର ସନ୍ଦୀପ ଚୌଧୁରୀ,ବସନ୍ତ କୁମାର ଓ ମନୋଜ କୁମାର ପଟ୍ଟନାୟକ ଏବଂ ଅନ୍ୟମାନେ ତାଙ୍କଠାରୁ ପ୍ରାୟ ୮୫,୦୦୦ ଟଙ୍କା ଠକେଇ କରିଛନ୍ତି ।ତେବେ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଶଙ୍କର ସରକାର ଏବଂ ଚିତ୍ତରଞ୍ଜନ ମହାନ୍ତି ସେମାନଙ୍କ ସହଯୋଗୀମାନଙ୍କ ସହ ମିଶି "ୟେସ୍ ୱାର୍ଲ୍ଡ"ନାମରେ ଏକ ୱେବ୍ ପ୍ଲାଟଫର୍ମ ଚଳାଉଥିଲେ ।ସେମାନେ ମିଳିତ ଭାବେ ୟେସ୍ ୱାର୍ଲ୍ଡ"ର ଆଢୁଆଳରେ କ୍ରିପ୍ଟୋ ଆକାଉଣ୍ଟରେ ନିବେଶ ବାହାନାରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ଆକୃଷ୍ଟ କରିବା ସହ ସାଧାରଣ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରୁଥିଲେ।



ଅଭିଯୁକ୍ତମାନେ ବହୁତ କମ୍ ସମୟ ମଧ୍ୟରେ ଅଧିକ ରିଟର୍ଣ୍ଣର ପ୍ରଲୋଭନ ଦେଖାଇ ଠକିବା ସହ ସେମାନଙ୍କ ତଳେ ଅଧିକରୁ ଅଧିକ ଲୋକଙ୍କୁ(ଯାହାକୁ ଡାଉନଲାଇନ୍ ମେମ୍ବର କୁହାଯାଏ)ଯୋଡ଼ି ପିରାମିଡ୍ ପୋଞ୍ଜି ସ୍କିମ୍ ଆକାରରେ ବେଆଇନ ଅର୍ଥ କାରବାରର ସ୍କିମ୍ ଚଳାଉଥିଲେ ।କେବଳ ଓଡ଼ିଶାରେ ଏହିଭଳି ପ୍ରାୟ ୮୦୦୦ରୁ ଅଧିକ ସଦସ୍ୟ/ନିବେଶକ ଏହି ସ୍କିମରେ ଟଙ୍କା ନିବେଶ କରିଥିବା କୁହାଯାଉଛି। ଓଡ଼ିଶାରେ ଏହା ମୁଖ୍ୟତଃ ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର,କେନ୍ଦୁଝରେ ଏବଂ ନୟାଗଡ଼ରେ ବ୍ୟାପିଥିଲା। ଏହି ସ୍କିମ୍/ଠକେଇର ସାରା ଭାରତରେ(ପାନ ଇଣ୍ଡିଆ) ପ୍ରାୟ ୨.୫ ଲକ୍ଷ ସଦସ୍ୟ ରହିଛନ୍ତି। ଯେଉଁମାନେ ମୁଖ୍ୟତଃ ପଞ୍ଜାବ,ରାଜସ୍ଥାନ, ଓଡ଼ିଶା , ପଶ୍ଚିମବଙ୍ଗ , ହରିୟାଣା ,ଗୁଜରାଟ, ବିହାର ଓ ଝାଡ଼ଖଣ୍ଡ ଆଦି ରାଜ୍ୟର ଅଟନ୍ତି। ୟେସ୍ ୱାର୍ଲ୍ଡରେ ମୋଟ ଜଡ଼ିତ ଅର୍ଥ ସାରା ଭାରତରେ ୨୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

ସେମାନେ ପ୍ରଚାର ପ୍ରସାର କରିବା ଏବଂ ନୂଆ ସଦସ୍ୟ ଯୋଡ଼ିବା ପାଇଁ ଭୌତିକ ଫିଜିକାଲ କିମ୍ବା ଆଭାସୀ ମାଧ୍ୟମରେ ସଭା ଓ ସେମିନାର ଇତ୍ୟାଦି ଆୟୋଜନ କରି ଲୋକଙ୍କୁ ଏହି ଠକେଇ ଜାଲରେ ଫସାଉଥିଲେ। ଅଭିଯୁକ୍ତମାନେ ମନଗଢ଼ା ଲାଭ ଏବଂ ନେଟୱାର୍କର ବୃଦ୍ଧି ଦେଖାଇବା ପାଇଁ ୱେବସାଇଟ୍,ମୋବାଇଲ୍ ଆପ୍ଲିକେସନ୍ ଏବଂ ହ୍ୱାଟସଆପ୍ ଗ୍ରୁପ୍ ବ୍ୟବହାର କରୁଥିଲେ ।ଗିରଫ ଅଭିଯୁକ୍ତ ଚିତ୍ତରଞ୍ଜନ ୟେସ୍ ୱାର୍ଲ୍ଡ ର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ ।ସେ 'ୟେସ୍ ୱାର୍ଲ୍ଡ'ର ମୁଖ୍ୟ ଏବଂ ଅନ୍ୟମାନଙ୍କ ସହ ଷଡ଼ଯନ୍ତ୍ର କରି ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ସଭା ଆୟୋଜନ କରି ନିବେଶକମାନଙ୍କୁ ପ୍ରଲୋଭିତ କରିବା ସହ ଏହି ସ୍କିମର ପ୍ରଚାର ପ୍ରସାର କରୁଥିଲେ ।ସେ ସରଳ ନିବେଶକମାନଙ୍କଠାରୁ ବ୍ୟାଙ୍କ ଆକାଉଣ୍ଟ ଏବଂ ନଗଦ ମାଧ୍ୟମରେ କୋଟି କୋଟି ଟଙ୍କାର ସାଧାରଣ ଜମା ସଂଗ୍ରହ କରିଥିଲେ ।ତଦନ୍ତରୁ ଏହା ମଧ ସ୍ପଷ୍ଟ ହୋଇଛି ଯେ ନିବେଶକଙ୍କ ଆକାଉଣ୍ଟରୁ ସିଧାସଳଖ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କ ଦୁଇଟି ବ୍ୟକ୍ତିଗତ ଆକାଉଣ୍ଟକୁ ମୋଟ ୧୯.୩୨ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଛି। ପୂର୍ବରୁ ସନ୍ଦୀପ ଚୌଧୁରୀ ଏବଂ ଶଙ୍କର ସରକାର ନାମକ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।ତଦନ୍ତ ସମୟରେ ଅଭିଯୁକ୍ତ ଚିତ୍ତ ରଞ୍ଜନ ମହାନ୍ତିଙ୍କ ଦୁଇଟି ମୋବାଇଲ ହ୍ୟାଣ୍ଡସେଟ୍ ମଧ ଜବତ କରାଯାଇଛି। ତେବେ ଇଓଡବ୍ଲ୍ୟୁର ତଦନ୍ତକାରୀ ଟିମ ଏହି ଠକେଇ ମାମଲାର ଅଧିକ ତଦନ୍ତ ଜାରି ରଖିଥିବା ଇଓଡବ୍ଲ୍ୟୁ ସୂତ୍ରରୁ ପ୍ରକାଶ।

# ସୋଆ ପକ୍ଷରୁ ସଂକ୍ରମଣ ନିୟନ୍ତ୍ରଣ ରଣନୀତି ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଡାକ୍ତରଖାନାରେ ସଂକ୍ରମଣ ନିୟନ୍ତ୍ରଣର ଆଧୁନିକ ରଣନୀତି ସମ୍ପର୍କରେ ଏକ କର୍ମଶାଳା ଗତ ସୋମବାର ଆୟୋଜିତ




ହୋଇଯାଇଛି। ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ହସ୍ପିଟାଲ ଆଡମିନିଷ୍ଟ୍ରେସନ୍ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାର ଶୀର୍ଷକ ରହିଥିଲା 'ବ୍ରେକିଂ ଦ ଚେନ୍: ମଡର୍ଣ୍ଣ ଇନଫେକ୍ସନ କଂଟ୍ରୋଲ୍ ଷ୍ଟ୍ରାଟେଜିଜ୍ ଫର୍ ସେଫର୍ ହସ୍ପିଟାଲ୍ସ'। ସଂକ୍ରମଣର ପ୍ରତ୍ୟେକ ସ୍ତରକୁ ଚିହ୍ନଟ କରି ତାହାକୁ ରୋକିବା ସହ ହସ୍ପିଟାଲଗୁଡ଼ିକ କିପରି ବ୍ୟବସ୍ଥିତ ଭାବେ ସଂକ୍ରମଣକୁ ରୋକିପାରିବେ ସେ ନେଇ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ସଂକ୍ରମଣ ନିୟନ୍ତ୍ରଣ କେବଳ ମାଇକ୍ରୋବାୟୋଲୋଜିଷ୍ଟଙ୍କ ଦାୟିତ୍ୱ ନୁହେଁ, ବରଂ ହସ୍ପିଟାଲ ପ୍ରଶାସନ, ଡାକ୍ତର, ନର୍ସ, ସହାୟକ କର୍ମଚାରୀ ଏବଂ ରୋଗୀ ସେବା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଦାୟିତ୍ୱ ବୋଲି କର୍ମଶାଳାରେ ମତ ରଖାଯାଇଥିଲା।

କର୍ମଶାଳାର ବୈଷୟିକ ଅଧିବେଶନରେ ବିଶିଷ୍ଟ ସଂକ୍ରମଣ ନିୟନ୍ତ୍ରଣ ବିଶେଷଜ୍ଞ, ସମ୍ ଅଲ୍ଟିମେଟ୍ ମେଡିକେୟାରର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ତଥା ହସ୍ପିଟାଲ ଇନଫେକ୍ସନ କଂଟ୍ରୋଲର ଅଫିସର ଡକ୍ଟର ପୁରବୀ ବରାଳ ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଇନଫେକ୍ସନ ପ୍ରିଭେନସନ୍ ଆଣ୍ଡ କଂଟ୍ରୋଲର ଅଫିସର, ବାୟୋ-ସେଫ୍ଟି ଅଫିସର ତଥା ମାଇକ୍ରୋବାୟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ପ୍ରଜ୍ଞା ପି. ଜେନା ଆଧୁନିକ ସଂକ୍ରମଣ ନିୟନ୍ତ୍ରଣ ପଦ୍ଧତି ଓ ସଂକ୍ରମଣର ଶୃଙ୍ଖଳାକୁ ଭାଙ୍ଗିବାର ବିଭିନ୍ନ ରଣନୀତି ସଂପର୍କରେ ଅଭିଜ୍ଞତା ବାଂଟିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଆୟସ କାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏମ୍ଏଚ୍ଏ ପ୍ରୋଗ୍ରାମ୍ ତଥା କର୍ମଶାଳା ସଂଯୋଜକ ଡକ୍ଟର ପ୍ରୀତି ୱାଇ. ଷଡ଼ଙ୍ଗୀ କର୍ମଶାଳାର ବିଷୟବସ୍ତୁ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ। ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ମାଇକ୍ରୋବାୟୋଲୋଜି, ସଂକ୍ରମଣ ନିୟନ୍ତ୍ରଣ ଏବଂ ହସ୍ପିଟାଲ ପରିଚାଳନା ମଧ୍ୟରେ ସମନ୍ୱୟ ରହିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କର୍ମଶାଳାରେ ସ୍ୱଚ୍ଛତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ), ପୃଥକୀକରଣ, ପରିବେଶ ସଫେଇ, ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ହସ୍ପିଟାଲରେ ସୃଷ୍ଟ ସଂକ୍ରମଣ, ସଂକ୍ରମଣ ନିରୀକ୍ଷଣ ଏବଂ ଆଂଟିମାଇକ୍ରୋବାୟାଲ୍ ପ୍ରତିରୋଧ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ସୁରକ୍ଷିତ ହସ୍ପିଟାଲ ପରିବେଶ ସୃଷ୍ଟି ପାଇଁ ବହୁମୁଖୀ ଓ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା।

## ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ମିନତି ପାଣିଙ୍କ ପରଲୋକ



ଖୋର୍ଦ୍ଧା, (ସବ୍ୟୁ): ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ମିନତି ପାଣିଙ୍କର ବୁଧବାର ରାତିରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ୱାମୀ ବରିଷ୍ଠ ସାମ୍ବାଦିକ ରବି ମିଶ୍ର, କନ୍ୟା ମାଧୁରିମା ମିଶ୍ର, ପୁତ୍ର ରାହୁଲ, ରାଜା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଣି ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ବାଜପୁର ଉଚ୍ଚବିଦ୍ୟାଳୟ, ବାଜପୁର ବାଳିକା ଉଚ୍ଚବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରିବା ପରେ ସେ ବାଣପୁର ଖଣତ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସ୍ଥାପିତ ହୋଇ ସେଠାରୁ ଅବସର ନେଇଥିଲେ। ଜଣେ ଆଦର୍ଶ କର୍ତ୍ତବ୍ୟନିଷ୍ଠ ଶିକ୍ଷୟିତ୍ରୀ ଭାବେ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁଖବର ପାଇ ବହୁବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବନ୍ଦେ ମାତରମ କୁ ନେଇ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ପ୍ରସଙ୍ଗ

# କଂଗ୍ରେସ ପାଇଁ ଭୋଟବ୍ୟାଙ୍କ ବଡ଼, ଭାରତୀୟଙ୍କ ପାଇଁ 'ବନ୍ଦେ ମାତରମ୍' ସର୍ବୋପରି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ପାଇଁ ଭୋଟବ୍ୟାଙ୍କ ବଡ଼ ହୋଇପାରେ, କିନ୍ତୁ ଭାରତୀୟଙ୍କ ପାଇଁ 'ବନ୍ଦେ ମାତରମ୍' ସର୍ବୋପରି" ବୋଲି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, ଯେଉଁ 'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମ, ତ୍ୟାଗ ଓ ସ୍ୱାଭିମାନର ଅଲିଭା ଶିଖା ପ୍ରଜ୍ୱଳିତ କରିଥିଲା, ସେଥିରୁ ଦୂରେଇ ଯିବା ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି କେବଳ ଗୋଟିଏ ସାଧାରଣ ରାଜନୈତିକ ପ୍ରସ୍ତାବ ନୁହେଁ; ବରଂ ଏହା ସେମାନଙ୍କ ସଂକୀର୍ଣ୍ଣ ଓ ପୁରୁଣା ତୁଷ୍ଟୀକରଣ ମାନସିକତାର ଏକ ଜ୍ୱଳନ୍ତ ଉଦାହରଣ।

୧୯୩୭ ମସିହାରେ ମଧ କଂଗ୍ରେସ ନିଜ ଭୋଟବ୍ୟାଙ୍କ ଏବଂ ସାମ୍ପ୍ରଦାୟିକ ଚାପ ଆଗରେ ମୁଣ୍ଡ ନୁଆଁଇ 'ବନ୍ଦେ ମାତରମ୍'କୁ ସୀମିତ କରିବାର ଅପଚେଷ୍ଟା କରିଥିଲା। ସେହି ସମୟର ଏହି ତୁଷ୍ଟୀକରଣ ନୀତି ଦେଶର



ଏକତାକୁ ଦୁର୍ବଳ କରୁଥିବା ବିଚ୍ଛିନ୍ନତାବାଦୀ ଶକ୍ତିଗୁଡ଼ିକୁ ବଳ ଯୋଗାଇଥିଲା, ଯାହାର ଭୟଙ୍କର ପରିଣାମ ସ୍ୱରୂପ ଦେଶକୁ ପରବର୍ତ୍ତୀ ସମୟରେ ବିଭାଜନର ଯନ୍ତ୍ରଣା ଭୋଗିବାକୁ ପଡ଼ିଥିଲା।

ଆଜି ଯେତେବେଳେ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତିର ପବିତ୍ର ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ସେହି ଐତିହାସିକ ଭୁଲକୁ ସୁଧାରି ଏହାର ସମ୍ପୂର୍ଣ୍ଣ ଗାନକୁ ଆଇନଗତ ସଂରକ୍ଷଣ ଓ ଯଥୋଚିତ ସମ୍ମାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି, ସେତିକି ବେଳେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ପୁଣି ଥରେ ନିଜର ଦେଶବିରୋଧୀ ଓ ସଂକୀର୍ଣ୍ଣ ଚରିତ୍ର ଦେଖାଉଛି। ଇତିହାସର ସମ୍ବେଦନଶୀଳ ଭୁଲଗୁଡ଼ିକରୁ ଶିକ୍ଷା ନେବା ପରିବର୍ତ୍ତେ ସେଗୁଡ଼ିକୁ ଦୋହରାଇବାର ଜିଦ୍ କଂଗ୍ରେସ ଦଳର ବୈଚାରିକ ଶୂନ୍ୟତା ଓ ନୈତିକ ଅବକ୍ଷୟକୁ ସ୍ପଷ୍ଟ କରୁଛି। କଂଗ୍ରେସ ପାଇଁ ଦେଶର ରାଷ୍ଟ୍ରଗୌରବ ଓ ଜାତୀୟ ପ୍ରତୀକ ବଡ଼, ନା ନିଜର ସଂକୀର୍ଣ୍ଣ ଭୋଟବ୍ୟାଙ୍କ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସ୍ପଷ୍ଟ କରନ୍ତୁ ବୋଲି ସାଂସଦ ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ।

## ବାରିପଦାରେ ଓରମାସ୍ ରାଖି ଷ୍ଟଲ୍ ଉଦ୍‌ଘାଟିତ

# ହସ୍ତନିର୍ମିତ ରାଖିକୁ ବଜାର ସୁଯୋଗ, ମହିଳା କାରିଗରଙ୍କ ଆୟବୃଦ୍ଧିକୁ ଗୁରୁତ୍ୱ



ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ବୟନିକା ବିକ୍ରୟ ଷ୍ଟୋର ମୟୂର ଶିଳ୍ପ ପରିସରରେ ଆଜି ରାଖି ଷ୍ଟଲ୍-୨୦୨୬ ଉଦଘାଟିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏହି ଷ୍ଟଲ୍‌ର ଉଦଘାଟନ କରିଥିଲେ । ମୟୂରଭଞ୍ଜର ସ୍ଥାନୀୟ କାରିଗରମାନଙ୍କ ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ରାଖିକୁ ବ୍ୟାପକ ବଜାର ସୁଯୋଗ ପ୍ରଦାନ ସହ ମହିଳା କାରିଗରମାନଙ୍କ ଜୀବିକା ଓ ଆୟ ବୃଦ୍ଧି ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ମୟୂରଭଞ୍ଜ ସବାଇ କୃଷକ ଉତ୍ପାଦନ କମ୍ପାନୀ ଲିମିଟେଡ୍ ଜିଲ୍ଲାର ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ସହଯୋଗରେ ଏହି ରାଖି ତିଆରି କରିଛି । ସାବାଇ, ଡୋକ୍ରା ଓ ବାଉଁଶ ଭଳି ପ୍ରାକୃତିକ ଓ ସ୍ଥାନୀୟ ସାମଗ୍ରୀରେ ନିର୍ମିତ ଏହି ରାଖିଗୁଡ଼ିକ ମୟୂରଭଞ୍ଜର ସମୃଦ୍ଧ କାରିଗରୀ ପରମ୍ପରା, ସୃଜନଶୀଳତା ଓ ସ୍ଥାନୀୟ ସମ୍ବଳର ସୁନ୍ଦର ସମନ୍ୱୟକୁ ପ୍ରତିଫଳିତ କରୁଛି । ଏହାଦ୍ୱାରା ସ୍ଥାନୀୟ କାରିଗରଙ୍କ ଉତ୍ପାଦକୁ ବଜାର ସହ ଯୋଡ଼ିବା, ବିକ୍ରୟ ସୁଯୋଗ ବୃଦ୍ଧି କରିବା ଏବଂ ମହିଳା କାରିଗରମାନଙ୍କୁ ନିଜ ଦକ୍ଷତାର ଉପଯୋଗ କରି ଅତିରିକ୍ତ ଆୟର ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ଏହି ପଦକ୍ଷେପ ଦ୍ୱାରା ପୂରଣ କରାଯାଇ ପାରୁଛି । ମୟୂରଭଞ୍ଜର ଏହି ହସ୍ତନିର୍ମିତ ରାଖିର ଚାହିଦା ଜିଲ୍ଲା ସୀମା ଅତିକ୍ରମ କରିଛି । ବାଲେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଓରମାସ୍ ମଧ୍ୟ ମୟୂରଭଞ୍ଜ ଓରମାସ୍ ନିକଟରୁ ଏହି ରାଖି ସଂଗ୍ରହ କରିଛନ୍ତି । ଏହା ମୟୂରଭଞ୍ଜର ରାଖି ପ୍ରସ୍ତୁତକାରୀ କାରିଗରମାନଙ୍କ ଉଚ୍ଚମାନର କାରିଗରୀ ଦକ୍ଷତା, ସୃଜନଶୀଳତା ଓ ସେମାନଙ୍କ ଉତ୍ପାଦର ବୃଦ୍ଧିଶୀଳ ବଜାର ଚାହିଦାର ପ୍ରମାଣ । ଏହା ମୟୂରଭଞ୍ଜର ସ୍ଥାନୀୟ ହସ୍ତଶିଳ୍ପକୁ ବ୍ୟାପକ ବଜାର ସହ ଯୋଡ଼ିବାରେ ଓରମାସ୍‌ର ପ୍ରୟାସର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି । ଏହି ଅବସରରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍) ର ଡେପୁଟି ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଓଡ଼ିଶା ଜୀବିକା ମିଶନ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳକ ନବୀନ କୁମାର ସେନାପତି, ମିଶନ୍ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଏବଂ ପିଏମ୍ ଲିଭଲିହୁଡ୍ ମଧୁସ୍ମିତା ଭୂୟାଁଙ୍କ ସମେତ ଓରମାସ୍, ମିଶନ୍ ଶକ୍ତି ଓ ସମ୍ପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ପ୍ରତାରଣା, ସାଢେ ୪ ଲକ୍ଷ ଠକେଇ : ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ଅନ୍ତର୍ଗତ ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗରେ ପୋଲିସ ଯୁବକଙ୍କୁ ବାନ୍ଧିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡ୍ରାବାଲି ଅଞ୍ଚଳର ଡି.ସୁନିଲ କୁମାର ପାତ୍ର (୩୩) । ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଏମକେସିଜିରେ ଡାକ୍ତରୀ ମାଇନା କରାଯାଇଛି । ମାମଲା ନଂ ୬୨୩/୨୬ ରେ ଉକ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ବଡବଜାର ଅଞ୍ଚଳରେ ଜଣେ ୩୧ ବର୍ଷିଆ ମହିଳା ସ୍ୱାମୀଙ୍କ ଠାରୁ ଅଲଗା ହୋଇ ରହୁଥିଲେ । ସେହି ସାହିରେ ସୁନୀଲ ପାତ୍ର ମଧ୍ୟ ରହୁଥିଲେ । ମହିଳାଙ୍କ ସରଳତାର ସୁଯୋଗ ନେଇ ଯୁବକ ଜଣଙ୍କ ତାଙ୍କ ସହ ସମ୍ପର୍କ ରଖିଥିଲା । ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ।

ଅନ୍ୟପଟେ ଉକ୍ତ ମହିଳାଙ୍କ ଅଜାଣତରେ ସୁନୀଲ ତାଙ୍କ ବ୍ୟାଙ୍କ ଖାତାରୁ ଚାରି ଲକ୍ଷ ପଚାଶ ହଜାର ଟଙ୍କା ଫୋନପେ ମାଧ୍ୟମରେ ଟଙ୍କାକୁ ନିଜ ବ୍ୟାଙ୍କ ଖାତାକୁ ନେଇଯାଇଥିଲା । ମହିଳା ଜଣଙ୍କ ଏହା ଜାଣିବା ପରେ ଉକ୍ତ ଟଙ୍କା ଫେରାଇବାକୁ ସୁନୀଲଙ୍କୁ କହିଥିଲେ । ସୁନିଲ ତାଙ୍କୁ ଧମକ ଦେବା ସହ ଦୁହିଁଙ୍କ ସମ୍ପର୍କରେ ସାର୍ବଜନୀନ କରିଦେବେ ବୋଲି ଧମକ ଦେଇଥିଲା । ମହିଳା ଜଣକ ପ୍ରତାରଣା ଓ ଠକେଇର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ତଦନ୍ତ କରି ପୋଲିସ ସୁନିଲଙ୍କୁ କାବୁ କରିଥିଲା ବୋଲି କହିଛି ।

## ଅଧ୍ୟାପକ ଡଃ ଦୀପକ ବେହେରାଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ



ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ଅଧ୍ୟାପକ ତଥା ରୋଭର, ସ୍କାଉଟ ଲିଡର ଡକଫର ଦୀପକ କୁମାର ବେହେରାଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ୨୦୨୬ରେ ପ୍ରଦାନ କରାଯାଇଛି । ଆଜି ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରନି ରାଜୀବ ଗାନ୍ଧୀଙ୍କ ୮୨ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ପଦ୍ମଶ୍ରୀ ଏମ୍ବର ପୂର୍ବତନ ନିର୍ଦ୍ଦେଶକ ଡଃ ଅଶୋକ ମହାପାତ୍ରଙ୍କ ହାତରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ । ଜଣେ ନିଷ୍ଠାପର ସ୍ୱେଚ୍ଛାସେବୀ ଭାବରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ, ନୈତିକ, ଶାରୀରିକ ଏବଂ ବୈଷୟିକ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ମାର୍ଗଦର୍ଶନ କରିବାରେ ଡଃ ବେହେରାଙ୍କର ଅସାଧାରଣ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ କଲେଜ ଅଧକ୍ଷ ନାରାୟଣ ପ୍ରସାଦ ବେହେରା, ସ୍ଥାନୀୟ ନେତୃବୃନ୍ଦ, ସହକର୍ମୀ ଏବଂ ଛାତ୍ରଛାତ୍ରୀମାନେ ଡଃ ବେହେରାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ।

## ବସ୍ ମ୍ୟାନେଜର୍‌କୁ ଆକ୍ରମଣ

# ଡ୍ରାଇଭର, ମେକାନିକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନୂଆ ବସଷ୍ଟାଣ୍ଡ ରେ ଏକ କାମଧେନୁ ବସ୍ ସର୍ଭିସ ନାମକ ଏକ ଘରୋଇ ବସ୍ ମ୍ୟାନେଜର୍‌ଙ୍କୁ ଆକ୍ରମଣ ଅଭିଯୋଗରେ ବଡବଜାର ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଦୁଇ ଅଭିଯୁକ୍ତ ହେଲେ, ଆମ୍ବପୁଆର ସୁକଦେବ ପ୍ରଧାନ (୩୬) ଓ ଅନ୍ୟ ଜଣେ ହେଲେ ଆସିକାର ଭବାନୀ ଶଙ୍କର ବେହେରା ଓରଫ୍ ସନ୍ତୋଷ ମିସ୍ତ୍ରୀ (୪୨ ) । ଶୁକଦେବ ଉକ୍ତ ବସର ଡ୍ରାଇଭର ଥିବା ବେଳେ ଭବାନୀ ମେକାନିକ ବୋଲି ଜଣାପଡିଛି । ଆକ୍ରମଣରେ ବ୍ୟବହୃତ ଏକ ଲୁହାରଡ଼ ଜବତ କରିଛି ପୋଲିସ । ମାମଲା ନଂ ୬୧୯/୨୬ ରେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ନିମଖଣ୍ଡି ଥାନା ଶକ୍ତି ନଗରର ଯଶୋବନ୍ତ ପଣ୍ଡା (୨୪) ଯିଏ କାମଧେନୁ ବସ୍ ସର୍ଭିସର ମ୍ୟାନେଜର ଭାବରେ କାର୍ଯ୍ୟ କରନ୍ତି ।

ଗତ ୧୫ ତାରିଖରେ ନୂଆ ବସ୍ ଷ୍ଟାଣ୍ଡ ପରିସରରେ ଦୁଇ ଅଭିଯୁକ୍ତ ଡ୍ରାଇଭର ସୁକଦେବ ପ୍ରଧାନ ଏବଂ ମେକାନିକ୍ ଭବାନୀ ଶଙ୍କର ବେହେରା ମଧ୍ୟାହ୍ନ ଭୋଜନ ଖାଦ୍ୟ ଖର୍ଚ୍ଚ ବାବଦ ଅର୍ଥ ପ୍ରଦାନକୁ ନେଇ ମ୍ୟାନେଜରଙ୍କ ସହିତ ଯୁକ୍ତିତର୍କ କରିଥିଲେ । ଶେଷରେ ମ୍ୟାନେଜର ଯଶୋବନ୍ତ ବସ୍ ର ମାଲିକଙ୍କୁ ବିଷୟଟି ଜଣାଇଥିଲେ । ଉଭୟ ଅଭିଯୁକ୍ତ ମାଲିକଙ୍କ ଉପସ୍ଥିତିରେ ମ୍ୟାନେଜରଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଲୁହା ରଡ୍‌ରେ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଯାତ୍ରୀ ଓ ଲୋକମାନେ ଏକାଠି ହେବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ । ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ସେ ମେଡିକାଲରୁ ଡିସଚାର୍ଜ ହୋଇଥିଲେ । ପରେ ମ୍ୟାନେଜର ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା ।

## // ପ୍ରେମରେ ପ୍ରତାରଣା //

# ପ୍ରେମିକ ଘର ଆଗରେ ଛତିଶଗଡ଼ୀ ପ୍ରେମିକାର ଧାରଣା



ଭଞ୍ଜନଗର, (ସବ୍ୟୁ) : ଭଲ ପାଇବାର ନାଟକ କରି ବିବାହ ପ୍ରତିଶ୍ରୁତି ଦେଇ ଶାରିରିକ ସମ୍ପର୍କ ରଖି ପ୍ରତାରଣା କରିଛି ପ୍ରେମିକ । ମିଥ୍ୟା ପ୍ରତିଶ୍ରୁତିରେ ଠକି ଯାଇଛି ପ୍ରେମିକା । ନ୍ୟାୟ ଆଶାରେ ପ୍ରେମିକ ଘର ଆଗରେ ଧାରଣା ଦେଇଛି ଛତିଶଗଡ଼ର ପ୍ରେମିକା । ଗଂଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଟାଧାର ଗାଁରେ ନଜରକୁ ଆସିଛି ଏଭଳି ଘଟଣା ।

ଘଟଣାରୁ ଜଣାପଡିଛି ଯୁବତୀଙ୍କ ଘର ଛତିଶଗଡ଼ରେ । ସେ ହାଇଦ୍ରାବାଦରେ ରହି ଏକ କମ୍ପାନୀରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ । ସେହି କମ୍ପାନୀରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ପଟାଧାର ଗାଁର ଆଶିଷ କୁମାର ସାହୁଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟେ ବିବାହ ନହୋଇ ମଧ୍ୟ ୪ ବର୍ଷ ଧରି ଗୋଟିଏ ଘରେ ସ୍ୱାମୀ -ସ୍ତ୍ରୀ ଭଳି ରହିଥିଲେ । ବିବାହ କରିବାକୁ ଉଭୟେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଶେଷରେ ଗାଁରୁ ଆସୁଛି ବୋଲି କହି ସେଠାରୁ ଚାଲି ଆସିଲା ପ୍ରମିକ ଆଶିଷ । ଗାଁରେ ପରିବାର ଲୋକଙ୍କ ସହମତିରେ, ଅନ୍ୟ ଏକ ଝିଅ ସହ ଗତ ମାର୍ଚ୍ଚ ମାସରେ ବିବାହ କଲା ଆଶିଷ ।

କୌଣସି ସୂତ୍ରରୁ ଖବର ପାଇଥିଲା, ପ୍ରମିକା ରାମକାଳୀ ସାହୁ । ହାଇଦ୍ରାବାଦରୁ ଆସି ପ୍ରେମିକର ଘରେ ପହଞ୍ଚିଲା । ହେଲେ ପୁଅଘର ଲୋକେ ସମୁଦାୟ ଘଟଣାକୁ ଗୁରୁତ୍ୱ ନଦେବାରୁ ଜଗନ୍ନାଥପ୍ରସାଦ ଥାନାରେ ଗତ ଅପ୍ରେଲ ମାସରେ ଲିଖିତ ଅଭିଯୋଗ କରିଥିଲେ ପ୍ରମିକା । ଦୀର୍ଘ ମାସ ଧରି ପୋଲିସ ଏହି ଘଟଣାରେ ଗୁରୁତ୍ୱ ଦେଇନଥିବା ଅଭିଯୋଗ କରି ପୁଣି ହାଇଦ୍ରାବାଦରୁ ଆସି ପଟାଧାର ଗାଁର ପ୍ରେମିକର ଘର ଆଗରେ ଧାରଣା ଦେଇଛନ୍ତି ପ୍ରେମିକା । ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା ଜଗନ୍ନାଥ ପ୍ରସାଦ ଥାନା ପୋଲିସ । ପ୍ରେମିକ ଠାରୁ ନ୍ୟାୟ ପାଇବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବସିରହିଥିଲା ପ୍ରମିକା । ହେଲେ ପ୍ରେମିକର ପରିବାର ଲୋକେ ଘରେ ତାଲା ପକାଇ ଛୁ ମାରିଛନ୍ତି । ଦେଖିବାକୁ ବାକି ରହିଲା ପ୍ରେମିକାକୁ କି ପ୍ରକାର ନ୍ୟାୟ ଦେଉଛି ପୋଲିସ ପ୍ରଶାସନ ।

## ଆଶାକର୍ମୀଙ୍କୁ ଅସଦାଚରଣ ଅଭିଯୋଗ, ଅଭିଯୁକ୍ତ ଫେରାର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ସହର ଅନ୍ତର୍ଗତ ମହାପାତ୍ର ସାହିରେ ଜନୈକା କାର୍ଯ୍ୟରତ ଆଶାକର୍ମୀଙ୍କ ପ୍ରତି ହୋଇଥିବା ଅସଦାଚରଣକୁ ନେଇ ଗୁରୁବାର ଦିନ ଆଶାକର୍ମୀ ସଂଘ ପକ୍ଷରୁ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓରଫ ବୁନୁ ପଟ୍ଟନାୟକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ପୋଲିସ ନିକଟରେ ଦାବି କରାଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ଗତ ୧୭ ତାରିଖ ଦିନ ସମ୍ପୃକ୍ତା ଆଶାକର୍ମୀ ଲେପର୍ସି ସର୍ଭେ କାର୍ଯ୍ୟରେ କୃଷ୍ଣଚନ୍ଦ୍ରଙ୍କ ଘରକୁ ଯାଇଥିଲେ । ସେଠାରେ କୃଷ୍ଣଚନ୍ଦ୍ର ଆଶାକର୍ମୀଙ୍କ ହାତଟାଣି ଅସଦାଚରଣ କରିଥିଲେ । ଏନେଇ ସମ୍ପୃକ୍ତା ଆଶାକର୍ମୀ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ଅଭିଯୁକ୍ତକୁ ଅଦ୍ୟାବଧି ଗିରଫ କରିପାରିନଥିବାରୁ ଆଜି ପୁଣି ଆଶାକର୍ମୀ ସଂଘର ସଭାନେତ୍ରୀ ସନ୍ତୋଷିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆଶାକର୍ମୀବୃନ୍ଦ ଥାନାଧିକାରୀଙ୍କ ନିକଟରେ ଅଭିଯୁକ୍ତ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏଥି ସହ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଆଶାକର୍ମୀ ସଂଘକୁ ସହଯୋଗ କରିବାକୁ ନିବେଦନ କରାଯାଇଥିବା ଜଣାଯାଇଛି । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ମହଲରେ ଏହାକୁ ଦୃଢ଼ ନିନ୍ଦା କରାଯାଇଛି । ତେବେ ସମ୍ପୃକ୍ତା ଆଶାକର୍ମୀଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୪୦୮/୨୬ରେ ଏକ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତକୁ ପୋଲିସ ଖୋଜୁଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ସୂଚନା ମିଳିଛି ।

# ଡ୍ରିମ୍‌ସରେ ଜାତୀୟ ଗ୍ରନ୍ଥାଗାରିକ ଦିବସ




କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ଆଧୁନିକ ପାଠାଗାର ଓ ସୂଚନା ବିଜ୍ଞାନର ଜନକ ପଦ୍ମଶ୍ରୀ ଡ. ଏସ୍‌ଆର ରଙ୍ଗନାଥନ୍‌ଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀ ଓ ଗବେଷକଙ୍କ ନିମନ୍ତେ ପାଠାଗାରର ଉପଯୋଗ ସଂପର୍କରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପରିବର୍ତ୍ତିତ ସମୟରେ ଡିଜିଟାଲ ପାଠାଗାରର ସର୍ବାଧିକ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟଅତିଥି ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ୍ କାଉନସିଲ୍ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର) ର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ତଥା ସୂଚନା ବିଜ୍ଞାନୀ ଡ. ବାନାମ୍ବର ସାହୁ କହିଲେ ଶିକ୍ଷା ଓ ସଭ୍ୟତାକୁ ସମୃଦ୍ଧ କରିବାରେ ପାଠାଗାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଆଜିକାଲି ଛାତ୍ରଛାତ୍ରୀ ଅଧିକ ସମୟ ମୋବାଇଲ ଫୋନ୍‌ରେ ବ୍ୟସ୍ତ ରହୁଥିବାବେଳେ ପାଠାଗାର ପ୍ରତି ବିମୁଖ ହେଉଛନ୍ତି, ଯାହା ଅତ୍ୟନ୍ତ ଉଦ୍‌ବେଗଜନକ । ସମ୍ମାନିତ ବକ୍ତା ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପୁସ୍ତକର ବିକଳ୍ପ ନାହିଁ ଓ ପଠାନାଭ୍ୟାସ ବୃଦ୍ଧି ଦ୍ୱାରା ଜ୍ଞାନର ଅଭିବୃଦ୍ଧି ହୋଇଥାଏ ବୋଲି କହିଥିଲେ । ମୁଖ୍ୟ ଗ୍ରନ୍ଥାଗାରିକ ଡ. ବିଭୁ ପ୍ରସାଦ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ପବିତ୍ର କୁମାର ନାୟକ ଏସ୍ ଆର ରଙ୍ଗନାଥନ୍‌ଙ୍କ ଜୀବନୀ ଓ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ପାଠାଗାର ଉପଯୋଗ ସଂପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରାଧାପିକା ଅର୍ପିତା ଦାଶ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସିକା ଗସ୍ତରେ ବିଧାନସଭା ଗୃହ କମିଟି

ଆସିକା, (ସବ୍ୟୁ) : ଓଡ଼ିଶା ବିଧାନସଭାର ଗୃହ କମିଟି (ସବମିଶନ) ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଆସିକାଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସ୍ଥିତି, କାର୍ଯ୍ୟ ଅଗ୍ରଗତି ଏବଂ ଜନସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରିଛନ୍ତି । କମିଟିର ସଦସ୍ୟ ଆସିକା ବିଧାୟକ ସରୋଜ ପାଢ଼ୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଭଞ୍ଜନଗର ଉପଜିଲ୍ଲାପାଳ ଡ. ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ ।

କମିଟି ସଦସ୍ୟ ମାନେ ପ୍ରଥମେ ଆସିକା ଲକ୍ଷ୍ମୀ ବଜାର ନିକଟସ୍ଥ ଟିପିସର ନାଳ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ରଷିକୁଲ୍ୟା ନଦୀ ଉପରେ ନିର୍ମିତ ଚେକଡ୍ୟାମ୍, ରଷିକୁଲ୍ୟା ଓ ବଡ଼ନଦୀ ଉପରେ ନିର୍ମାଣାଧୀନ ହାଇ ଲେଭେଲ୍ ବ୍ରିଜ୍, ଆସିକା ବାଇପାସ୍ ରାସ୍ତା ଏବଂ କଇଁଫୁଲିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ପ୍ରକଳ୍ପ ଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ଆସିକା ପୌର ପରିଷଦ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ, ଜନସାଧାରଣଙ୍କ ସମସ୍ୟା ଏବଂ ବିଧାନସଭାରେ ଉଂାପିତ ସବମିଶନ ଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

# ମଦ ଜବତ, ବ୍ୟବସାୟୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଅବୈଧ ଭାବେ ବିଦେଶୀ ମଦ ମହଜୁଦ ରଖିଥିବା ଅଭିଯୋଗରେ ବ୍ରହ୍ମପୁର ସଦର ପୋଲିସ ବାଲିପଡ଼ାର ଶଙ୍କର ରାଉତ(୩୧)ଙ୍କୁ ଗିରଫ କରିଛି । ଗୁରୁବାର ଭୋର ପୋଲିସ ଚଢ଼ାଉ କରି ତାଙ୍କ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି । ବିଭିନ୍ନ ବ୍ରାଣ୍ଡର ବିୟର, ହୁସ୍କି, ରମ୍ ଓ ଭୋଡP। ଜବତ କରାଯାଇଛି । ଏହି ମଦ ପାଇଁ ମାଲିକ ପାଖରେ କୌଣସି ବୈଧ ପରମିଟ୍ ନଥିବା ପୋଲିସ କହିଛି । ଶଙ୍କର ରାଉତଙ୍କ ବିରୋଧରେ ପୂର୍ବରୁ ଅପରାଧିକ ମାମଲା ରହିଥିବାରୁ ତାଙ୍କୁ ଅଭ୍ୟାସଗତ ଅପରାଧୀ ଭାବେ ଦର୍ଶାଇଛି ପୋଲିସ । କେସ୍ ନମ୍ବର ୫୩୬/୨୬ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଉକ୍ତ ଥାନାରେ ଏଏସଆଇ ଦେବରାଜ ମଲ୍ଲିକଙ୍କ ନେତୃତ୍ୱରେ ରାତ୍ରି ପାଟ୍ରୋଲିଂ ଟିମ୍ ଭୋର ପ୍ରାୟ ୫ଟା ୧୦ ମିନିଟ୍ ସମୟରେ ଗଙ୍ଗା ଗ୍ରାନାଇଟ୍ ନିକଟସ୍ଥ ବାଲିପଡ଼ାର ଏକ କୋଠରୀ ଘରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୭୦ ଲିଟର ବିଦେଶୀ ମଦ ଜବତ କରିବା ସହ ମାଲିକ ଶଙ୍କର ରାଉତଙ୍କୁ କାବୁ କରିଛି ପୋଲିସ ।

# ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ, ୨ ଗିରଫ



ବାରିପଦା, (ସବ୍ୟୁ) : ଭଞ୍ଜପୁର ଥାନା ପୁଲିସ ଯାତ୍ରୀବାହୀ ତାରିଣୀ ବସ୍‌ରେ ଚଢ଼ାଉ କରି ୧୫କେଜି ୧୯୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲା ଅଧୀନ ଚକଦାହା ଥାନା ଅଞ୍ଚଳର ସ୍ୱରୂପ ବସୁ (୩୮) ଓ ପ୍ରଶାନ୍ତ ସାଧୁ ଖାନ୍ (୩୩) । ସେମାନଙ୍କ ନିକଟରୁ ଯଥାକ୍ରମେ ୭.୭୫୦ କେଜି ଓ ୭.୬୦୦ କେଜି ଗଞ୍ଜେଇ, ଦୁଇଟି ବ୍ୟାଗ୍, ଦୁଇଟି ମୋବାଇଲ୍ ଫୋନ୍ ଓ ୭୨୦ ଟଙ୍କା ନଗଦ ଜବତ ହୋଇଛି । ପୁଲିସ ସୂଚନା ଅନୁଯାୟୀ, ବାରିପଦାରୁ ମେଦିନାପୁର ଯାଉଥିବା ତାରିଣୀ ବସ୍‌ରେ ଦୁଇ ଅଭିଯୁକ୍ତ ସନ୍ଦେହଜନକ ଭାବେ ଯାତ୍ରା କରୁଥିବା ଖବର ପାଇ ପୁଲିସ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ସେମାନଙ୍କ ବ୍ୟାଗରୁ ଗଞ୍ଜେଇ ଜବତ ହୋଇଥିଲା । ଏନେଇ ଭଞ୍ଜପୁର ଥାନାରେ ୨୨୧/୨୬ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କୋର୍ଟଚାଲାଣ କରାଯାଇଛି ।

## ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ନୀଳକଣ୍ଠନଗର

# ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ




ବ୍ରହ୍ମପୁର, (ସବ୍ୟୁ): ଗୁରୁବାର ଦିନ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପ୍ରାଙ୍ଗଣରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉତ୍ସବରେ ମଞ୍ଚାସୀନ ମୁଖ୍ୟଅତିଥି ଦକ୍ଷିଣାଞ୍ଚଳ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ନାରାୟଣ ବେହେରା ଉପସ୍ଥିତ ରହି ଭବିଷ୍ୟତ ନିର୍ମାଣ ପାଇଁ ଛାତ୍ରଛାତ୍ରୀମାନେ ନିଜକୁ କିପରି ପ୍ରସ୍ତୁତ କରିବେ, ସେ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା, ଦିକ୍ଷା ଏବଂ ସଂସ୍କାରର ସମ୍ପର୍କ ଏବଂ ଆଶବ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମଞ୍ଚାସୀନ ସମ୍ମାନିତ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଗଣେଶ୍ୱର ମାଝୀ ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶୃଙ୍ଖଳା, କର୍ତ୍ତବ୍ୟ, ସାଧୁତା ଏବଂ ପରିପକ୍ୱତାର ଆବଶ୍ୟକତା ସମ୍ପର୍କରେ ସମ୍ୟକ୍ ଧାରଣା ଦେଇଥିଲେ । ଅନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ନିଜ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାଦାୟୀ ଉପଦେଶ ଦେଇଥିଲେ ।

ପ୍ରକାଶଯୋଗ୍ୟ ଚଳିତ ବର୍ଷ ଠାରୁ ଏହି ମହାବିଦ୍ୟାଳୟରେ ଅଧ୍ୟୟନରତ ସ୍ନାତକ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତୀୟ ପ୍ରଶାସନିକ ସେବା ପାଇଁ କୋଚିଂର ବ୍ୟବସ୍ଥା କରାଯାଇଅଛି । ଭୁବନେଶ୍ୱର ଏସ୍.ଆର୍. ଆଇ.ଏ.ଏସ୍. କୋଚିଂ ଏକାଡ଼େମୀର ନିର୍ଦ୍ଦେଶିକା ବର୍ଷିତା ସାହୁ ଏବଂ ସହନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି ମଞ୍ଚାସୀନ ରହି ପିଲାମାନଙ୍କୁ ଆଇ.ଏ.ଏସ୍. କୋଚିଂ ସମ୍ପର୍କରେ ସୂଚନା ଦେଇଥିଲେ ।

ଏହି ସମାରୋହରେ ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ନୀତି ନିୟମ ସମ୍ପର୍କରେ ନବାଗତ ମାନଙ୍କୁ ଅବଗତ କରାଇଥିଲେ ।

ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ନିହାରିକା ବଦ୍ୟଭୂଷଣ ନିଜର ସ୍ୱାଗତ ସଂଭାଷଣ ଦ୍ୱାରା ପ୍ରଥମ ବର୍ଷ ପ୍ରଥମ ଦିନର ସହପାଠୀମାନଙ୍କୁ ନିଜର ବକ୍ତବ୍ୟ ରଖି ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଦିଆଯାଉଥିବା ବିଭିନ୍ନ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା । ଏହି ସ୍ୱାଗତ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଉପାଧକ୍ଷ ଡ. ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଳତୀ ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



କଟକ, (ସ୍ୱପ୍ର) : ଧର୍ମପରାୟଣା ମହିଳା ମାଳତୀ ମହାନ୍ତିଙ୍କ ୬୬ ବର୍ଷ ବୟସରେ ପରଲୋକ ଘଟିଛି । ସ୍ଥାନୀୟ ୫୨ ନଂ ୱାର୍ଡ ମଧୁପାଟଣା ପଞ୍ଜାବୀ ଲେନ ସ୍ଥିତ ବାସଭବନରେ ଏକାଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଛି । କାର୍ଯ୍ୟକ୍ରମରେ ସ୍ୱର୍ଗତା ମହାନ୍ତିଙ୍କୁ ଭଲ ପାଉଥିବା ବହୁ ବ୍ୟକ୍ତି ବିଶେଷ ତାଙ୍କ ମଧୁପାଟଣା ସ୍ଥିତ ପଞ୍ଜାବୀ ଲେନ ସ୍ଥିତ ବାସଭବନରେ ପହଂଚି ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ଧୀରେନ୍ଦ୍ର ନାୟକ, ପ୍ରାକ୍ତନ ଯନ୍ତ୍ରୀ ଶୈଳେନ୍ଦ୍ର ଭୋଳ, ଆଶୀର୍ବାଦ ଫାଉଣ୍ଡେସନ ସଭାପତି ମାଗୁଣୀ ଚରଣ ଦାସ, ଆଡ଼ଭୋକେଟ ନରେଶ ନାୟକ, ପ୍ରଭାକର ମଲ୍ଲିକ, ସମୀର କର, ଦେବଦତ୍ତ ରାଉତଙ୍କ ସମେତ ସ୍ୱର୍ଗତା ମହାନ୍ତିଙ୍କ ଚାରି ପୁଅ ଦିଲ୍ଲୀପ ମହାନ୍ତି, ଶିବ ମହାନ୍ତି, ଟିକି ମହାନ୍ତି, କୁନା ମହାନ୍ତି ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ସ୍ୱର୍ଗତା ମହାନ୍ତି ଜଣେ ଦରଦୀ ହୃଦୟର ମହିଳାଭାବେ ବେଶ ସୁପରିଚିତ ଥିଲେ ।

# ପ୍ରକୃତ ପରିଚୟ ପାଇବେ ଦିବ୍ୟାଙ୍ଗ ଛାତ୍ର କରନ୍



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର କରନ୍ ଏକ୍କାଙ୍କ ନିଜର ସଠିକ୍ ପରିଚୟ ଏବଂ ନାମ ପାଇଁ ଦୀର୍ଘ ୬ବର୍ଷର ନିରନ୍ତର ସଂଗ୍ରାମ ଆଜି ଏକ ନୂତନ ମୋଡ଼ ନେଇଛି । ସେ ନିଜର ହଜିଯାଇଥିବା ଆଇନଗତ ପରିଚୟ ଓ ସରକାରୀ ହକ୍ ଫେରି ପାଇବା ପାଇଁ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଏମ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସେମିନାର୍‌ରେ ଓଡ଼ିଶା ମାନବିକ ଅଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାରୀଙ୍କୁ ଭେଟି ନିଜର ଦୁଃଖ ଓ କୋହଭରା ଆବେଦନପତ୍ର ପ୍ରଦାନ କରିଥିଲେ । ନିଜର ଆଇନଗତ ପ୍ରକୃତ ପରିଚୟ ସଂଶୋଧନ ପାଇଁ ଗୁହାରି ଜଣାଇଥିଲେ । ଛାତ୍ର କରନଙ୍କର ଏହି କରୁଣ କାହାଣୀ ଓ ବ୍ୟବସ୍ଥାଗତ ତ୍ରୁଟିକୁ ଗମ୍ଭୀରତାର ସହ ଗ୍ରହଣ କରି ଜଷ୍ଟିସ ପୁଜାରୀ ଏହାକୁ ଏକ ପ୍ରତ୍ୟକ୍ଷ ମାନବାଧିକାର ଉଲ୍ଲଂଘନ ଭାବେ ଅଭିହିତ କରିଛନ୍ତି । କମିଶନ ନିଜ ଆଡୁ ଏହି ସମ୍ବେଦନଶୀଳ ସମସ୍ୟାକୁ ମାମଲା ଭାବେ ପଞ୍ଜୀକୃତ କରି ପ୍ରକୃତ ତଥ୍ୟର ତଦନ୍ତ କରିବାକୁ ସମ୍ପୃକ୍ତ ସରକାରୀ ବିଭାଗ ଓ ସଂସ୍ଥା ଗୁଡ଼ିକୁ ନିର୍ଦ୍ଦେଶ ଦେବେ ବୋଲି ସ୍ପଷ୍ଟ କରିଛନ୍ତି। ଅତି ଶୀଘ୍ର ଆଇନଗତ ନୀତି ଅନୁସାରେ ଦଲିଲପତ୍ରରେ ଥିବା ତ୍ରୁଟି ସଂଶୋଧନ କରି ତାଙ୍କୁ ତାଙ୍କର ଯୋଗ୍ୟ ସରକାରୀ ହକ୍ ଓ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଆଶ୍ୱାସନା ଦେଇଥିଲେ । ସୂଚନାଯୋଗ୍ୟ, କରନ୍ ଛୋଟ ବେଳୁ ସୁନ୍ଦରଗଡ଼ ଜିଲ୍ଲାର ଭିନ୍ନ ଭିନ୍ନ ତିନୋଟି ଅନାଥ ଆଶ୍ରମରେ ରହି ଶିକ୍ଷା ଲାଭ କରିଥିଲେ । ଏହି ଶ୍ରବଣ ବାଧିତ ଛାତ୍ର ଜଣକ ସେଠାକାର ବ୍ୟବସ୍ଥାଗତ ଅବହେଳା ଯୋଗୁଁ ନିଜ ଶିକ୍ଷାଗତ ପ୍ରମାଣପତ୍ର ଓ ଆଧାର କାର୍ଡରେ ଭିନ୍ନ ଭିନ୍ନ ନାମ ଏବଂ ପିତାମାତାଙ୍କ କାଳ୍ପନିକ ପରିଚୟ ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହି ପରିଚୟ ଗତ ତ୍ରୁଟି କାରଣରୁ ସେ ସମସ୍ତ ପ୍ରକାର ସରକାରୀ ସୁବିଧା, ଦିବ୍ୟାଙ୍ଗ ଭତ୍ତା ଏବଂ ଆନୁଷଙ୍ଗିକ ସହାୟତାରୁ ବଞ୍ଚିତ ହୋଇଛନ୍ତି । ତ୍ରୁଟି ସଂଶୋଧନ ପାଇଁ ବିଭିନ୍ନ ଅଫିସ ଦୌଡି ଦୌଡି ନୟାନ୍ତ ହୋଇଥିବା ବେଳେ ଏହା ତାଙ୍କର ନିଷ୍ପଳଙ୍କ ନାଗରିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଜଣାପଡିଛି ।

# ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

## ମିଳିଲା ଘର ଭିତରୁ କଟାମୁଣ୍ଡ, ଅଭିଯୁକ୍ତ ଗିରଫ

ବଲାଙ୍ଗିର, (ସବ୍ୟୁ) : ଆଧୁନିକ ଯୁଗରେ ଅନ୍ଧବିଶ୍ୱାସର ଭୟାବହ ପରିଣତି ନେଇ ବଲାଙ୍ଗିର ଜିଲ୍ଲାରେ ଚାଞ୍ଚଲ୍ୟ । ଦେଓଗାଁ ଥାନା ଅନ୍ତର୍ଗତ ବଗଡ଼ା ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯିବା ସହ ତାଙ୍କ ମୁଣ୍ଡକୁ ଘର ଭିତରେ ମାଟି ତଳେ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି । ହତ୍ୟା ପଛରେ ଅନ୍ଧବିଶ୍ୱାସ କିମ୍ବା ତନ୍ତ୍ରସାଧନାର ଭୂମିକା ଥିବା ନେଇ ସନ୍ଦେହ ଉପୁଜିଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି । ମୃତକ ଟେବେଡ଼ାମୁଣ୍ଡା ଗାଁର ସନ୍ତୋଷ ଖରସେଲ ବୋଲି ଜଣାପଡ଼ିଛି । ଏହି ଘଟଣାରେ ବଗଡ଼ା ଗାଁର ଶତ୍ରୁଘ୍ନ ସାହୁଙ୍କୁ ପୋଲିସ ପଚରାଉଚରା କରୁଥିବା ସୂଚନା ମିଳିଛି । ପୋଲିସ ସୂତ୍ର ଅନୁସାରେ, ଅଭିଯୁକ୍ତ ହତ୍ୟାକାଣ୍ଡ

### ତନ୍ତ୍ରସାଧନା ନେଇ ସନ୍ଦେହ



ସମ୍ପର୍କରେ ସ୍ୱୀକାରୋକ୍ତି ଦେଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ପ୍ରାୟ ତିନି ଦିନ ତଳେ ସନ୍ତୋଷ ନିଖୋଜ ହୋଇଥିଲେ । ପରିବାର ପକ୍ଷରୁ ଖୋଜାଖୋଜି କରାଯିବା ପରେ ସେ ବଗଡ଼ା ଗାଁକୁ



ଆସିଥିବା ଖବର ମିଳିଥିଲା । ପରେ ପରିବାର ଲୋକେ ଶତ୍ରୁଘ୍ନଙ୍କ ଘରକୁ ଯାଇଥିଲେ। ତେବେ ସେମାନଙ୍କୁ ଘର ଭିତରକୁ ଯିବାକୁ ଦିଆଯାଇନଥିବା ଅଭିଯୋଗ ହୋଇଛି । ଗୁରୁବାର ସକାଳେ ବଗଡ଼ା ଗାଁ ନିକଟସ୍ଥ ଏକ ପୋଖରୀରୁ ସନ୍ତୋଷଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା । ଖବର ପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ପଚରାଉଚରା ପରେ ଶତ୍ରୁଘ୍ନଙ୍କ ଘର ଭିତରେ ମାଟି ତଳେ ପୋତାଯାଇଥିବା ସନ୍ତୋଷଙ୍କ ମୁଣ୍ଡ ମିଳିଥିବା ନେଇ ପୋଲିସ ସୂତ୍ରରୁ ସୂଚନା ମିଳିଛି । ଘର ଭିତରେ ଏକ ପୂଜାସ୍ଥଳ ଥିବା ଏବଂ ସେଠାରେ ତମ୍ବା ନାଗ ସହ କିଛି ପଥର ରଖାଯାଇ ପୂଜା କରାଯାଉଥିବା ଦେଖାଯାଇଥିବା ଜଣାପଡ଼ିଛି । ଏହି ପୂଜାସ୍ଥଳ ନିକଟରୁ ମାଟି ତଳେ କଟାମୁଣ୍ଡ ପୋତାଯାଇଥିବା ଅଭିଯୋଗ ଘଟଣାକୁ ଅଧିକ ରହସ୍ୟମୟ କରିଛି । ସୂଚନା ମୁତାବକ, ଶତ୍ରୁଘ୍ନ ସିଙ୍ଗଡ଼ା ଖାଇବାକୁ କହି ସନ୍ତୋଷଙ୍କୁ ପ୍ରାୟ ୫ କିଲୋମିଟର ଦୂରରୁ ନିଜ ଘରକୁ ଡାକି ଆଣିଥିବା ଅଭିଯୋଗ ହୋଇଛି । ଘର ଭିତରେ ପୂଜାପାଠ ପରେ ହତ୍ୟା କରାଯାଇଥିବା ଏବଂ ପରେ ମୁଣ୍ଡକୁ ପୂଜାସ୍ଥଳ ନିକଟରେ ପୋତାଯାଇଥିବା ଅଭିଯୋଗ ରହିଛି । ମୁଣ୍ଡବିହୀନ ମୃତଦେହକୁ ଘରଠାରୁ କିଛି ଦୂରରେ ଥିବା ପୋଖରୀରେ ଫିଙ୍ଗି ଦିଆଯାଇଥିବା ମଧ୍ୟ କୁହାଯାଉଛି । ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶତ୍ରୁଘ୍ନ ନିୟମିତ ମଦ୍ୟପାନ କରୁଥିଲେ ଏବଂ ତାଙ୍କ ଆଚରଣ ଅସ୍ୱାଭାବିକ ଥିଲା । ପ୍ରାୟ ୧୦ ବର୍ଷ ହେଲା ତାଙ୍କ ସ୍ତ୍ରୀ ଓ ପୁଅ ତାଙ୍କଠାରୁ ଅଲଗା ରହୁଥିବା ମଧ୍ୟ ଜଣାପଡ଼ିଛି । ତେବେ ଏହି ହତ୍ୟାକାଣ୍ଡ ପଛରେ ପ୍ରକୃତ କାରଣ କଣ, ଅନ୍ଧବିଶ୍ୱାସ କିମ୍ବା ତନ୍ତ୍ରସାଧନାର କୌଣସି ସମ୍ପର୍କ ରହିଛି କି ନାହିଁ ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ବଗଡ଼ା ଗାଁରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଝାରସୁଗୁଡ଼ା-କନକତୋରା ରାସ୍ତା ପ୍ରଶସ୍ତୀକରଣ

# ଜନ ଉପଯୋଗୀ ସେବା ସ୍ଥାନାନ୍ତର ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଠାରୁ କନକତୋରା ପର୍ଯ୍ୟନ୍ତ ପ୍ରସ୍ତାବିତ ୪ ଲେନ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଅଧୀନରେ ଆସୁଥିବା ସମସ୍ତ ଜନ ଉପଯୋଗୀ ସେବା (ପବ୍ଲିକ ୟୁଟିଲିଟି) ଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳକୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜମି ଅଧିଗ୍ରହଣ ଅଧିକାରୀ ବିନୟ ପଟେଲ ଉପସ୍ଥିତ ରହି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପଦାଧିକାରୀ, ଗେଲ ଇଣ୍ଡିଆ ଲିମିଟେଡ, ପାୱାର ଗ୍ରୀଡ, ବିଏସଏନଏଲ, ଓପିଟିସିଏଲ ଏବଂ ଟିପିଡବ୍ଲୁଓଡିଏଲ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଅଧିଗ୍ରହଣ ହେବାକୁ ଥିବା ଅଞ୍ଚଳ ମଧ୍ୟରେ ଥିବା ବିଦ୍ୟୁତ ତାର, ଖୁଣ୍ଟ, ଗ୍ୟାସ ଓ ପାନୀୟ ଜଳ ପାଇପଲାଇନ ଏବଂ ଟେଲିକମ୍ୟୁନିକେସନ କେବୁଲ ଆଦି ସ୍ଥାନାନ୍ତର ପାଇଁ ଆବଶ୍ୟକ ଖର୍ଚ୍ଚ ଆକଳନ (ଏଷ୍ଟିମେଟ) ଯଥାଶୀଘ୍ର ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଓ ବିନା ବାଧାରେ ସୁରୁଖୁରୁରେ ଆଗେଇ ପାରିବ, ସେଥିପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସ୍ଥାନାନ୍ତର କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଖଡ଼ିଆଳ ମହାବିଦ୍ୟାଳୟରେ ନିଶା ନିବାରଣ, ଆତ୍ମସୁରକ୍ଷା ସଚେତନତା



ନୂଆପଡ଼ା,(ସବ୍ୟୁ): ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ବିଭାଗ ପକ୍ଷରୁ ପ୍ରଜାପତି ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ସହଯୋଗରେ ଛାତ୍ରଛାତ୍ରୀଙ୍କୁ ନେଇ ନିଶା ନିବାରଣ ସଚେତନତା ଓ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବି.କେ. ସୂର୍ଯ୍ୟକାନ୍ତି ଭଉଣୀ (ଅପା) ଯୋଗଦେଇ ନିଶାମୁକ୍ତ ଜୀବନର ଗୁରୁତ୍ୱ ଏବଂ ଯୁବ ସମାଜ ଉପରେ ନିଶାସକ୍ତିର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ ଯେ, ନିଶାମୁକ୍ତି ଅଭିଯାନ କେବଳ ବ୍ୟକ୍ତିବିଶେଷ ନୁହେଁ, ସମଗ୍ର ସମାଜକୁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ପ୍ରଦାନ କରିବାରେ ସହାୟକ ହେବ । ଯୁବପିଢ଼ି ନିଶାଠାରୁ ଦୂରେଇ ନିଜ ଭବିଷ୍ୟତ ଗଠନରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଶକ୍ତିଶ୍ରୀ ସଂଯୋଜିକା ଡ଼. ଗୀତାଶ୍ରୀ ପ୍ରିୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ପ୍ରଣତି ପଣ୍ଡା, ଅଧ୍ୟାପକ ପ୍ରଦୀପ କୁମାର ବେହେରା ଓ ଅଧ୍ୟାପକ ଡ଼. ସରୋଜ କୁମାର ପଣ୍ଡାଙ୍କ ସମେତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ବଗଡ଼ାରେ ଗ୍ରୀନ ଇଗଲ୍ ଆର୍ମି ପକ୍ଷରୁ ବନ ମହୋତ୍ସବ




ବଲାଙ୍ଗିର,(ସବ୍ୟୁ) : ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣର ବାର୍ତ୍ତା ନେଇ ଗ୍ରୀନ ଇଗଲ୍ ଆର୍ମି ପକ୍ଷରୁ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଗଡ଼ା ଗ୍ରାମରେ ବନମହୋତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଅବସରରେ ସଂଗଠନର ସଦସ୍ୟମାନେ ପରିବେଶ ସଚେତନତାମୂଳକ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ପରେ ଗ୍ରାମର ଆରାଧ୍ୟ ଦେବସ୍ଥଳୀ ବୁଢ଼ୀ ମାଉଳି ପୀଠ ଏବଂ ଏହାର ଆଖପାଖ ଖୋଲା ସ୍ଥାନରେ ଶତାଧିକ ବରଗଛ, ପିପଳ ସମେତ ବିଭିନ୍ନ ଦେଶୀ ବୃକ୍ଷ ଓ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । କେବଳ ବୃକ୍ଷରୋପଣରେ ସୀମିତ ନରହି ରୋପିତ ବୃକ୍ଷ ଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ପାଇଁ ଉପସ୍ଥିତ ସମସ୍ତେ ସଙ୍କଳ୍ପ ନେଇଥିଲେ । କାର୍ଯ୍ୟକ୍ରମକୁ ପ୍ରମୁଖ ସଦସ୍ୟ ଦିଲୀପ ଭୁଏ, ଜୟରାମ କୁଅଁର, ରଞ୍ଜନ କୁଅଁର, ଓଁକାର ସାହୁ, ବିକାଶ କୁଅଁର, ପଦ୍ମନାଭ ସାହୁ ଓ ପୀତାମ୍ବର ସାହୁ ପରିଚାଳନା ଓ ସହଯୋଗ କରିଥିଲେ । ଗ୍ରାମର ବହୁ ପ୍ରକୃତିପ୍ରେମୀ ପୁରୁଷ ଓ ମହିଳା ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣ କ୍ଷେତ୍ରରେ ଗ୍ରୀନ ଇଗଲ୍ ଆର୍ମି ପକ୍ଷରୁ ଦୀର୍ଘ ପ୍ରାୟ ୧୫ ବର୍ଷ ଧରି ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକ ସମେତ ପଡ଼ୋଶୀ ଜିଲ୍ଲା ଗୁଡ଼ିକରେ ସଂଗଠନ ପକ୍ଷରୁ ବିଶେଷକରି ବରଗଛ ରୋପଣ ଓ ସୁରକ୍ଷା ଅଭିଯାନ ଚାଲିଆସୁଛି । ବରଗଛ ରୋପଣ ଓ ତାହାର ଯତ୍ନ ନେଇ ସୁରକ୍ଷା କରୁଥିବା ପ୍ରକୃତିପ୍ରେମୀମାନଙ୍କୁ 'ବଟମିତ୍ର ସମ୍ମାନ' ପ୍ରଦାନ କରି ସଂଗଠନ ବୃକ୍ଷ ସଂରକ୍ଷଣକୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ପ୍ରୟାସ କରୁଛି । ଏହି ଅଭିଯାନ ବୁଦ୍ଧିଜୀବୀ ଓ ପ୍ରକୃତିପ୍ରେମୀ ମହଲରେ ପ୍ରଶଂସିତ ହୋଇଆସୁଛି ।

# ଭିଜିଲାନ୍ସ ଜାଲରେ ଲାଠିକଟା ତହସିଲଦାର

## ୫ଲକ୍ଷ ଟଙ୍କା ସହ ଗିରଫ

ସୁନ୍ଦରଗଡ଼/ଭୁବନେଶ୍ୱର,(ସବ୍ୟୁ) : ହିସାବ ବର୍ହିଭୁତ ଟଙ୍କା ନେଇ ଯାଉଥିଲେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟାର ତହସିଲଦାର ତଥା ଉପନିବନ୍ଧକ ମୁରଲୀଧର ଉର୍ମାଳ। । ସୂଚନା ପାଇ ରାଜ୍ୟ ଦୁର୍ନୀତି ନିବାରଣ (ଭିଜିଲାନ୍ସ) ଟିମ ସେଠାରେ ପହଞ୍ଚି ତାଙ୍କୁ କାବୁ କରିନେଇଥିଲା । ଲକ୍ଷାଧିକ ଟଙ୍କାର ହିସାବ ଦେଇନପାରିବାରୁ ଗିରଫ ହୋଇଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ପ୍ରାୟ ୫ଟା ବେଳେ ତହସିଲଦାର ଉର୍ମାଳ ସରକାରୀ ସ୍କୋର୍ପିଓ ଗାଡ଼ିରେ ଲାଠିକଟା ସ୍ଥିତ କାର୍ଯ୍ୟାଳୟରୁ ରାଉରକେଲା ନିଜ ଘରକୁ ଯାଉଥିଲେ । ସୂଚନା ପାଇ ଭିଜିଲାନ୍ସ ଟିମ ତାଙ୍କୁ ରାଜବାସା ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରୁ ୫ଲକ୍ଷ ଟଙ୍କା ନଗଦ ଜବତ ହୋଇଥିଲା । ଏହି ଟଙ୍କା କେଉଁଠାରୁ ଆଣିଲେ ସେ କୌଣସି ହିସାବ ଦେଇପାରିନଥିଲେ । ଭିଜିଲାନ୍ସ ଟିମ ୫ଲକ୍ଷ ଟଙ୍କା ନଗଦ ସହ ସରକାରୀ ସ୍କୋର୍ପିଓ ଗାଡ଼ି ଜବତ କରିଛନ୍ତି । ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ସମ୍ଭାବନାରେ ତହସିଲଦାରଙ୍କ ଘର, କାର୍ଯ୍ୟାଳୟ ଆଦି ୩ଟି ସ୍ଥାନରେ ଚଢ଼ାଉ କରାଯାଇଛି ।

## ଷଷ୍ଠ ଶ୍ରେଣୀ ଛାତ୍ର ନିଖୋଜର ମିଳୁନି ପତ୍ତା

# ସୂଚନା ଦେଲେ ୧୦ ହଜାର ଟଙ୍କା ପୁରସ୍କାର

ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଷଷ୍ଠ ଶ୍ରେଣୀ ଛାତ୍ର କୁନାଲ ଶବର ନିଖୋଜ ହେବାର ୨୦ ଦିନରୁ ଅଧିକ ସମୟ ବିତିଗଲାଣି । ତଥାପି ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ପରିବାର, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ଖୋଜାଖୋଜି କରାଯାଇଥିଲେ ମଧ୍ୟ କୁନାଲଙ୍କ ପତ୍ତା ମିଳୁନାହିଁ । ପୁଲିସ ମଧ୍ୟ ଘଟଣା ପରଠାରୁ ତଦନ୍ତ ଜାରି ରଖିଛି ।

ସୂଚନା ଅନୁସାରେ, କୁନାଲ ବିଦ୍ୟାଳୟର ଛାତ୍ରାବାସରେ ରହି ଷଷ୍ଠ ଶ୍ରେଣୀରେ ପଢୁଥିଲେ । ଅଗଷ୍ଟ ୧ ତାରିଖରେ ସେ ବିଦ୍ୟାଳୟ ପରିସରରୁ ନିଖୋଜ ହୋଇଯାଇଥିଲେ । ତେବେ ପରିବାର ଲୋକେ ଅଗଷ୍ଟ ୭ ତାରିଖରେ ଏ ସମ୍ପର୍କରେ ଜାଣିବା ପରେ ଡାଙ୍ଗସୋରଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ । ପରେ ପୁଲିସ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତତ୍ପରତା ବଢ଼ିଥିଲା। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏସଡ଼ିପିଓ ସନ୍ତୋଷିନୀ ଓରାମ, ଡାଙ୍ଗସୋରଡ଼ା ଫାଣ୍ଡି ଅଧିକାରୀ ଓ ମୁନିଗୁଡ଼ା ଥାନା ଅଧିକାରୀ ବିଦ୍ୟାଳୟକୁ ଯାଇ ଏକାଧିକଥର ତଦନ୍ତ କରିଛନ୍ତି । ଏପରିକି ପୁଲିସର ଦୁଇଟି ଟିମ ରାଜ୍ୟ ବାହାରକୁ ଯାଇ ମଧ୍ୟ ତଦନ୍ତ କରୁଥିବା ଏସଡ଼ିପିଓ ଓରାମ ସୂଚନା ଦେଇଛନ୍ତି । ତଥାପି ଏ ପର୍ଯ୍ୟନ୍ତ ଛାତ୍ରଙ୍କ କୌଣସି ସନ୍ଧାନ ମିଳିନାହିଁ । ପୁଲିସ ସୂଚନା ଅନୁସାରେ, କୁନାଲଙ୍କ ନିକଟକୁ ଦୁଇଜଣ ବ୍ୟକ୍ତି ଆସିଥିଲେ । ସେମାନଙ୍କୁ କୁନାଲ ମୁଣ୍ଡିଆ ମାରିଥିବା ଜଣାପଡ଼ିଛି । ପରେ 'ଭାଇନା ଆସିଛନ୍ତି, ମୁଁ ଘରକୁ ଯାଉଛି' ବୋଲି କହି ସେ ସେମାନଙ୍କ ସହ ଯାଇଥିବା ତଦନ୍ତରୁ ଜଣାପଡ଼ିଥିବା ଡାଙ୍ଗସୋରଡ଼ା ଫାଣ୍ଡି ଅଧିକାରୀ କହିଛନ୍ତି । ପରେ କୁନାଲ ଆଉ ବିଦ୍ୟାଳୟକୁ ଫେରିନଥିଲେ। ଘଟଣାରେ ବିଳମ୍ବ ହୋଇଥିବାରୁ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ମିଳିବାରେ ମଧ୍ୟ ସମସ୍ୟା ଦେଖାଦେଇଥିବା ପୁଲିସ କହିଛି । ତଥାପି ଶିଶୁଟିକୁ ଉଦ୍ଧାର କରିବା ପାଇଁ ସମସ୍ତ ଦିଗରୁ ତଦନ୍ତ ଜାରି ରହିଛି ବୋଲି ଏସଡ଼ିପିଓ ଓରାମ କହିଛନ୍ତି ।

ଅନ୍ୟପକ୍ଷରେ, କୁନାଲଙ୍କ ସନ୍ଧାନ ପାଇଁ ବିଭିନ୍ନ ସୋସିଆଲ ମିଡିଆରେ ସୂଚନା ପ୍ରସାର କରାଯାଉଛି । କୁନାଲଙ୍କ ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ଦେଇ ତାଙ୍କୁ ଠାବ କରିବାରେ ସହାୟତା କରୁଥିବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଏକ ବାର୍ତ୍ତା ଘୁରିବୁଲୁଛି । ଏ ସମ୍ପର୍କରେ ଡାଙ୍ଗସୋରଡ଼ା ଫାଣ୍ଡି ଅଧିକାରୀ କହିଛନ୍ତି ଯେ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି । ଅପରପକ୍ଷରେ, ପୋଷ୍ଟର ପ୍ରିଣ୍ଟ କରିବା ସହ ବିଭିନ୍ନ ମୋବାଇଲ ନମ୍ବରକୁ ଏ ସମ୍ପର୍କିତ ବାର୍ତ୍ତା ପଠାଯାଇଥିବା ପ୍ରଧାନଶିକ୍ଷକ କହିଛନ୍ତି । ୨୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ନାବାଳକ କୁନାଲ ଶବରଙ୍କ ସନ୍ଧାନ ନମିଳିବା ତାଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। ପୁଲିସର ତଦନ୍ତ ଉପରେ ଏବେ କୁନାଲଙ୍କ ପରିବାରର ଆଶା ରହିଛି ।

# ରାସ୍ତା କଡ଼ରୁ ମୂଲ୍ୟବାନ ଗଛ ଚୋରି

ରାଇଘର,(ସବ୍ୟୁ) : ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପଥ ପାର୍ଶ୍ୱ ବନୀକରଣ କରାଯାଉଛି । ଏଥିରେ ଶାଗୁଆନ,ଆକାଶିଆ ଭଳି ଅନେକ ମୁଲ୍ୟବାନ ଗଛ ଲଗାଯାଉଛି । ସରକାରୀ ସ୍ତରରେ ଗଛ ଲଗାଯାଉଛି ସତ, ପରବର୍ତ୍ତି ସମୟରେ ସେ ଗଛ କଣ ହଉଛି ସେଥିପ୍ରତି ବନ ବିଭାଗର କୌଣସି ଉତ୍ତରଦାଇତ୍ୱ ନ ଥିବା ଭଳି ଜଣା ପଡୁଛି ।

ସୂଚନା ଅନୁସାରେ ରାଇଘର ବ୍ଲକ ସଦର ଠାରୁ କୁରାବେଡାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ମୁଲ୍ୟବାନ ଆକାଶିଆ ଗଛ ଲଗାଯାଇଛି । ବର୍ତମାନ ଦେଖିବାକୁ ମିଳୁଛି ସେହି ଗଛ ଗୁଡିକୁ କାଠ ମାଫିଆ ମାନେ କାଟି ନେଇ ଯାଇଛନ୍ତି । କେଉଁ ମାନେ ଏଭଳି କରୁଛନ୍ତି ତାହା ତଦନ୍ତ ସାପେକ୍ଷ । ଏ ବିଷୟ ନେଇ ରାଇଘର ବନବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏ ବିଷୟରେ ତଦନ୍ତ କରିବା ବୋଲି କହିଥିଲେ। ଅତୀତ ରେ ଏହିଭଳି ଅନେକ ସ୍ଥାନରେ ମୁଲ୍ୟବାନ ଗଛ ଚୋରି ହୋଇଥିବାର ଅଭିଯୋଗ ହୋଇଆସୁଛି । ତେଣୁ ବନ ବିଭାଗ ତରଫରୁ ସଠିକ ତଦନ୍ତ କରିବା ଦରକାର ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି ।

# ମଣ୍ଡିରେ ଦଲାଲ ରାଜ୍ ବନ୍ଦ ନେଇ ଆଗୁଆ ଲିଖିତ ଅଭିଯୋଗ



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ଧାନ ମଣ୍ଡିରେ ଦଲାଲରାଜ ଓ କଟନି-ଛଟନି ବନ୍ଦ ପାଇଁ ଉପ-ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା କାଙ୍କେରୀ ର 'ମାଁ ଡୁମେରମୁଡ଼େନ ଯୁବକ ସଂଘ' ଧର୍ମଗଡ଼ ବ୍ଲକ କାଙ୍କେରି ଏବଂ ଆଖପାଖ ଅଞ୍ଚଳର ଧାନ ମଣ୍ଡି ଗୁଡ଼ିକରେ ହେଉଥିବା ବ୍ୟାପକ ଅନିୟମିତତା, ସ୍ଥାନୀୟ ଦଲାଲ, ହସ୍ତକ୍ଷେପ ଏଂ ସେମାନଙ୍କୁ ବଦଳି କରିବା ସହ ଚାଷୀଙ୍କଠାରୁ ଅନାବଶ୍ୟକ କଟନି-ଛଟନି ବନ୍ଦ କରିବା ଦାବିରେ ଗୁରୁବାର ମାଁ ଡୁମେରମୁଡ଼େନ ଯୁବକ ସଂଘ, କାଙ୍କେରି ତରଫରୁ ଧର୍ମଗଡ଼ ଉପ-ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପତ୍ର ସଂଖ୍ୟା ୧୧୩/୨୬ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଧାନ ମଣ୍ଡିଗୁଡ଼ିକରେ ଚାଷୀମାନେ ନିଜର କଷ୍ଟଅର୍ଜିତ ଧାନ ବିକ୍ରି କରିବା ସମୟରେ ନାନାଦି ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ କେତେକ ଅସାଧୁ ଦଲାଲ ନିଜେ ଧାନ ସଂଗ୍ରହ କରି ମଣ୍ଡିରେ ବିକ୍ରି କରୁଥିବା ବେଳେ ପ୍ରକୃତ ଚାଷୀମାନେ ପଛରେ ପଡୁଛନ୍ତି ଏବଂ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ସହିତ ଧାନ ବିକ୍ରି ସମୟରେ ବେଆଇନ କଟନି-ଛଟନି ନାମରେ ଚାଷୀଙ୍କ ଧାନ କମାଇ ଦିଆଯାଉଥିବାରୁ ସେମାନେ ଆର୍ଥିକ ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି । ଯୁବକ ସଂଘ ତରଫରୁ ରଖାଯାଇଥିବା ୫ଟି ମୁଖ୍ୟ ଦାବି ଧାନ ମଣ୍ଡିରେ ଅନଧିକୃତ ସ୍ଥାନୀୟ ଦଲାଲଙ୍କ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ରୋକାଯାଉ। ପ୍ରକୃତ ଚାଷୀଙ୍କଠାରୁ ସରକାରୀ ନିୟମ ଅନୁଯାୟୀ ସଓ୍ୱଚ୍ଛ ଓ ନିରପେକ୍ଷ ଭାବରେ ଧାନ କ୍ରୟ କରାଯାଉ । ଚାଷୀଙ୍କ ଧାନରେ ଅନାବଶ୍ୟକ କଟନି-ଛଟନି ସମ୍ପୂର୍ଣ୍ଣ ବନ୍ଦ କରାଯାଉ । ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟାକୁ ନିୟମିତ ଯାଞ୍ଚ କରାଯାଉ ଏବଂ କୌଣସି ଅନିୟମିତତା ଦେଖାଗଲେ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଚାଷୀମାନେ ଯେପରି ମଣ୍ଡିରେ କୌଣସି ପ୍ରକାର ହଇରାଣ ନହୁଅନ୍ତି, ସେଥିପାଇଁ ଆବଶ୍ୟକ ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା କରାଯାଉ । ଚାଷୀଙ୍କ ସଓ୍ୱାର୍ଥ ଓ ଅଧିକାରକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରନ୍ତୁ ଏବଂ ମଣ୍ଡିରେ ସ୍ୱଚ୍ଛ ଧାନ କ୍ରୟ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ବୋଲି ଯୁବକ ସଂଘ ଦାବି କରିଛି । ଦାବିପତ୍ର ପ୍ରଦାନ ସମୟରେ ମାଁ ଡୁମେରମୁଡ଼େନ ଯୁବକ ସଂଘର ସଭାପତି ମହେଶ୍ୱର ସୁନାନୀଙ୍କ ସମେତ ସଂଘର କର୍ମକର୍ତ୍ତା ଦିନେଶ ପ୍ରଧାନ, ଚିନ୍ମୟ ବାଗ, ସୁନୀଲ ଜଗତ, ଆକାଶ ତାଣ୍ଡି ଏବଂ ଅଞ୍ଚଳବାସୀ ଗୋବିନ୍ଦ ସାହୁ, ହୃଷୀକେଶ ମାଝୀ, ହିମାଂଶୁ ନାଏକ, ସୂରଜ ତାଣ୍ଡି, ଯଜ୍ଞେନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୌରଗୋଠ ପ୍ୟାକ୍ସ ପରିଦର୍ଶନ କଲେ ନରସିଂହ

# ସାରର କୃତ୍ରିମ ଅଭାବ ଯୋଗୁଁ କଳାବଜାରି ବଢୁଛି



ବଲାଙ୍ଗିର,(ସବ୍ୟୁ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଗୁରୁବାର ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଂଚାୟତର ଗୌରଗୋଠ ଠାରେ ଥିବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ପରିଦର୍ଶନ କରିଛନ୍ତି । ପ୍ୟାକ୍ସ ରେ ବିଶେଷ କରି ସାରର ଅଭାବ ଓ ଚାଷୀ ପଞ୍ଜିକରଣରେ ଚାଷୀମାନେ ଘୋର ଅସୁବିଧା ସମ୍ମୁଖିନ ହେଉଛନ୍ତି ବୋଲି ଅଭିଯୋଗ ହୋଇଥିଲା । ଚାଷୀ ପଞ୍ଜିକରଣ ପାଇଁ ଯଦି ଓ ସରକାର ଗତ ବର୍ଷ ଭଳି ପଞ୍ଜିକରଣକୁ ସରଳ କରାଯିବ ବୋଲି ଘୋଷଣା କରିଛନ୍ତି କିନ୍ତୁ ପ୍ରାକୃତରେ ପ୍ୟାକ୍ସ ସ୍ତରରେ ସେପରି ହେଉ ନାହିଁ । ଚାଷୀ ତାର କାଗଜପତ୍ର ଧରି ପଞ୍ଜିକରଣ ପାଇଁ ପ୍ୟାକ୍ସରେ ପହଂଚିଲେ ସେଠାରେ ତାଙ୍କୁ ବଂଶାବଳି ଆଣିବା ପାଇଁ କୁହାଯାଉଛି । ଫଳରେ ଅନେକ ଚାଷୀ ଏଥର ପଞ୍ଜିକୃତ ହୋଇପାରିବେ ନା ନାହିଁ ତାହା ସନ୍ଦେହ ଘେରରେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତା ସହ ଏହି ପ୍ୟାକ୍ସ ର ଜମି, ଋଣ ଗ୍ରହିତା ଓ ଅଣଋଣୀ ଚାଷୀଙ୍କ ଚାହିଦା କୁ ଦେଖିଲେ ୧୦୦୦ ବସ୍ତାର ସାର ଦରକାର ହେବ କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ମାତ୍ର ୩୦୦ ବସ୍ତା ସାର ଆସିଛି । ଏଥିରୁ ପ୍ରଥମେ ଋଣ କରିଥିବା ଚାଷୀଙ୍କୁ ସାର ପ୍ରଦାନ କରାଯିବ । ଯଦି ବଳିବ ତେବେ ଋଣ କରିନଥିବା ଚାଷୀଙ୍କୁ ସାର ପ୍ରଦାନ କରାଯିବ ବୋଲି ଶ୍ରୀ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ପ୍ୟାକ୍ସ ସଂପାଦକ କହିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଭାଗ ଜାଣିଶୁଣି ଚାହିଦା ମୁତାବକ ସାର ପେକ୍ସ କୁ ପଠାଉ ନାହିଁ । ଫଳରେ ସାର ର ଅଭାବ ସାଙ୍ଗକୁ ସେହି ଅଳ୍ପ ପରିମାଣରେ ଆସୁଥିବା ସାରକୁ କଳାବଜାରରେ ଡବଲ ଦାମରେ ଅନ୍ୟ ଚାଷୀମାନଙ୍କୁ ବିକ୍ରି ହେଉଛି । ଆହୁରି ମଧ୍ୟ ଚାଷୀଙ୍କ ଅଭିଯୋଗର ସଠିକ ଉତ୍ତର ପେକ୍ସ କର୍ତ୍ତୃପକ୍ଷ ଦେଇପାରୁ ନ ଥିବାରୁ ଏଠାରେ ସାର କୁ ନେଇ କଳାବଜାରି ଅଭିଯୋଗ ସତ୍ୟ ବୋଲି ଜଣାପଡୁଛି । ଚାଷୀମାନେ ସାର ଏବଂ ପଞ୍ଜିକରଣ ପାଇଁ ଶହ ଶହ ସଂଖ୍ୟାରେ ପେକ୍ସ ସାମନାରେ ରୁଣ୍ଡ ହୋଇ ଶ୍ରୀ ମିଶ୍ରଙ୍କୁ ନିଜର ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ । ଏପରି କି ଚାଷର ଯେଉଁ ସମୟରେ ଯେଉଁ ସାର ଦରକାର ସେ ସବୁକୁ ନେଇ ବିଭାଗ ଯତ୍ନବାନ ହେଉ ନାହିଁ । ତେଣୁ ଠିକ ସମୟରେ ଠିକ ସାର ନ ପାଇବାରୁ ଚାଷୀ ର ଅମଳ କମିଯାଉଥିବାର ଅଭିଯୋଗ ଆସିଥିଲା । ଏ ସବୁ କୁ ନେଇ ଶ୍ରୀ ମିଶ୍ର କୃଷି ଓ ସମବାୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ଏହା ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ କହିବେ ବୋଲି ପ୍ରତିଶୃତି ଦେଇଛନ୍ତି । ନଚେତ ଆଗାମୀ ଦିନରେ କେବଳ ଗୌରଗୋଠ ନୁହେଁ ସମଗ୍ର ଦେଓଗାଁ ବ୍ଲକ ଅଂଚଳରେ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି ।

# ପ୍ରତାପ ଚନ୍ଦ୍ର ଦାଶ ପାଇଲେ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ



ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ତଥା ଏନଏସଏସ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ରେ ସମ୍ମାନିତ ହୋଇଛନ୍ତି । ରାଜୀବ ଗାନ୍ଧୀ ଛାତ୍ର ଫୋରମ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ୮୨ ତମ ଜନ୍ମ ଜୟନ୍ତୀରେ ଜାତୀୟ ଶିକ୍ଷା କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିବା ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କୁ ଏହି ସମ୍ମାନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ପିସିସି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସଭାପତି ସତ୍ୟବ୍ରତ ନାଏକ, ଓ ବିଧାନସଭା କଂଗ୍ରେସ ବିରୋଧି ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ଏସ୍ସ ପୂର୍ବତନ ଅଧକ୍ଷ ଡା. ଅଶୋକ ମହାପାତ୍ରଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି । ସମାଜସେବା ଓ ଯୁବ ପିଢ଼ୀଙ୍କ ପାଇଁ ଅନବରତ କାର୍ଯ୍ୟ କରୁଥିବା ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ସେବା ଓ କୃତିତ୍ୱକୁ ସମ୍ମାନିତ କରିବା ପାଇଁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ଦିଆଯାଇଛି । ଏହି ସମ୍ମାନ ଆଗକୁ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେବ ବୋଲି ଅଧ୍ୟାପକ ଶ୍ରୀ ଦାଶ ମତ ପ୍ରକାଶ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ତଥା ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ଦାଶଙ୍କ ଏହି ସମ୍ମାନ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଆସୁଛି ।

## ଆନ୍ତଃ ଜିଲ୍ଲା ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ

# ୧୩ ବାଇକ୍ ସହ ତିନି ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୩ଟି ଚୋରି ଦାମୀ ବାଇକ ଜବତ କରିଛି । ଏଥିସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ମାନେ ବୁର୍ଲା ଥାନା ଖରମୁଣ୍ଡାର ନିରଞ୍ଜନ ପୁଜାରୀ(୩୩), ଗୋଶାଳା ପଦମ୍ପଡାର ରାଜୁ ନାଗ(୨୬), ଭେଡେନ ରକ୍ସିତାର ପ୍ରମୋଦ ତାଣ୍ଡିଆ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଚୋରି ବାଇକ୍ କିଣିବା ଅଭିଯୋଗରେ ଧମା ଥାନା ଭୈରୋପାଲିର ରାଜେଶ ସାଗରଓ ଚେତୁ କିଙ୍ଗ୍ ଭାର କେଁକାଶ ବାଗ(୩୭)ଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ, ରେଙ୍ଗାଲି ଥାନା ପୋଲିସ ଗତ ୧୨ତାରିଖ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ କଲେଜ ଛକ ନିକଟରେ ସନ୍ଦେହ ହେବାରୁ ୨ଟି ବାଇକ୍‌ରେ ଯାଉଥିବା ୪ଜଣଙ୍କୁ ଅଟକାଇଥିଲା। ସେମାନଙ୍କୁ ପୋଲିସ ପଚରାଉଚରା କରୁଥିବା ବେଳେ ଅଜୟ କୁମ୍ଭାର ଘଟଣାସ୍ଥଳରୁ ଚମ୍ପଟ ମାରି ଖସି



ପଳାଇବାରେ ସକ୍ଷମ ହୋଇଥିଲା। ତେବେ ଯାଞ୍ଚବେଳେ ଏହା ଚୋରି ବାଇକ ବୋଲି ଜଣାପଡିଥିଲା। ଅନ୍ୟ ୩ଜଣଙ୍କୁ ପୋଲିସ ଅଟକ ରଖି ଚୋରି ସମ୍ପର୍କରେ ଖୋଲତାଡ କରିଥିଲା । ଆଳୁ ଖୋଳୁ ଖୋଳୁ ମହାଦେବ ମିଳିବା ଭଳି ଏକ ଆନ୍ତଃ ଜିଲ୍ଲା ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଥିଲା । ଏହା ଜଣାପଡିବା ପରେ ରେଙ୍ଗାଲି ଓ ଠେଲକୋଲୋଇ ଥାନା ପୋଲିସକୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧୩ଟି ଚୋରି ବାଇକ ଜବତ କରିଛି । ଏହି ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ବେଳେ ଆହୁରି ଅଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ପୋଲିସ ଅନୁମାନ କରୁଛି ।

## ଏସ୍ଏଚଜିକୁ ମିଳିନି କୋଟିଏରୁ ଅଧିକ ଟଙ୍କା

# ଜିଲ୍ଲାପାଳ ଅଫିସ ଘେରିଲେ ଏସଏଚଜି ମହିଳା

ନୂଆପଡ଼ା,(ସବ୍ୟୁ) : ମହିଳା ସ୍ୱୟଂ ସହାୟିକା ଦଳ ସରକାରଙ୍କ ଧାନ କିଣା ପ୍ରକ୍ରିୟାରେ ସାମିଲ ହେଲେ । କିଛି ଟଙ୍କା ରୋଜଗାର ପାଇବେ, ସ୍ୱାବଲମ୍ବୀ ହେବା ପାଇଁ ଏସଏଚ୍ଜିଙ୍କ ପାଇଁ ଏହା ସହାୟକ ହେବ ବୋଲି ପୂର୍ବ ସରକାର ପରିକଳ୍ପନା କରିଥିଲେ । କିନ୍ତୁ ନୂଆପଡ଼ା ଜିଲ୍ଲାରେ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଥିବା ଏସଏଚ୍ଜି ଗ୍ରୁପ୍‌ଙ୍କୁ ସେମାନଙ୍କର କମିସନ ଓ ହେମାଲି(ନିୟୋଜିତ ଶ୍ରମିକ) ବାବଦ ଟଙ୍କା ପାଇ ନଥିବା ଅଭିଯୋଗ ହୋଇଛି । ଟଙ୍କା ପାଇଁ ଏସଏଚଜି ଗ୍ରୁପର ମହିଳାମାନେ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଟଙ୍କା ମିଳିପାରିନି । ଗୁରୁବାର ଜିଲ୍ଲା ଏସଏଚଜି ଗ୍ରୁପର ମହିଳାମାନେ ଏକତ୍ର ହୋଇ ଏକ ଶୋଭାଯାତ୍ରରେ ଆସି ଜିଲ୍ଲାପାଳ ଅଫିସ ଘେରାଉ କରିଥିଲେ । ଏହି ଘେରାଉରେ ଶତାଧିକ ମହିଳା ସହ ବିଜେଡି ଜିଲ୍ଲା ସଭାପତି ଅବନୀ ଯୋଶୀ, ଜିଲ୍ଲାପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ ଉପସ୍ଥିତ ଥିଲେ । ସୂଚନା ଅନୁସାରେ, ୨୦୨୪-୨୫ରେ ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକରେ ୧୩ଟି ଏସଏଚଜି ଗ୍ରୁପ କୁ ଖରିଫ ଓ ରବି ଧାନ କିଣା ପାଇଁ ଅନୁମତି ଦିଆଯାଇଥିଲା । ସରକାର ନିୟମ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ଏସଏଚଜିଙ୍କୁ କ୍ୱିଣ୍ଟାଲ ପିଛା ୩୧ ଟଙ୍କା ୨୫ ପଇସା କମିସନ ରହିଥିଲା । ସେହିପରି ହେମାଲି ପାଇଁ କ୍ୱିଣ୍ଟାଲ ପିଛା ୮ ଟଙ୍କା ୬୭ପଇସା ବ୍ୟବସ୍ଥା କରାଯାଇଥିଲା ଖରିଫରେ ୨ଲକ୍ଷ ୨୭ ହଜାର ୫୩୫ କ୍ୱିଣ୍ଟାଲ ଧାନ ସଂଗ୍ରହ ବାବଦ କମିସନ ୭୧ ଲକ୍ଷ ୧୦ ହଜାର ୪୯୮ ଟଙ୍କା ହୋଇଥିବାବେଳେ ମଣ୍ଡି ଓ ହେମାଲି ବାବଦକୁ ୨୯ ଲକ୍ଷ ୮୯ ହଜାର ୮୨୨ ଟଙ୍କା ମୋଟ ୧ କୋଟି ୧ ହଜାର ୩୨୦ ଟଙ୍କା ବକେୟା ରହିଛି । ଏଥିସହିତ ରବିରେ ୨୮ ହଜାର ୨୭୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ । କମିସନ ବାବଦକୁ ୮ ଲକ୍ଷ ୮୩ ହଜାର ୫୩୯ ଟଙ୍କା, ମଣ୍ଡି ଓ ହେମାଲି ବାବଦକୁ ୩ ଲକ୍ଷ ୭୧ ହଜାର ୫୧୧ ଟଙ୍କା ମୋଟ ୧୨ ଲକ୍ଷ ୫୫ ହଜାର ୫୦ ଟଙ୍କା ବାକି ରହିଛି। ଖରିଫ ଓ ରବିରେ ମୋଟ ୧ କୋଟି ୧୩ ଲକ୍ଷ ୫୫ ହଜାର ୩୭୦ ଟଙ୍କା କମିସନ ଓ ହେମାଲି ବାବଦ ବକେୟା ଟଙ୍କା ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୩ଟି ଏସଏଚ୍ଜି ଗ୍ରୁପ୍‌ଙ୍କୁ ସରକାର ଦେଇନଥିବା ଅଭିଯୋଗ ହୋଇଛି ।

# ଅଟୋ ଓଲଟି ୧୪ କୃଷି ଶ୍ରମିକ ଗୁରୁତର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲରୁ ହଳଦୀ ପୂର୍ତ୍ତ ରାସ୍ତାର ଯମୁନା ପାହାଡ ପାର୍ଶ୍ୱରେ ଥିବା ଚାଉଳଫୁପୁଡ଼ା ଛକରେ ଏକ ଅଟୋ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିବାରୁ ୧୪ଜଣ କୃଷି ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଲଖନା ଗ୍ରାମର ୧୪ଜଣ ମହିଳା ଓ ପୁରୁଷ କୃଷି ଶ୍ରମିକ ଗ୍ରାମର ହିଁ ଏକ ଅଟୋ(ସିଜି ୦୪ ଏଚଜେଡ ୩୩୯୮)ଯୋଗେ ଗୁରୁବାର ସକାଳୁ ଯୁଗୀରତା ଗ୍ରାମକୁ ଧାନ ପହ୍ଲା ରୋଇବାକୁ ଯାଉଥିଲେ । ଓଭରଲୋଡ ଯୋଗୁଁ ଅଟୋଟି ଭାରସାମ୍ୟ ହରାଇ ଘଟଣା ସ୍ଥଳରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲ ।। ଫଳରେ ଅଟୋରେ ବସିଥିବା ଡ୍ରାଇଭର ସହ ସମସ୍ତ କୃଷି ଶ୍ରମିକ ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ମୁରିବାହାଲ ସିଏଚସିରେ ଭର୍ତ୍ତି କରାଯାଇଥିଲା । ଘଟଣା ସ୍ଥଳରେ ଆହତଙ୍କ ରକ୍ତ ଆଦି ପଡ଼ିବା ସହ ଧରିଥିବା ଖାଦ୍ୟ,ଚପଲ ପଡ଼ିଥିଲା । ଅଟୋ ମଧ୍ୟ ଭାଙ୍ଗି ଯାଇଥିଲା । ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୧୦ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା । ସମସ୍ତ ଆହତ ୧୪ଜଣ କୃଷି ଶ୍ରମିକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ପେଟପାଟଣା ପାଇଁ ଅନ୍ୟ ଗାଁକୁ ଧାନ ପହ୍ଲା ରୋଇବାକୁ ଯାଉଥିବା ଜଣାପଡିଛି । କୃଷି ଶ୍ରମିକମାନଙ୍କୁ ଚିକିତ୍ସା ଓ ଅନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ଲଖନା ଗ୍ରାମବାସୀ ଦାବି କରିଛନ୍ତି ।

# ସିପି ପ୍ଲସ୍ କ୍ୟାମେରା ସେଲ୍ସ ଏଣ୍ଡ ସର୍ଭିସିଂ ସେଣ୍ଟର ଉଦ୍‌ଘାଟିତ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସହଯୋଗ ନଗରରେ ସିପି ପ୍ଲସ୍ କ୍ୟାମେରା ସେଲ୍ସ ଏଣ୍ଡ ସର୍ଭିସିଂ ସେଣ୍ଟର ଉଦ୍ଘାଟିତ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ସଂସ୍ଥାର ସର୍ଭିସ୍ ହେଡ୍ କମଲ ଗୌତମ , ସେଲ୍ସ ହେଡ୍ ନୀଲମ କଟକୀ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏହି ନୂତନ ସେଲ୍ସ ଏଣ୍ଡ ସର୍ଭିସିଂ ସେଣ୍ଟର ମାଧ୍ୟମରେ ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳର ଗ୍ରାହକମାନେ ସିପି ପ୍ଲସ୍‌ର ବିଭିନ୍ନ ପ୍ରକାରର ସୁରକ୍ଷା କ୍ୟାମେରା ଓ ସମ୍ପର୍କିତ ସାମଗ୍ରୀ କିଣିବା ସହ ସେବା ପାଇପାରିବେ ବୋଲି କହିଥିଲେ। ସେହିପରି କ୍ୟାମେରା ସ୍ଥାପନ, ରକ୍ଷଣାବେକ୍ଷଣ ଓ ସର୍ଭିସିଂ ସୁବିଧା ମଧ୍ୟ ଏଠାରେ ଉପଲବ୍ଧ ହେବ। ସମ୍ବଲପୁରରେ ଏହି ସେଣ୍ଟର ଖୋଲିବା ଦ୍ୱାରା ସ୍ଥାନୀୟ ଗ୍ରାହକ ମାନେ ଗୁଣାତ୍ମକ ସୁରକ୍ଷା ସାମଗ୍ରୀ ସହ ଉନ୍ନତମାନର ସେବା ସହଜରେ ପାଇପାରିବେ ବୋଲି ସଂସ୍ଥା ପକ୍ଷରୁ ସୂଚିତ କରାଯାଇଛି।

# ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଯୁବ ମତଦାତା ସାକ୍ଷରତା ସଚେତନତା ଶିବିର

ଭବାନୀପାଟଣା,(ସବ୍ୟୁ): ନୂତନ ଯୁବ ପିଢୀକୁ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ କରିବା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଏକ ନୂତନ ଯୁବ ମତଦାତା ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଭବାନୀପାଟଣା ତହସିଲଦାର ଖିରୋଦ ଚନ୍ଦ୍ର ନାଗ ଏବଂ ରେଭେନ୍ୟୁ ଅଫିସର କାର୍ତ୍ତିକ ସୁନା ମହାବିଦ୍ୟାଳୟରେ ଉପସ୍ଥିତ ଥିବା ୨୪୦ ଜଣ ଛାତ୍ରଛାତ୍ରୀ ଯୁବ ମତଦାତା ରୂପେ ବୟସ ସୀମା ପୂରଣ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବାକୁ ଥିବା ବେଳେ ସେମାନଙ୍କୁ ସଚେତନ କରାଇ ମତଦାନ ସାକ୍ଷରତାର ବାର୍ତ୍ତା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ସ୍ୱାଗତ ଅଭିଭାଷଣ ଦେବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଯୁବ ପିଢୀର ଅଂଶଗ୍ରହଣ ଉପରେ ଯୋର ଦେଇଥିଲେ । ଶିବିରକୁ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ପରିଚାଳନା କରି ଉପସ୍ଥିତ ଅତିଥି ଓ ନବ ଯୁବ ମତଦାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ସୁଶାନ୍ତ କୁମାର ଦାଶ, ଫାଲଗୁନି ପ୍ରଧାନୀ, ପୁରୀତ ରଣା, ମନ୍ଦାକିନୀ ପ୍ରଧାନ, ମହିମା ଖାତୁନ, କେଶନୀ ପାୟଲ ମହାନନ୍ଦ, ଅନୁକୁଲ ସାହାଣି, ନାଜନିନ ସୁଲତାନା, ମାନସ ରଞ୍ଜନ ଠାକୁର, ଦୀନବନ୍ଧୁ ନାଗ, ସୁନିଲ କୁମାର ଗହିର ପ୍ରମୁଖ ସହଯୋଗ କରିଥିଲେ।

# କୁହୁରା ଭାଟି ଛକ ଠାରୁ ଚାନ୍ଦୋତରା ରାସ୍ତା ଶୋଚନୀୟ

ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁହୁରା ଭାଟି ଛକ ଠାରୁ ଚାନ୍ଦୋତରା ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । ରସ୍ତାକୁ ନେଇ ଗୋଲାମୁଣ୍ଡା ବ୍ଲକ ବିଜେପି କର୍ମୀ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହାର ସୁଫଳ ହୋଇପାରି ନାହିଁ । ଏହି ରାସ୍ତାଟି ବଲାଙ୍ଗୀର ଓ ନୂଆପଡା ଜିଲ୍ଲାକୁ ଯାଉଥିବା ମୁଖ୍ୟ ରସ୍ତାରେ ସଂଯୋଗ ଥିବା ବେଳ ଗୋଲାମୁଣ୍ଡା ବ୍ଲକର ଲୋକେ ଏ ରାସ୍ତା ଉପରେ ବିଶେଷ ପରିମାଣରେ ନିର୍ଭର କରିଥାନ୍ତି । ହେଲେ ରାସ୍ତାରେ ପ୍ରାୟତଃ ଗାତ ଗୁଡିକ ଭରପୁର ମାତ୍ରାରେ ଥିବା ବେଳେ ସଦାସର୍ବଦା ପୋଖରୀ ପରି ପାଣି ଜମା ରହୁଛି । ରାସ୍ତାର ଅବସ୍ଥା ଅତି ଶୋଚନୀୟ ଥିବାରୁ ଭାରୀଯାନ ଗୁଡିକ ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜୀବନ ପ୍ରତି ବିପଦ ଥିବାରୁ ଭାରୀଯାନ ଚଳାଚଳ ବନ୍ଦ ରହିଛି । କେବଳ ଦୁଇ ଚକିଆ ଗାଡି ବି ବହୁ କଷ୍ଟରେ ଯିବା ଆସିବା କରୁଛି । ଏ ନେଇ ପୂର୍ବରୁ ମଧ୍ୟ ଅନେକ ଥର ଖବର କାଗଜରେ ପ୍ରକାଶିତ ହୋଇଥିଲା । ତଥାପି ବିଭାଗୀୟ କର୍ମଚାରୀଙ୍କ ନଜରରେ ପଡୁ ନାହିଁ । ଏ ଉପରେ ଧର୍ମଗଡ଼ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ନିର୍ମାଣ ବିଭାଗ କର୍ମଚାରୀଙ୍କୁ ଫୋନ ଯୋଗାଯୋଗ କଲେ ଏ ରାସ୍ତାଟି ଆମ ବିଭାଗର ନୁହଁ ବୋଲି ସଫେଇ ଦେଉଥିବା ବେଳେ ଲୋକେ କାହାକୁ ଗୁହାରି କରିବେ ବୋଲି ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି । ଏ ଦିଗରେ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାପାଳ ଦୃଷ୍ଟି ଦେଇ କାମ ନିର୍ମାଣ କରିବାକୁ ସାଧାରଣ ରେ ଦାବି ହେଉଛି ।

# ସମ୍ବଲପୁର ମହୋତ୍ସବ ୨୦୨୬ ପ୍ରାକ୍ ପ୍ରସ୍ତୁତି ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୁଢ଼ାରଜା ଠାରେ ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ୨୦୨୬ ମହୋତ୍ସବ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଗତ ବର୍ଷ ୨୦୨୫ର ଆୟବ୍ୟୟ ସମ୍ପର୍କିତ ସମସ୍ତ ବିବରଣୀ ପ୍ରଦାନ ସହ ଅଡ଼ିଟେଡ଼୍ ରିପୋର୍ଟକୁ ଅନୁମୋଦନ କରାଯାଇଥିଲା। ଏଥିସହ ଆଗତ ମହୋତ୍ସବର ପାଇଁ ଆଲୋଚନା ହୋଇଥିଲା । ସମ୍ବଲପୁର ସାଂସ୍କୃତିକ ପରିଷଦର ନିଜସ୍ୱ କାର୍ଯ୍ୟାଳୟର ଅଗ୍ରଗତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା । ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ଆଗାମୀ ଦିନରେ ଏହାର ବିସ୍ତାରିତ ବୈଠକ ସମ୍ବନ୍ଧରେ ସମସ୍ତ ଆଗ୍ରହୀ ବ୍ୟକ୍ତି ଓ ଅନୁଷ୍ଠାନ ଗୁଡ଼ିକୁ ସୂଚନା ଦିଆଯିବ ବୋଲି କହିଥିଲେ । ପ୍ରାକ୍ତନ ଶିକ୍ଷା ପ୍ରଶାସକ ରତ୍ନଭୂଷଣ ପୃଷେଠ୍, ପ୍ରାକ୍ତନ ଅର୍ଥ ପ୍ରଶାସିକା ପାର୍ବତୀ ସେଠ, ସଦାନନ୍ଦ ପଣ୍ଡା, ପୂର୍ବତନ ଭାରତୀୟ ଖାଦ୍ୟ ନିଗମର ପ୍ରଶାସକ ଜିତେନ୍ଦ୍ର ସେଠ, ବରିଷ୍ଠ ଉଦ୍ୟୋଗୀ ବ୍ରଜମୋହନ ଗୋୟେଲ, ସାହିତ୍ୟିକ ବଳଦେବ ଦୀକ୍ଷିତ, ଇଞ୍ଜିନିୟର ପ୍ରିନ୍ସ ଗୁପ୍ତା ଓ ଗାୟକ ରବିନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ସଂଯୋଜକ ଡ. ସପନ ମିଶ୍ର ଆଗାମୀ ବର୍ଷର ସମସ୍ତ ଆୟୋଜନ ପାଇଁ ଆଗାମୀ ଦିନରେ ପରିବର୍ଦ୍ଧିତ ବୈଠକରେ ସବିଶେଷ ନିଷ୍ପତି ନିଆଯିବ ବୋଲି କହି ସଭା ସାଙ୍ଗ କରିଥିଲେ ।

# ପ୍ୟାନେଲ ଓକିଲଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିର

ନୂଆପଡ଼ା,(ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ା ଏବଂ ତାଲୁକ ଆଇନ ସେବା ସମିତି ଖରିଆର, ସିନାପାଲି ଓ ବୋଡ଼େନ ଅନ୍ତର୍ଗତ ସମସ୍ତ ପ୍ୟାନେଲ ଓକିଲଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସଭାଗୃହରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରା ଉଦ୍ଘାଟନ କରିଥିଲେ । ଏହି ଅବସରରେ ନୂଆପଡ଼ାର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଏସ୍ଡିଜେଏମ ସ୍ୱାତକି ଦାଶ ଏବଂ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଦ୍ୱିତୀୟ ଶ୍ରେଣୀ କାହ୍ନୁ କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ର ମହିଳାଙ୍କ ଭରଣପୋଷଣ ସମ୍ବନ୍ଧୀୟ ଆଇନ, ଘରୋଇ ହିଂସା ନିରୋଧ ଆଇନ ଏବଂ ସମ୍ପତ୍ତିରେ ମହିଳାଙ୍କ ଅଧିକାର ଉପରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭, ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟଶୈଳୀ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

# କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଇଂ ଅମିତ କୁମାର ଗୁରୁଙ୍କ ତତ୍ୱାବଧାନ ଓ ପୂର୍ବତନ ସଭାପତି ଜୟ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଯୁବ ଭାରତର ସ୍ୱପ୍ନଦ୍ରଷ୍ଟା ତଥା ଆଧୁନିକ ଭାରତ ଗଠନର ଅଗ୍ରଦୂତ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଥିଲା । ଏହି ଅବସରରେ ରାଜୀବ ଗାନ୍ଧୀଙ୍କ ଦେଶ ପ୍ରତି ଅବଦାନ ଓ ତାଙ୍କର ଆଦର୍ଶକୁ ସ୍ମରଣ କରାଯାଇଥିଲା । ଏଥିରେ ଆଇନଜୀବୀ ନିରଞ୍ଜନ ତ୍ରିପାଠୀ, ଦୀନବନ୍ଧୁ ପରିଡ଼ା, ଅଶୋକ ପୁରୋହିତ, ଜିତେନ ମହାନନ୍ଦ, ରବି ରାଉତ, ଗିରିଜା ନାୟକ, ସଞ୍ଜିବ ଗର୍ଡିଆ , ଅଭିରାମ ପଟେଲ, ମୋହନ ସାହା ଓ ସଞ୍ଜୟ ଛୁରିଆ ପ୍ରମୁଖ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାନବାଧିକାରର ଅବିଚ୍ଛିନ୍ନ ଅଂଶ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିୟମ୍ (ଏଲଜି-୧)ରେ ଓଡ଼ିଶା ମାନବାଧିକାର ଆୟୋଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ 'ଉତ୍ସର୍ଗ'ର ମିଳିତ ଆୟୋଜନରେ 'ସ୍ୱାସ୍ଥ୍ୟସେବାରୁ ସ୍ୱାସ୍ଥ୍ୟ ନ୍ୟାୟ: ସ୍ୱାସ୍ଥ୍ୟ ଅଧିକାରର ନୂତନ ପରିକଳ୍ପନା' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ମାନବାଧିକାର ଆୟୋଗର ଅଧକ୍ଷ ଶତ୍ରୁଘ୍ନ ପୂଜାହାରୀ ସଭାପତିତ୍ୱ କରିଥିଲେ । ସେ କହିଥିଲେ ଯେ, ମୌଳିକ ସୁବିଧା ଗୁଡ଼ିକୁ ସୁନିଶ୍ଚିତ ନକରି କେବଳ ଚିକିତ୍ସା ବ୍ୟବସ୍ଥାର ବିସ୍ତାର ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ନ୍ୟାୟ ସମ୍ଭବ ନୁହେଁ । ରୋଗୀଙ୍କ ମର୍ଯ୍ୟାଦା, ଗୋପନୀୟତା, ସୂଚନା ପାଇବାର ଅଧିକାର ଓ ମାନବିକ ବ୍ୟବହାରକୁ ଚିକିତ୍ସା ବ୍ୟବସ୍ଥାର ଅବିଚ୍ଛିନ୍ନ ଅଂଶ କରିବା ଆବଶ୍ୟକ । ଆଧୁନିକ ପ୍ରଯୁକ୍ତି ସହ ଚିକିତ୍ସା ବ୍ୟବସ୍ଥାରେ ମାନବିକତା ଓ ସମ୍ବେଦନଶୀଳତା ମଧ୍ୟ ସମାନ ଗୁରୁତ୍ୱ ବହନ କରେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି ଆଇନ ବିଭାଗର ଡ. ପ୍ରୟାସ ତନସେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଅଧିକାରର ବିଭିନ୍ନ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଉତ୍ସର୍ଗର ସଭ୍ୟ ତଥା ଭୀମସାରର ସହକାରୀ ଅଧ୍ୟାପକ ଡା. ସଞ୍ଜୀବ କୁମାର ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଉତ୍ସର୍ଗର ସଂଯୋଜକ ପ୍ରଶାନ୍ତ ପାଢୟୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଳତୀ ଯୋରରେ ଭାସିଗଲେ ପ୍ରବାସୀ ଶ୍ରମିକ ଦୁଇ ଉଦ୍ଧାର, ଜଣେ ନିଖୋଜ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ମାଳତୀ ଯୋରରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଜଣେ ପ୍ରବାସୀ ଶ୍ରମିକ ଭାସି ନିଖୋଜ ହୋଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛନ୍ତି । ବୋଟ୍ ଯୋଗେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ସୂଚନାଯୋଗ୍ୟ, ରାଜସ୍ଥାନ ବାଡମେର ଜିଲ୍ଲାର ଚନ୍ଦ୍ର ପ୍ରକାଶ(୧୯), ତମାସୀ ଆଁଖିୟା (୧୯) ଓ ପ୍ରକାଶ ସରନ୍(୨୧) ଅପରାହ୍ନ ପ୍ରାୟ ୫ଟାରେ ମାଳତୀ ଯୋରକୁ ଗୋଧୋଇବାକୁ ଯାଇଥିଲେ । ତେବେ ଏମାନେ ପ୍ରବଳ ସ୍ରୋତରେ ଭାସି ଯାଇଥିଲେ । ସ୍ଥାନୀୟ ଲୋକେ ଚନ୍ଦ୍ର ଓ ତମାସୀଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ମାତ୍ର ପ୍ରକାଶ ସରନ୍ ଭାସି ଯାଇଥିଲେ । ଏହି ପ୍ରବାସୀ ଶ୍ରମିକ ମାନେ ଧନୁପାଲି ଥାନା ଅନ୍ତର୍ଗତ ନକ୍ସାପାଲି ୟୁରିଆ ପମ୍ପରେ କାମ କରୁଥିବା ଜଣାପଡିଛି । ହୀରାକୁଦ ଡ୍ୟାମର ୧୭ଟି ଗେଟ୍ ଖୋଲା ଥିବାବେଳେ ମହାନଦୀରେ ୩ଲକ୍ଷରୁ ଅଧିକ ଘନଫୁଟ ଜଳ ପ୍ରବାହିତ ହେଉଛି । ମହାନଦୀର ପଛୁଆ ପାଣି ଏହି ଯୋର ଦେଇ ପ୍ରବାହିତ ହେଉଥିବା ବେଳେ ସ୍ରୋତ ପ୍ରଖର ରହିଛି ।

# ଅଶୋକ ମିତ୍ର ସ୍ମାରକ ଆଲୋଚନାଚକ୍ର

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ପକ୍ଷରୁ ପତଙ୍ଗ ସହଯୋଗରେ ଅଶୋକ ମିତ୍ର ସ୍ମାରକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପ୍ରଫେସର ଫକୀର ମୋହନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ନିଜ କ୍ଷମତା ଉପରେ ବିଶ୍ୱାସ ରଖିବା, ବିଫଳତାକୁ ଭୟ ନକରିବା ଏବଂ ନିଜର ଲକ୍ଷ୍ୟ ପ୍ରତି ଦୃଢ଼ ରହିବା ପାଇଁ ପ୍ରେରଣା ଦେଇଥିଲେ । ପତଙ୍ଗର ମୁଖ୍ୟ ନିର୍ବାହୀ ଅଧିକାରୀ ଡ଼. ରୀତା ମିଶ୍ର ଯୋଗଦେଇ ଆତ୍ମବିଶ୍ୱାସ କିପରି ଏକ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ, ନେତୃତ୍ୱ ଦକ୍ଷତା ଓ ଜୀବନରେ ସଫଳତା ହାସଲ କରିବାରେ ସହାୟକ ହୁଏ, ସେ ସମ୍ପର୍କରେ ନିଜର ମତାମତ ରଖିଥିଲେ । ଏହି ଅବସରରେ 'ଡିଜିଟାଲ୍ ଲାଇଫ୍ ଆଣ୍ଡ ସାଇକୋଲୋଜିକାଲ୍ ୱେଲ୍-ବିଇଂ' ଶୀର୍ଷକ ଏକ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼. ରୂପଶ୍ରୀ ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ସହକାରୀ ପ୍ରଫେସର ଡ଼ ସଂଯୁକ୍ତା ପାଢ଼ୀ, ଡ଼ ରୁପଶ୍ରୀ ବ୍ରହ୍ମ କୁମାରୀ, ପୁଷ୍ପା ହେମ୍ବ୍ରମ, ଡ଼ ମନୋରଞ୍ଜନ ତ୍ରିପାଠୀ, ଡ଼ ସଂଜୀବ କୁମାର ଭୋଇ, ଚନ୍ଦ୍ରକାନ୍ତ ଦାସ, ରିଷୁ ଶର୍ମା, ରଶ୍ମିତା ମହାନ୍ତି, ଶଶୀଭୁଷଣ ଦୋରା ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଚଣ୍ଡିପାଲି ୩୩/୧୧ କେଭି ସବ୍‌ଷ୍ଟେସନ କାମ ମନ୍ଥର

# ଲୋ-ଭୋଲଟେଜ, ବିଦ୍ୟୁତ କାଟରେ ଅସନ୍ତୋଷ

ଅମ୍ବାଭୋନା,(ସବ୍ୟୁ): ବିଦ୍ୟୁତ ସମସ୍ୟାରୁ ମୁକ୍ତି ଆଶାରେ ଅପେକ୍ଷାରତ ଅଞ୍ଚଳବାସୀଙ୍କ ଆଶା ଏବେ ବିଳମ୍ବିତ ହେଉଛି । ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଉତ୍ତମ ଗ୍ରାମ ପଞ୍ଚାୟତର ଚଣ୍ଡୀପାଲିଠାରେ ନିର୍ମାଣାଧୀନ ୩୩/୧୧ କେଭି ପ୍ରାଇମେରୀ ସବଷ୍ଟେସନର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଏହାର କାର୍ଯ୍ୟକ୍ଷମତାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ସବଷ୍ଟେସନର ନିର୍ମାଣ କାମ ଶୀଘ୍ର ସରିବ ଏବଂ ଅଞ୍ଚଳର ବିଦ୍ୟୁତ ସମସ୍ୟାରେ ସୁଧାର ଆସିବ ବୋଲି ଆଶା ରହିଥିଲା । ହେଲେ ଚାର୍ଜିଂ ପ୍ରକ୍ରିୟା ବିଳମ୍ବିତ ହେବାରୁ ଏବେ ମଧ୍ୟ ଅଞ୍ଚଳର ବିଭିନ୍ନ ଗ୍ରାମରେ ବାରମ୍ବାର ବିଦ୍ୟୁତ କାଟ ସହ ଲୋ-ଭୋଲ୍ଟେଜ ସମସ୍ୟା ଜାରି ରହିଛି । ସ୍ଥାନୀୟ ଉପଭୋକ୍ତାଙ୍କ କହିବାନୁସାରେ, ଅନିୟମିତ ବିଦ୍ୟୁତ ସରବରାହ ଯୋଗୁଁ ଘରୋଇ କାର୍ଯ୍ୟଠାରୁ ଆରମ୍ଭ କରି ଚାଷବାସ ଓ ବ୍ୟବସାୟିକ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି । ବିଶେଷକରି ଗ୍ରୀଷ୍ମ ଓ ବର୍ଷା ଋତୁରେ ଲୋ-ଭୋଲଟେଜ ସମସ୍ୟା ଅଧିକ ଗୁରୁତର ହେଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ଚଣ୍ଡୀପାଲିରେ ନିର୍ମାଣାଧୀନ ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେଲେ ଲଖନପୁର, ଉତ୍ତମ, ବଙ୍ଗାପାଲି ଓ ଖୋଲା ଗ୍ରାମପଞ୍ଚାୟତ ଅଞ୍ଚଳର ପ୍ରାୟ ୩ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେବାର ସମ୍ଭାବନା ରହିଛି । ସବଷ୍ଟେସନ ଚାଲୁ ହେଲେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ



ସୁଧାର ଆସିବା ସହ ଲୋ-ଭୋଲ୍ଟେଜ ଓ ବାରମ୍ବାର ବିଦ୍ୟୁତ ବିଚ୍ଛିନ୍ନ ହେବା ସମସ୍ୟା ହ୍ରାସ ପାଇବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।ତେବେ ସବଷ୍ଟେସନ ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ କେବେ ଏହା ଚାର୍ଜିଂ ହୋଇ ଉପଭୋକ୍ତାଙ୍କ ସେବାରେ ଆସିବ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟର ଗତି ବଢ଼ାଇବା ସହ ଶୀଘ୍ର ସବଷ୍ଟେସନକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପଦ୍ମପୁରରେ ୪୧ କେଜି ୮୬୦ ଗ୍ରାମ ଗଞ୍ଜେଇ ଜବତ, ଦୁଇ ଗିରଫ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଥାନା ଅନ୍ତର୍ଗତ ଫାଟାମୁଣ୍ଡା ଗାଁରେ ଚଢ଼ଉ କରି ପୁଲିସ ୪୧ କେଜି ୮୬୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିବାବେଳେ ଘଟଣାରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି । ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ବାଜାଜ ଈଶ୍ୱ ୧୦୦ ବାଇକ ଓ ଗୋଟିଏ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି ।ପୁଲିସର ସୂଚନା ଅନୁଯାୟୀ, ବୁଧବାର ସକାଳେ ପଦ୍ମପୁର ଥାନାର ଏସଆଇ ପ୍ରମିଳା ମାରେଇଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଫାଟାମୁଣ୍ଡା ଗାଁର ରବୀନ୍ଦ୍ର ଡୁଡୁକାଙ୍କ ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଘରେ ରଖାଯାଇଥିବା ତିନୋଟି ପ୍ଲାଷ୍ଟିକ ବସ୍ତାରୁ ବିପୁଳ



ପରିମାଣର ଗଞ୍ଜେଇ ମିଳିଥିଲା । ଓଜନ କରିବା ପରେ ଏହାର ପରିମାଣ ୪୧ କେଜି ୮୬୦ ଗ୍ରାମ ବୋଲି ଜଣାପଡ଼ିଥିଲା । ପୁଲିସ ପଚରାଉଚରା ବେଳେ ରବୀନ୍ଦ୍ର ଡୁଡୁକା ଗଞ୍ଜେଇ ବେଆଇନ ବିକ୍ରି ଓ ପରିବହନ ସମ୍ପର୍କରେ ସୂଚନା ଦେଇଥିଲେ । ତାଙ୍କ ବୟାନ ଆଧାରରେ ଶତ୍ରୁଘ୍ନ ଲାରିଆ ଓ ରେଶମ ଲାରିଆଙ୍କ ନାମ ସାମ୍ନାକୁ ଆସିଥିବା ପୁଲିସ କହିଛି । ଅଭିଯୋଗ ଅନୁସାରେ, ସତ୍ରୁଘ୍ନ ଲରିଆ ତାଙ୍କ ବାଜାଜ ଈଶ୍ୱ ୧୦୦ ବାଇକ (ନମ୍ବର କ୍ଓଡ-୧୭-ଘ-୧୫୦୮)ରେ ଗଞ୍ଜେଇ ଆଣି ରେଶମ ଲରିଆଙ୍କ ସହାୟତାରେ ରବୀନ୍ଦ୍ରଙ୍କ ଘରେ ରଖିଥିଲେ। ଏହି ଘଟଣାରେ ପଦ୍ମପୁର ଥାନା ପକ୍ଷରୁ କେସ ନମ୍ବର ୨୨୪/୨୦୨୬ ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୧(୨)(ବି) ସହିତ ଏନଡ଼ିପିଏସ ଆଇନର ଧାରା ୨୦(ବି)(ଲ୍ଲଲ୍ଲ)(ଇ) ଓ ୨୫/୯ ଅନୁଯାୟୀ ମାମଲା ରୁଜୁ କରିଥିଲେ। ମାମଲାରେ ପଦ୍ମପୁର ଥାନା ଫଟାମୁଣ୍ଡା ଗାଁର ରବୀନ୍ଦ୍ର ଡୁଡୁକା (୪୫) । ରେଶମ ଲରିଆ (୨୧) ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲ। । ମାମଲାରେ ସମ୍ପୃକ୍ତ ଥିବା ଶତ୍ରୁଘ୍ନ ଲାରିଆ (୫୦) ସମ୍ପୃକ୍ତି ନେଇ ମଧ୍ୟ ତଦନ୍ତ ଜାରି ରହିଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି । ପୁଲିସ ସେମାନଙ୍କ ଠାରୁ ଜବତ କରିଥିବା ସାମଗ୍ରୀ ମଧ୍ୟରେ ୪୧ କେଜି ୮୬୦ ଗ୍ରାମ ଗଞ୍ଜେଇ, କ୍ଓଡ-୧୭-ଘ-୧୫୦୮ ନମ୍ବର ବିଶିଷ୍ଟ ବାଜାଜ ଈଶ୍ୱ ୧୦୦ ବାଇକ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରିଛି ।

# ସମ୍ପାଦକୀୟ

## ଏ ମାଟିର କବି ସଚ୍ଚି ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି

ଏ ଓଡ଼ିଶା ମାଟିର ଜଣେ ପ୍ରତିଭାବାନ କବି ଓ ସାହିତ୍ୟିକ ଥିଲେ ସଚ୍ଚିଦାନନ୍ଦ ରାଉତରାୟ । ତାଙ୍କୁ ସଂକ୍ଷେପରେ ସମସ୍ତେ ଲେଖିଥା'ନ୍ତି ବା ଡାକିଥା'ନ୍ତି ସଚ୍ଚି ରାଉତରାୟ । ଆଧୁନିକ କାଳର ଓଡ଼ିଆ ସାହିତ୍ୟରେ ସେ ଥିଲେ ଜଣେ ଅନ୍ୟତମ ଦିଗ୍‌ଦର୍ଶକ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଥିଲେ । ସେ ଜନ୍ମ ହୋଇଥିଲେ ଖୋର୍ଦ୍ଧା ସହରଠାରୁ ପ୍ରାୟ ଅଧ ମାଇଲ (କିଲୋମିଟର) ଗୁରୁଜଙ୍ଗ ଗ୍ରାମରେ ୧୯୧୩ ମସିହା ମେ ମାସ ୧୩ ତାରିଖରେ । ମାତ୍ର ସ୍କୁଲ ସାର୍ଟିଫିକେଟରେ ତାଙ୍କ ଜନ୍ମ ତାରିଖ ଲେଖା ଯାଇଥିଲା ମେ ୧୩ ତାରିଖ ୧୯୧୬ ମସିହା । ତାଙ୍କର ଦେହାନ୍ତ ହୋଇଥିଲା, ଅଗଷ୍ଟ ୨୧ ତାରିଖ ୨୦୦୪ରେ କଟକ ସହରରେ । ତାଙ୍କର ସ୍କୁଲ ଜନ୍ମ ତାରିଖ ଅନୁଯାୟୀ ପାସପୋର୍ଟ ଓ ଅନ୍ୟାନ୍ୟ ରେକର୍ଡପତ୍ରରେ ଆବଶ୍ୟକୀୟ ତଥ୍ୟ ରଖାଯାଇଛି ବୋଲି ସେ ତାଙ୍କ ଆତ୍ମଚରିତ 'ଉତ୍ତର-କକ୍ଷ'ର ୩୫ ପୃଷ୍ଠାରେ ସ୍ୱୀକାର କରିଛନ୍ତି ।



ସଚ୍ଚି ରାଉତରାୟ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ପରିବର୍ତ୍ତନ ଆଣିଥିଲେ । ତାଙ୍କୁ ଅନୁସରଣ କରି ବହୁ ଆଧୁନିକ ଓଡ଼ିଆ ଯୁବକବି ଓ କବି ଆମ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ମଧ୍ୟ ହୋଇଛନ୍ତି । ତାଙ୍କର ଯେଉଁ କବିତାଟି ଓଡ଼ିଶାରେ ଘରେ ଘରେ ପରିଚିତ, ତାହା ହେଉଛି 'ଛୋଟ ମୋର ଗାଆଁଟି' । ଛୋଟ ଗାଆଁଟି ଭିତରେ ତାଙ୍କର ଷଠିଘର ରହିଛି । ଅର୍ଥାତ୍ ଜନ୍ମସ୍ଥାନରେ ହିଁ ଷଠିଘର ଥାଏ । ମାତ୍ର 'ସେଇଠି ଶେଷେ ଜଳିବ ପରା ମୋର ଚିତା ନିଆଁଟି' ବୋଲି ସେହି କବିତାରେ ସେ ଅତି ସୁନ୍ଦର ଭାବେ ଉଲ୍ଲେଖ କରିଛନ୍ତି । ଗାଁରେ ଜନ୍ମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ସେହି ଇଚ୍ଛା ଥାଏ । ତାଙ୍କୁ ଲକ୍ଷ୍ୟ କରି ସଚ୍ଚି ବାବୁ ସମ୍ଭବତଃ ତାହା ଲେଖିଥିଲେ । କିନ୍ତୁ ତାଙ୍କର ଚିତା ନିଆଁ ତାଙ୍କ ନିଜ ଗାଁରେ ଜଳି ପାରି ନଥିଲା । ସେହି କବିତାରେ ଆଉ ଏକ ପଦ ରହିଛି, ଯାହା-' ଆଲୋକ ତା'ର କି ମନୋହର/ ଅନ୍ଧକାର ତା' ଠାରୁ ଭଲ ।' ଏପରି ବିଚକ୍ଷଣ ପଦ ପ୍ରକୃତରେ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ବିରଳ ।

**ସେଥିମଧ୍ୟରୁ ପ୍ରଥମ ପ୍ରଶ୍ନଟି ଥିଲା- 'ଆପଣ ନିଜେ ଜ୍ଞାନପୀଠ ପୁରସ୍କାର ପାଇବା ସଂକ୍ରାନ୍ତରେ ଜାଣିବା ପରେ ପ୍ରଥମ ପ୍ରତିକ୍ରିୟା କ'ଣ ?' ତାଙ୍କର ଉତ୍ତର ମଧ୍ୟରୁ ସଂକ୍ଷେପରେ ଗୋଟାଏ କଥା ଏଠାରେ ଉଲ୍ଲେଖନୀୟ । ତାହା ହେଲା- 'କୌଣସି କବିତାର ଗୁଣାତ୍ମକ ଉତ୍କର୍ଷ ପୁରସ୍କାରରେ ବଢ଼େନି । ଏ ଧରଣର ପୁରସ୍କାର କବିର କେତେକ ଆର୍ଥିକ ସମସ୍ୟା ଦୂର କରେ ସତ, ମାତ୍ର ପୁରସ୍କାର ଯୋଗୁଁ କେହି ହଠାତ୍ ବିରାଟ କବି ହୋଇ ପାରେନି ।'**

ସ୍ୱର୍ଗୀୟ ରାଉତରାୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ କାରାବରଣ କରିଥିଲେ । ୧୯୩୮ ମସିହାରୁ ୧୯୪୨ ମସିହା ପର୍ଯ୍ୟନ୍ତ ସେ 'ସହକାର' ପତ୍ରିକାର ସମ୍ପାଦକ ମଧ୍ୟ ଥିଲେ । ସହକାର ପତ୍ରିକା ସ୍ୱର୍ଗୀୟ ବାଳକୃଷ୍ଣ କର କଟକରେ ଆରମ୍ଭ କରିଥିଲେ । ବାଲେଶ୍ୱରରେ ଛାତ୍ରାବସ୍ଥାରେ ଥିବାବେଳେ ସାହିତ୍ୟିକ ମନୋଜ ଦାସ ଯେଉଁ 'ଦିଗନ୍ତ' ପତ୍ରିକା ପ୍ରକାଶ କରୁଥିଲେ, ପରବର୍ତ୍ତୀ ସମୟରେ ତାହାର ପ୍ରକାଶନ ଓ ସମ୍ପାଦନା ଦାୟିତ୍ୱ ସଚ୍ଚି ରାଉତରାୟ ଗ୍ରହଣ କରିଥିଲେ ଏକ ନୂତନ ଢଙ୍ଗରେ ।

ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ସେ ଓଡ଼ିଆ ସାହିତ୍ୟ ସାଧନାରେ ବ୍ୟାପୃତ ରହି ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ତାଙ୍କ ରଚିତ 'ପାଣ୍ଡୁଲିପି' କବିତା ସଂକଳନର ପ୍ରଥମ କବିତା ଥିଲା 'ଝଡ଼' । ଏ କବିତାରେ ସେ ଯେଉଁ ବିପ୍ଳବର ସୂଚନା ଦେଇଥିଲେ, ତାହା ଓଡ଼ିଆ ସାହିତ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ସେତେବେଳେ । 'ଝଡ଼' କବିତାର ପ୍ରଥମ ପଦଟି ଥିଲା-'ଏଇ ଯେ ଆସୁଛି ଝଡ଼, କର ସଖୀ ତା'ରେ ନମସ୍କାର । ତା' ପଦେ ପ୍ରଣତି ବାଢ଼େ ଗିରି ବନ ନଦୀ ପାରାବାର ।'

ସେ 'ଜ୍ଞାନପୀଠ' ପୁରସ୍କାର ଦ୍ୱିତୀୟ ଓଡ଼ିଆ ଲେଖକ ଭାବେ ପାଇବା ପରେ ତା ୩୦/୦୮/୮୭ ମସିହାରେ (ପ୍ରାୟ ୩୯ ବର୍ଷ ପୂର୍ବେ) ଏ ଲେଖକ ତାଙ୍କୁ ଭେଟି ଜ୍ଞାନପୀଠ ପୁରସ୍କାର ପ୍ରାପ୍ତି ସମ୍ପର୍କରେ ଅନେକ ପ୍ରଶ୍ନ ପଚାରିଥିଲା । ସେଥିମଧ୍ୟରୁ ପ୍ରଥମ ପ୍ରଶ୍ନଟି ଥିଲା-'ଆପଣ ନିଜେ ଜ୍ଞାନପୀଠ ପୁରସ୍କାର ପାଇବା ସଂକ୍ରାନ୍ତରେ ଜାଣିବା ପରେ ପ୍ରଥମ ପ୍ରତିକ୍ରିୟା କ'ଣ ?' ତାଙ୍କର ଉତ୍ତର ମଧ୍ୟରୁ ସଂକ୍ଷେପରେ ଗୋଟାଏ କଥା ଏଠାରେ ଉଲ୍ଲେଖନୀୟ । ତାହା ହେଲା- 'କୌଣସି କବିତାର ଗୁଣାତ୍ମକ ଉତ୍କର୍ଷ ପୁରସ୍କାରରେ ବଢ଼େନି । ଏ ଧରଣର ପୁରସ୍କାର କବିର କେତେକ ଆର୍ଥିକ ସମସ୍ୟା ଦୂର କରେ ସତ, ମାତ୍ର ପୁରସ୍କାର ଯୋଗୁଁ କେହି ହଠାତ୍ ବିରାଟ କବି ହୋଇ ପାରେନି । ଅନ୍ୟପକ୍ଷରେ କବିର ଆର୍ଥିକ ଅସୁବିଧା ଦୂର କରିବାରେ ଏବଂ ତାଙ୍କୁ ଭବିଷ୍ୟତରେ ନିର୍ବିଘ୍ନରେ ସାହିତ୍ୟ ସାଧନା କରିବା ପାଇଁ ସୁଯୋଗ ଦେବା ଦିଗରେ ଏ ପୁରସ୍କାର କିଛିଟା କାମରେ ଲାଗେ । ଏକ ଦୃଷ୍ଟିରୁ ଦେଖିବାକୁ ଗଲେ ମୁଁ ଏ ପୁରସ୍କାର ପାଇ ଆନନ୍ଦିତ ଏବଂ ବହୁ ଦିନରୁ ଚାଲି ଆସିଥିବା ହେବା ନ ହେବା ପ୍ରଭୃତି କଳ୍ପନାଜଳ୍ପନାର ଏକପ୍ରକାର ଅବସାନ ଘଟିଲା ବୋଲି କୁହା ଯାଇପାରେ ।'

ପ୍ରକୃତରେ ସଚ୍ଚି ରାଉତରାୟଙ୍କର ଏ କଥାର ପ୍ରାସଙ୍ଗିକତା ୩୯ ବର୍ଷ ପରେ ଏବେ ମଧ୍ୟ ରହିଛି । ତାଙ୍କର ପବିତ୍ର ଶ୍ରାଦ୍ଧ ଦିବସରେ ଆମେମାନେ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦୀର୍ଘ ସଂଗ୍ରାମର ଫଳଶ୍ରୁତି: ଭାରତର ସ୍ୱାଧୀନତା



**ତେଜେଶ୍ୱର ପଟ୍ଟନାୟକ**

ଭାରତର ସ୍ୱାଧୀନତା କେବଳ ଏକ ତାରିଖର ଐତିହାସିକ ଘଟଣା ନୁହେଁ ଏହା ଅସଂଖ୍ୟ ଜଣା-ଅଜଣା ସଂଗ୍ରାମୀଙ୍କ ତ୍ୟାଗ, ସାହସ, ସଂଘର୍ଷ ଓ ସ୍ୱପ୍ନର ଫଳ । ବ୍ରିଟିଶ ଉପନିବେଶବାଦୀ ଶାସନର ଶୃଙ୍ଖଳରୁ ମୁକ୍ତି ପାଇବା ପାଇଁ ଭାରତୀୟମାନେ ପ୍ରାୟ ଦୁଇ ଶତାବ୍ଦୀ ଧରି ବିଭିନ୍ନ ପର୍ଯ୍ୟାୟରେ ଲଢ଼େଇ କରିଥିଲେ । ଏହି ଦୀର୍ଘ ସଂଗ୍ରାମର ପଥ କେବେ ଥିଲା ରକ୍ତାକ୍ତ, କେବେ ଅହିଂସାମୟ, ତ ଆଉ କେବେ ଥିଲା ବିପ୍ଳବର ଅଗ୍ନିଶିଖାରେ ଉଦ୍ଦୀପ୍ତ । ଏହାର ପ୍ରତ୍ୟେକ ପର୍ଯ୍ୟାୟରେ ଥିଲା ସ୍ୱାଧୀନତାର ଆକାଂକ୍ଷା, ଜାତୀୟ ଚେତନା ଓ ମାତୃଭୂମି ପ୍ରତି ଅସୀମ ଭଲପାଇବା ।

ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଏକକ ଆନ୍ଦୋଳନର କାହାଣୀ ନୁହେଁ ଏହା ଥିଲା ଅନେକ ଆଞ୍ଚଳିକ ବିଦ୍ରୋହ, ସାମାଜିକ ସଂସ୍କାର, ରାଜନୈତିକ ଆନ୍ଦୋଳନ, ଜନଜାଗରଣ ଓ ବଳିଦାନର ଏକ ଦୀର୍ଘ ସମନ୍ୱିତ ଯାତ୍ରା । ବିଭିନ୍ନ ଭାଷା, ଧର୍ମ, ଜାତି, ସମ୍ପ୍ରଦାୟ ଓ ସଂସ୍କୃତିରେ ବିଭକ୍ତ ହୋଇଥିଲେ ମଧ୍ୟ 'ବିବିଧତାରେ ଏକତା'ର ମହାନ ଭାବନା ଭାରତୀୟମାନଙ୍କୁ ଏକ ସୂତ୍ରରେ ବାନ୍ଧିଥିଲା । ଶେଷରେ ୧୯୪୭ ମସିହାରେ ଭାରତ ହାସଲ କରିଥିଲା ସ୍ୱାଧୀନତା-ଏକ ନୂତନ ଯୁଗର ଅୟମାରମ୍ଭ ହୋଇଥିଲା ।

୧୪ ଅଗଷ୍ଟ ୧୯୪୭ ମସିହା ଦିନ ପଣ୍ଡିତ ଜବାହରଲାଲ ନେହେରୁ ସମ୍ବିଧାନ ସଭାରେ ତାଙ୍କର ଐତିହାସିକ "Tryst with Destiny' ଭାଷଣରେ ଘୋଷଣା କରିଥିଲେ-ମଧ୍ୟରାତ୍ରି ସମୟରେ, ଯେତେବେଳେ ସାରା ବିଶ୍ୱ ଶୋଇଯିବ, ଭାରତ ଜୀବନ ଓ ସ୍ୱାଧୀନତା ପାଇଁ ଜାଗ୍ରତ ହେବ । ଏହି ଐତିହାସିକ ମୁହୂର୍ତ୍ତ ଆମକୁ ସ୍ମରଣ କରାଏ ଯେ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅତୁଳନୀୟ ତ୍ୟାଗ ଓ ବଳିଦାନ ଯୋଗୁଁ ଆମେ ଆଜି ଏକ ସ୍ୱାଧୀନ ଦେଶର ମୁକ୍ତ ନାଗରିକ ଭାବେ ଗର୍ବ ଅନୁଭବ କରୁଛୁ ।

ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାଯାଏ ଯେ, ଭାରତର ସ୍ୱାଧୀନତା ଆନ୍ଦୋଳନର ମଞ୍ଜି ଦେଶର ବିଭିନ୍ନ ଅଞ୍ଚଳରେ ବହୁ ପୂର୍ବରୁ ବୁଣା ଯାଇଥିଲା । ୧୮୫୭ ମସିହାର ବିଦ୍ରୋହ ପୂର୍ବରୁ ମଧ୍ୟ ଅନେକ ଆଞ୍ଚଳିକ ବିଦ୍ରୋହ ବ୍ରିଟିଶ ଶାସକମାନଙ୍କ ବିରୋଧରେ ଆରମ୍ଭ କରା ଯାଇଥିଲା ।

ସେଗୁଡ଼ିକ ମଧ୍ୟରେ ଓଡ଼ିଶାରେ ୧୮୧୭ ମସିହାରେ ଘଟିଥିବା ପାଇକ ବିଦ୍ରୋହ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଏହି ବିଦ୍ରୋହରେ ପାଇକ, କୃଷକ ଏବଂ ସମାଜର ଅନ୍ୟାନ୍ୟ ବର୍ଗର ଲୋକ ସାମିଲ ହୋଇଥିଲେ । ସେମାନେ ଇଂରେଜମାନଙ୍କ ରାଜସ୍ୱ ନୀତି, ସ୍ଥାନୀୟ ଲୋକଙ୍କ ପାରମ୍ପରିକ ଅଧିକାର ହରଣ ଏବଂ ଆର୍ଥିକ ଶୋଷଣକୁ ବିରୋଧ କରିଥିଲେ । ଖୋର୍ଦ୍ଧାରୁ ଆରମ୍ଭ ହୋଇଥିବା ଏହି ବିଦ୍ରୋହ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ବ୍ୟାପିଥିଲା ।

୧୮୫୭ ମସିହାରେ ଘଟିଥିବା ସିପାହୀ ବିଦ୍ରୋହ ଉତ୍ତର ଓ ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ବ୍ରିଟିଶ ଶାସନ ବିରୋଧରେ ଭାରତୀୟ ସୈନିକମାନଙ୍କ ଦ୍ୱାରା ଘଟିଥିବା ପ୍ରଥମ ବଡ଼ ଧରଣର ବିଦ୍ରୋହ ଭାବେ ପରିଚିତ । ଭାରତୀୟ ସୈନିକମାନଙ୍କ ପ୍ରତି ଭେଦଭାବ, କଠୋର ସେବା ସର୍ତ୍ତାବଳୀ ଏବଂ ବନ୍ଧୁକରେ ବ୍ୟବହୃତ କାର୍ଟ୍ରିଜକୁ ନେଇ ବିବାଦ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା ଏବଂ ଧାର୍ମିକ ଭାବନାକୁ ମଧ୍ୟ ଆଘାତ କରିଥିଲା । ଏହି ବିଦ୍ରୋହ ଦିଲ୍ଲୀ, କାନପୁର, ଲକ୍ଷ୍ନୌ ଓ ଝାନ୍ସୀ ଆଦି ଅଞ୍ଚଳକୁ ବ୍ୟାପିଥିଲା । ବାହାଦୁରଶାହ ଜାଫର, ରାଣୀ ଲକ୍ଷ୍ମୀବାଈ, ମଙ୍ଗଳ ପାଣ୍ଡେଙ୍କ ଭଳି ନେତୃବୃନ୍ଦ ଏବଂ ଓଡ଼ିଶାର ବୀର ଚାଖି ଖୁଣ୍ଟିଆ ସାହସର ସହ ଏଥିରେ ଲଢ଼େଇ କରିଥିଲେ । ଯଦିଓ ୧୮୫୮ ମସିହାରେ ବ୍ରିଟିଶମାନେ ବିଦ୍ରୋହକୁ ଦମନ କରିଥିଲେ, ଏହା ଭାରତୀୟମାନଙ୍କ ମନରେ ଅସନ୍ତୋଷକୁ ଆହୁରି ଦୃଢ଼ କରିଥିଲା ଏବଂ ପରବର୍ତ୍ତୀ ପିଢ଼ିର ଜାତୀୟତାବାଦୀମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା ।

ସ୍ୱାଧୀନତା ଆନ୍ଦୋଳନ ଧୀରେ ଧୀରେ ଏକ ବ୍ୟାପକ ସାମାଜିକ ଓ ରାଜନୈତିକ ରୂପ ଧାରଣ କରିଥିଲା । ବ୍ରାହ୍ମ ସମାଜ ଓ ଆର୍ଯ୍ୟ ସମାଜ ଭଳି ସାମାଜିକ ସଂସ୍କାର ଆନ୍ଦୋଳନ ଏବଂ ସ୍ୱାମୀ ବିବେକାନନ୍ଦ ଓ ସୁବ୍ରମଣ୍ୟମ ଭାରତୀଙ୍କ ଭଳି ଚିନ୍ତକ ଓ ଜାତୀୟତାବାଦୀ ମନୀଷୀମାନଙ୍କ ଚିନ୍ତାଧାରା ଜାତୀୟ ଚେତନାକୁ ସୁଦୃଢ଼ କରିବାରେ ସହାୟକ ହୋଇଥିଲା ।

୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶ ଶାସନ ସମ୍ମୁଖରେ ଜନସାଧାରଣଙ୍କ ଅଧିକାର ଦାବି କରିବା ପାଇଁ ଏକ ସଂଗଠିତ ରାଜନୈତିକ ମଞ୍ଚ ଭାବେ ପ୍ରତିଷ୍ଠିତ ହୋଇଥିଲା । ଅନେକ ବର୍ଷ ଧରି କଂଗ୍ରେସ ସାମ୍ବିଧାନିକ ସଂସ୍କାର ଓ ସ୍ୱାୟତ୍ତ ଶାସନର ଦାବି ଉଠାଇବା ସହ ଶେଷରେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇଁ ଦାବି କରିଥିଲା । ଏହି ସଂଗଠନ ଦେଶରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା ।

ବଙ୍ଗ ବିଭାଜନର ପ୍ରତିକ୍ରିୟାସ୍ୱରୂପ ୧୯୦୫-୦୮ ମସିହାର ସ୍ୱଦେଶୀ ଆନ୍ଦୋଳନ ବିଦେଶୀ ସାମଗ୍ରୀ ବର୍ଜନ ଏବଂ ଭାରତୀୟ ଉତ୍ପାଦନର ପ୍ରଚାରକୁ ଉତ୍ସାହିତ କରିଥିଲା । ବାଲଗଙ୍ଗାଧର ତିଲକ, ଲାଲା ଲଜପତ ରାୟ ଏବଂ ବିପିନ ଚନ୍ଦ୍ର ପାଲଙ୍କ ଭଳି ମହାନ ନେତାମାନେ ଏହି ଆନ୍ଦୋଳନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ଜାତୀୟ ଚେତନା ଓ ସ୍ୱାଭିମାନର ବାତାବରଣ ସୃଷ୍ଟି କରିଥିଲେ । କଂଗ୍ରେସର ୧୯୦୬ ମସିହାର କଲିକତା ଅଧିବେଶନରେ ସ୍ୱରାଜ ହାସଲ କରିବାର ଲକ୍ଷ୍ୟକୁ ଗୁରୁତ୍ୱ ଦିଆ ଯାଇଥିଲା ।

ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧିଙ୍କ ଦକ୍ଷିଣ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ ଏବଂ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ଭାରତୀୟ ଜାତୀୟ ଆନ୍ଦୋଳନକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା । ସେ ସତ୍ୟାଗ୍ରହ ଓ ଅହିଂସାର ପଥ ବାଛିଥିଲେ । ଫଳରେ ବହୁ ସଂଖ୍ୟକ ସାଧାରଣ ଲୋକ ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ । ଭାରତରେ ତାଙ୍କର ପ୍ରଥମ ପ୍ରମୁଖ ସତ୍ୟାଗ୍ରହ ୧୯୧୭ ମସିହାରେ ବିହାରର ଚମ୍ପାରଣଠାରେ ଆରମ୍ଭ ହୋଇଥିଲା, ଯେଉଁଠାରେ ସେ ଶୋଷଣର ସମ୍ମୁଖୀନ ଚାଷୀମାନଙ୍କୁ ସମର୍ଥନ କରିଥିଲେ ।

ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ପରେ ୧୯୨୦-୨୨ ମସିହାର ଅସହଯୋଗ ଆନ୍ଦୋଳନ ଏକ ଦେଶବ୍ୟାପୀ ଅଭିଯାନରେ ପରିଣତ ହୋଇଥିଲା । ଛାତ୍ର, ଶ୍ରମିକ, କୃଷକ, ମହିଳା ଏବଂ ମଧ୍ୟବିତ୍ତ ବର୍ଗର ଲୋକମାନେ ସରକାରୀ ପ୍ରତିଷ୍ଠାନ ଓ ବିଦେଶୀ ସାମଗ୍ରୀ ବର୍ଜନ କରି ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । 'ଚୌରୀ ଚୌରା' ହିଂସାକାଣ୍ଡ ଘଟଣାରେ ବିବ୍ରତ ହୋଇ ଗାନ୍ଧିଜୀ ୧୯୨୨ ମସିହାରେ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲେ । ଏହି ଘଟଣାରେ ପ୍ରତିବାଦକାରୀମାନେ ହିଂସାତ୍ମକ ହୋଇ କେତେକ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିଲେ ।

୧୯୨୦ ଦଶକରେ 'ହିନ୍ଦୁସ୍ତାନ ସମାଜବାଦୀ ରିପବ୍ଲିକାନ୍ ଆସୋସିଏସନ୍' (HSRA) ଭଳି ବିପ୍ଳବୀ ସଂଗଠନ ଗଠିତ ହୋଇଥିଲା । ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଏବଂ ସେମାନଙ୍କ ସହଯୋଗୀମାନଙ୍କ ଭଳି ବୀର ଯୁବକମାନେ ସେମାନଙ୍କ ସଂଗ୍ରାମୀ କାର୍ଯ୍ୟ ଓ ବଳିଦାନ ମାଧ୍ୟମରେ ଦେଶର ଯୁବପିଢ଼ିକୁ ଅନୁପ୍ରାଣିତ କରିଥିଲେ । ସେମାନେ ବ୍ରିଟିଶ ଶାସନକୁ ହଟାଇବା ପାଇଁ ବିପ୍ଳବୀ ଓ ସଶସ୍ତ୍ର ସଂଗ୍ରାମରେ ବିଶ୍ୱାସ ରଖୁଥିଲେ । ଯଦିଓ ସେମାନେ ବ୍ରିଟିଶ ଶାସନକୁ ଉତ୍ପାଟନ କରିପାରିନଥିଲେ, ଦେଶ ପାଇଁ ସେମାନଙ୍କ ଦୃଢ଼ ପ୍ରତିବଦ୍ଧତା ଓ ବଳିଦାନ ଚିରସ୍ମରଣୀୟ ଅଟେ । ୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମ ଇତିହାସର ଅନ୍ୟ ଏକ ପ୍ରମୁଖ ଘଟଣା ଥିଲା । ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ପ୍ରାୟ ୨୪୦ ମାଇଲ ଦୂରତା ଅତିକ୍ରମ କରି ଗାନ୍ଧିଙ୍କ ଐତିହାସିକ 'ଦାଣ୍ଡି ଯାତ୍ରା' ବ୍ରିଟିଶ ଲବଣ ଆଇନକୁ ଆହ୍ୱାନ କରିଥିଲା । ଏହି ଆନ୍ଦୋଳନ ଦେଶର ବିଭିନ୍ନ ସ୍ଥାନକୁ ବ୍ୟାପିଥିଲା ଏବଂ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲା । ୧୯୩୧ ମସିହାରେ ଗାନ୍ଧି-ଇରୱିନ୍ ଚୁକ୍ତି ସ୍ୱାକ୍ଷର ହେବା ପରେ ଏହି ଆନ୍ଦୋଳନକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖା ଯାଇଥିଲା ।

ଭାରତ ଛାଡ଼ ଆନ୍ଦୋଳନକୁ ବ୍ରିଟିଶ ଶାସନ ବିରୋଧରେ ଶେଷ ବଡ଼ ଜନଆନ୍ଦୋଳନ ଭାବେ ବିବେଚନା କରାଯାଏ । ଜାତୀୟ କଂଗ୍ରେସ ୮ ଅଗଷ୍ଟ ୧୯୪୨ରେ ଇଂରେଜ ସରକାରକୁ ଭାରତ ଛାଡ଼ିବା ପାଇଁ ଏକ ଐତିହାସିକ ପ୍ରସ୍ତାବ ଗ୍ରହଣ କରିଥିଲା ଏବଂ ଗାନ୍ଧିଜୀ ଲୋକମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ପ୍ରସିଦ୍ଧ 'କର ବା ମର' ଡାକରା ଦେଇଥିଲେ । ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଅଗଷ୍ଟ ୯ ତାରିଖରେ ସରକାର କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କୁ ଗିରଫ କରିଥିଲେ । କିନ୍ତୁ ସାରା ଦେଶରେ ପ୍ରତିବାଦ ଏବଂ ପ୍ରତିରୋଧ ଜାରି ରହିଥିଲା । କିଛି ଅଞ୍ଚଳରେ ସମାନ୍ତରାଳ ସରକାର ମଧ୍ୟ ପ୍ରତିଷ୍ଠିତ ହୋଇଥିଲା । ଯଦିଓ ବ୍ରିଟିଶ ଶାସନ ବଳପୂର୍ବକ ଏହି ଆନ୍ଦୋଳନକୁ ଦମନ କରିଥିଲା, ତଥାପି ଏହା ଉପନିବେଶବାଦୀ ଶାସନ ଜାରି ରଖିବାର ଅସୁବିଧା ଓ ଆହ୍ୱାନ ଆହୁରି ସ୍ପଷ୍ଟ କରିଦେଇଥିଲା ।

ଇତିମଧ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ 'ଆଜାଦ ହିନ୍ଦ ଫୌଜ'ରେ ଅନେକ ଭାରତୀୟ ଯୋଗ ଦେଇଥିଲେ । ତାଙ୍କର ପ୍ରସିଦ୍ଧ ଆହ୍ୱାନ ଥିଲା-'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'ଏ ଅନେକ ଭାରତୀୟଙ୍କୁ ପ୍ରେରିତ କରିଥିଲା । ଯଦିଓ 'ଆଜାଦ ହିନ୍ଦ ଫୌଜ' ସମ୍ପୂର୍ଣ୍ଣ ସାମରିକ ବିଜୟ ହାସଲ କରିପାରିନଥିଲା, ଏହାର କାର୍ଯ୍ୟକଳାପ ଓ ତ୍ୟାଗ ଭାରତୀୟମାନଙ୍କ ମନରେ ଜାତୀୟତାବାଦୀ ଭାବନାକୁ ଆହୁରି ଦୃଢ଼ କରିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ସମୟରେ ବ୍ରିଟେନ ପ୍ରଚଣ୍ଡ ଆର୍ଥିକ ଓ ରାଜନୈତିକ ଚାପର ସମ୍ମୁଖୀନ ହୋଇଥିଲା । ଭାରତରେ ଜନଅସନ୍ତୋଷ, ଜାତୀୟତାବାଦୀ ଆନ୍ଦୋଳନ ଏବଂ ସଶସ୍ତ୍ର ବାହିନୀର ବିଭିନ୍ନ ବର୍ଗ ମଧ୍ୟରେ ବୃଦ୍ଧି ପାଉଥିବା ଅଶାନ୍ତି ଯୋଗୁଁ ଉପନିବେଶବାଦୀ ଶାସନ ଅନେକଆହ୍ୱାନର ସମ୍ମୁଖୀନ ହୋଇଥିଲେ । ସାମ୍ବିଧାନିକ ଆଲୋଚନାର ବିଫଳତା, କଂଗ୍ରେସ ଓ ମୁସଲିମ ଲିଗ ମଧ୍ୟରେ ମତଭେଦ ଏବଂ ସାମ୍ପ୍ରଦାୟିକ ହିଂସାର ବୃଦ୍ଧି ପରିପ୍ରେକ୍ଷୀରେ ୧୯୪୭ ମସିହାରେ ବ୍ରିଟିଶ ସରକାର ଭାରତକୁ ବିଭାଜନ କରି କ୍ଷମତା ହସ୍ତାନ୍ତର କରିବାର ନିଷ୍ପତ୍ତି ନେଇଥିଲା । ଏହାର ଫଳସ୍ୱରୂପ ଏକ ନୂଆ ସ୍ୱାଧୀନ, ସାର୍ବଭୌମ ଓ ଗଣତାନ୍ତ୍ରିକ ଭାରତର ଜନ୍ମ ହୋଇଥିଲା ।

**୧୯୪୭ର ସ୍ୱାଧୀନତା ଆମକୁ କେବଳ ବ୍ରିଟିଶ ଶାସନରୁ ମୁକ୍ତ କରିନଥିଲା ଏହା ଆମକୁ ନିଜ ଭାଗ୍ୟ ନିଜେ ଗଢ଼ିବାର ଅଧିକାର ମଧ୍ୟ ଦେଇଥିଲା । ସ୍ୱାଧୀନତା ପରେ ଆଠ ଦଶନ୍ଧିର ଯାତ୍ରାରେ ଭାରତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଜ୍ଞାନ,ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଅର୍ଥନୀତି, ମହାକାଶ, ପ୍ରତିରକ୍ଷା, ଡିଜିଟାଲ ଭିତ୍ତିଭୂମି ଗଣତାନ୍ତ୍ରିକ ବ୍ୟବସ୍ଥା କ୍ଷେତ୍ରରେ ଦେଶ ନିଜର ସାମର୍ଥ୍ୟର ପରିଚୟ ଦେଇଛି । ତଥାପି ଦାରିଦ୍ର୍ୟ, ଅସମାନତା, ବେକାରୀ, ସାମାଜିକ ବିଭାଜନ ଓ ସମସ୍ତଙ୍କ ପାଇଁ ସମାନ ସୁଯୋଗର ଅଭାବ ଭଳି ଆହ୍ୱାନ ଏବେ ମଧ୍ୟ ଆମ ସମ୍ମୁଖରେ ରହିଛି ।**

୧୯୪୭ର ସ୍ୱାଧୀନତା ଆମକୁ କେବଳ ବ୍ରିଟିଶ ଶାସନରୁ ମୁକ୍ତ କରିନଥିଲା ଏହା ଆମକୁ ନିଜ ଭାଗ୍ୟ ନିଜେ ଗଢ଼ିବାର ଅଧିକାର ମଧ୍ୟ ଦେଇଥିଲା । ସ୍ୱାଧୀନତା ପରେ ଆଠ ଦଶନ୍ଧିର ଯାତ୍ରାରେ ଭାରତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଜ୍ଞାନ,ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଅର୍ଥନୀତି, ମହାକାଶ, ପ୍ରତିରକ୍ଷା, ଡିଜିଟାଲ ଭିତ୍ତିଭୂମି ଗଣତାନ୍ତ୍ରିକ ବ୍ୟବସ୍ଥା କ୍ଷେତ୍ରରେ ଦେଶ ନିଜର ସାମର୍ଥ୍ୟର ପରିଚୟ ଦେଇଛି । ତଥାପି ଦାରିଦ୍ର୍ୟ, ଅସମାନତା, ବେକାରୀ, ସାମାଜିକ ବିଭାଜନ ଓ ସମସ୍ତଙ୍କ ପାଇଁ ସମାନ ସୁଯୋଗର ଅଭାବ ଭଳି ଆହ୍ୱାନ ଏବେ ମଧ୍ୟ ଆମ ସମ୍ମୁଖରେ ରହିଛି ।

ତେଣୁ ସ୍ୱାଧୀନତାର ୮୦ତମ ବର୍ଷରେ କେବଳ ଉତ୍ସବ ପାଳନ ନୁହେଁ, ଗଭୀର ଆତ୍ମନିରୀକ୍ଷଣର ମଧ୍ୟ ବିଶେଷ ଆବଶ୍ୟକତା ରହିଛି । ଯେଉଁ ସ୍ୱାଧୀନ ଭାରତର ସ୍ୱପ୍ନ ଆମ ସଂଗ୍ରାମୀମାନେ ଦେଖିଥିଲେ, ତାହା କେତେଦୂର ସାକାର ହୋଇଛି ଏବଂ କେତେ ଅସମ୍ପୂର୍ଣ୍ଣ ରହିଛି-ତାହାର ମୂଲ୍ୟାଙ୍କନ କରିବାର ଏହା ହେଉଛି ଉପଯୁକ୍ତ ସମୟ । ସାମାଜିକ ନ୍ୟାୟ, ସମାନତା, ଧାର୍ମିକ ସହିଷ୍ଣୁତା, ମାନବୀୟ ମର୍ଯ୍ୟାଦା ଓ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ଆଧାର କରି ଏକ ଶକ୍ତିଶାଳୀ ଓ ବିକଶିତ ଭାରତ ଗଢ଼ିବା ହିଁ ହେବ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଆମର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳିଛ

ସ୍ୱାଧୀନତା ଆମକୁ ଯେ ଅଧିକାର ଦେଇଛି, ତାହା ସହିତ ଆମ ଉପରେ କିଛି କର୍ତ୍ତବ୍ୟ ମଧ୍ୟ ନ୍ୟସ୍ତ କରିଛି । 'ବିବିଧତାରେ ଏକତା' ଭାରତର ଶକ୍ତି ଏବଂ ଗଣତନ୍ତ୍ରର ମୂଳ ଆଧାର । ଏହି ଏକତା, ସହିଷ୍ଣୁତା ଓ ଭାଇଚାରାକୁ ଅକ୍ଷୁଣ୍ଣ ରଖି ଆଗକୁ ବଢ଼ିବା ହିଁ ଆଜିର ପିଢ଼ିର ଗୁରୁଦାୟିତ୍ୱ । ସ୍ୱାଧୀନତାର ପ୍ରକୃତ ଅର୍ଥ ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଭାରତର ପ୍ରତ୍ୟେକ ନାଗରିକ ସମ୍ମାନ, ସମାନତା, ସୁରକ୍ଷା ଓ ଆଶା ସହିତ ବଞ୍ଚିପାରିବେ । ଏହା ହିଁ ହେଉ ଆମ ସ୍ୱାଧୀନତାର ଅମୃତ ଯାତ୍ରାର ପରବର୍ତ୍ତୀ ସଂକଳ୍ପ ।

**(ଲେଖକ ବ୍ୟାଙ୍କ ଅଫ ଇଣ୍ଡିଆ ର ପୂର୍ବତନ ଉପ- ମହାପ୍ରବନ୍ଧକ ଓ ଉଭୟ ଓଡ଼ିଆ ଓ ଇଂରେଜୀ ଭାଷାର ଲେଖକ)**
**କେ ୫,ଏଚ ଆଇ ଜି ୨୫୬,**
**କଳିଙ୍ଗ ବିହାର ,ଭୁବନେଶ୍ୱର**

# ଇସ୍କନର ମନଇଚ୍ଛା ରଥଯାତ୍ରା

**ସଂଗ୍ରାମ ପଟ୍ଟନାୟକ**

ସାଢ଼େ ଚାରି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା, ସଂସ୍କୃତି ଓ ଶାସ୍ତ୍ର ପୁରାଣକୁ ପୁଣି ବେଖାତିର କରି ଇସ୍କନ୍ ୟୁରୋପ, ଇଂଲଣ୍ଡ, କାନାଡା ଓ ଆମେରିକାରେ ଗତ ୧୫ ଓ ୧୬ ତାରିଖ ( ଅଗଷ୍ଟ)ରେ ୭ଟି ସ୍ଥାନରେ ପୁଣି ଅଦିନିଆ ରଥଯାତ୍ରା ବହୁ ଧୂମଧାମରେ ପାଳନ କରିଛି ।

1) Amsterdam ( Netherlands), 2) Basel ( Switzerland), 3) Crawley ( England), 4) Croydon (England ), 5) Glasgow (Scotland ) ,6) Fredericton ( Canada), 7) New York City ( USA) ।




ପ୍ରକାଶଥାଉ କି ମହାପ୍ରଭୁଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେ ସରିବାର ୨ ସପ୍ତାହ ବିତିଗଲାଣି, କିନ୍ତୁ ଇସ୍କନ୍‌ର ଅଦିନିଆ ରଥଯାତ୍ରା ବନ୍ଦ ହେବାର ନାଁ ନେଉନାହିଁ ।

ଇସ୍କନ୍‌ର ଏହି ଅମାନିଆଁ ପଣକୁ ପ୍ରତିହତ କରିବାକୁ ବିଗତ ଦିନରେ ଦିଲ୍ଲୀରେ ଥିବା 'ଓଡ଼ିଆ ଫୋରମ୍' ତରଫରୁ ପାଖାପାଖି ଏକ ହଜାରରୁ ଅଧିକ ଓଡ଼ିଆଙ୍କ ସ୍ୱାକ୍ଷର ସହିତ ଏକ ଦାବି ପତ୍ର ତଥା ଅନୁରୋଧ ପତ୍ର ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରଦାନ କରି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏହାର ସ୍ଥାୟୀ ସମାଧାନ କରିବାକୁ ଅନୁରୋଧ କରାଯାଇ ଥିଲା ।

ଇସ୍କନ୍ ସଂସ୍ଥାର ବାଙ୍ଗାଲୋର ଶାଖା ପ୍ରେସ୍ କନଫରେନ୍ସ ଜରିଆରେ ଆଗରୁ ଜଣାଇ ସାରିଛି ଯେ ସେମାନେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜାଙ୍କ କଥାରେ ଏକମତ ଏବଂ ଶାସ୍ତ୍ର ପୁରାଣ ଅନୁସାରେ ସ୍ନାନ ଯାତ୍ରା ଓ ରଥଯାତ୍ରା କରୁଛନ୍ତି ।

ସହଯୋଗୀ ଇସ୍କନ୍ ମନ୍ଦିରଗୁଡ଼ିକ ଦେଶ ଓ ବିଦେଶରେ ବି ତିଥି ଅନୁଯାୟୀ କିମ୍ବା ଶାସ୍ତ୍ରସମ୍ମତ ରଥଯାତ୍ରାରୁ ବାହୁଡ଼ା ଯାତ୍ରା ୯ ଦିନ ଭିତରେ ହିଁ କରୁଛନ୍ତି । କିନ୍ତୁ ଇସ୍କନ୍‌ର ପଶ୍ଚିମ ବଙ୍ଗରେ ଥିବା ମାୟାପୁରର ସହଯୋଗୀ ଦଳ ଓ ମନ୍ଦିରଗୁଡ଼ିକ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି ।

ଜାନୁଆରୀ ୧ ତାରିଖରୁ ଡିସେମ୍ବର ୩୧ ଯାଏ ପ୍ରତିଦିନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ କାଠ କଣ୍ଢେଇ ପରି ରଥରେ ବସାଇ ସେମାନେ ଧର୍ମକୁ ଆଖିଠାର ମାରୁଛନ୍ତି ।

ସାରା ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କ ମତ ହେଲା ଯେତେ ଦିନ ଯାଏ ଭାରତ ସରକାରଙ୍କ ତରଫରୁ ମାୟାପୁର ଇସ୍କନ୍ ସଂସ୍ଥା ଉପରେ ଚାପ ପ୍ରୟୋଗ କରାନଯାଏ, ଅମାନିଆଁ ଇସ୍କନ୍ ବର୍ଷ ସାରା ମନ ଇଚ୍ଛା କଣ୍ଢେଇ ଯାତ୍ରା କରି ଚାଲିଥିବ ।

ଜଗନ୍ନାଥପ୍ରେମୀଙ୍କ ପ୍ରଶ୍ନ ଇସ୍କନ୍ କଣ ତାଙ୍କର ମୂଳ ଠାକୁର ରାଧାକୃଷ୍ଣଙ୍କ ଜନ୍ମାଷ୍ଟମୀ ବର୍ଷ ସାରା ପାଳନ କରିବ ? ନା ସାରା ବିଶ୍ୱର ଖ୍ରୀଷ୍ଟିଆନ୍‌ମାନେ ତାଙ୍କର ଖ୍ରୀଷ୍ଟମାସ୍ ୨୫ ଡିସେମ୍ବରରେ ନ ପାଳି ଯେକୌଣସି ଦିନ ପାଳନ କରିପାରିବେ ନା, ସାରା ବିଶ୍ୱର ସମସ୍ତ ମୁସଲମାନ୍‌ମାନେ ତାଙ୍କର ଇଦ୍ ବିନା ତିଥିରେ ବର୍ଷସାରା ପାଳନ କରିପାରିବେ ?

ସାରା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ସବିନୟ ଅନୁରୋଧ କେନ୍ଦ୍ରସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଇସ୍କନ୍‌ର ଏହି ମନମାନି ଅଦିନିଆ ରଥଯାତ୍ରା ଓ



ସ୍ନାନଯାତ୍ରା ସବୁଦିନ ପାଇଁ ବନ୍ଦ କରନ୍ତୁ ।

**ଭୁବନେଶ୍ୱର**

**ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।**
**(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )**
samayaeditorial2021@gmail.com

### ଆୟୁଷ ଅସ୍ଥାୟୀ ଝାଡୁଦାର ଓ ରାତ୍ର ଜଗୁଆଳିଙ୍କ ସମସ୍ୟା

## ସମାଧାନ ନେଇ ପୂର୍ବତନ ବିଧାୟକଙ୍କୁ ଦାବିପତ୍ର ଦେଲା ସଂଘ

କଟକ, (ସ୍ୱପ୍ର): ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ବିଭିନ୍ନ ସରକାରୀ ଆୟୁଷ ଚିକିତ୍ସାଳୟ ଓ ଡିସ୍ପେନସାରୀରେ ଅସ୍ଥାୟୀ ଝାଡୁଦାର ଓ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରିଆସୁଥିବା କର୍ମଚାରୀମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି । ସେମାନେ ଏକତ୍ରିତ ହୋଇ ସମସ୍ୟାର ସମାଧାନ ନିମନ୍ତେ ଦାବି କରିଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘ ବର୍ଷ ଧରି ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ ମଧ୍ୟ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକ ପାଉଛନ୍ତି । ଦିନିକିଆ ହିସାବରେ କାର୍ଯ୍ୟ କରି ମଧ୍ୟ ସେମାନଙ୍କୁ ଦୈନିକ ୪୭୨ ଟଙ୍କା ପାରିଶ୍ରମିକ ମିଳୁଛି । ବର୍ତ୍ତମାନର ମହଙ୍ଗା ପରିସ୍ଥିତିରେ ଏହି ପାରିଶ୍ରମିକରେ ପରିବାର ଚଳାଇବା



କଷ୍ଟକର ହୋଇପଡ଼ିଛି ବୋଲି ସଂଘ କହିଛି । କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଭବିଷ୍ୟତରେ ଚାକିରି ସମ୍ପର୍କୀୟ ନିରାପତ୍ତା ଓ ଉଚିତ ପାରିଶ୍ରମିକ ଭଳି ବିଭିନ୍ନ ସମସ୍ୟା ଏଯାବତ ସମାଧାନ ହୋଇନଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତ । ଏହି ପରିପ୍ରେକ୍ଷୀରେ ସଂଘର କର୍ମକର୍ତ୍ତାମାନେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସରକାରଙ୍କ ନିକଟରେ ସମସ୍ୟାଗୁଡ଼ିକ ଉପସ୍ଥାପନ କରି ସମାଧାନ ପାଇଁ ସହଯୋଗ କରିବାକୁ ନିବେଦନ କରିଥିଲେ । କର୍ମଚାରୀ ମାନଙ୍କ ସମସ୍ୟା ନେଇ ପୂର୍ବତନ ବିଧାୟକ ଦୁଃଖ ପ୍ରକାଶ କରିବା ସହିତ ସରକାରଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିବେ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ସଂଘର ସଭାପତି ଶୁଶାନ୍ତ କୁମାର ତନ୍ତି, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଘଡ଼ାଇ, ସମ୍ପାଦକ ପ୍ରଫୁଲ୍ଲ ସାମଲଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂଘର ବହୁ କର୍ମକର୍ତ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଏଟିଏମ୍ ଚାଲୁ କରିବାକୁ ଦାବି

ନୟାହାଟ, (ସବ୍ୟୁ): ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ବାରମ୍ବାର ଅଚଳ ହେଉଥିବା ନଜରକୁ ଆସିଛି। ଏହା ଏବେ ଦିର୍ଘଦିନ ହେବ ବନ୍ଦ ହୋଇ ରହିଛି। ଜିଲ୍ଲାର ନୟାହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଏଠାକୁ ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ଆସିଥାନ୍ତି ।। ଏଟିଏମ୍ ଖରାପ ଥିବାରୁ ଲୋକମାନେ ଟଙ୍କା ଉଠାଣରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ଏହି ଏଟିଏମ୍‌କୁ ଚାଲୁ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

### ସେଣ୍ଟ ଜାଭିୟର୍ସ ବେଲେଶ୍ୱର ସ୍କୁଲରେ ୮୦ ତମ ସ୍ୱାଧୀନତା ଦିବସ

## ଦେଶଭକ୍ତ ସହ ଭଲ ମଣିଷ ହେବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ

କଟକ,(ସବ୍ୟୁ): କଟକ ନୂଆପଡ଼ା ସାର୍ତ୍ତୋଳ ସନ୍ନିକଟ ବେଲେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଦେଶଭକ୍ତିର ପରିବେଶ ମଧ୍ୟରେ ଜାକଜମକ ସହ ୮୦ ତମ ସ୍ୱାଧିନତା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା କଟକ ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ସଂଗ୍ରାମର ମହାନ ଇତିହାସ ଓ ଦେଶ ପାଇଁ ତ୍ୟାଗ କରିଥିବା ବୀର ସଂଗ୍ରାମୀଙ୍କ ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରୀ ମହାନ୍ତି କହିଥିଲେ, ଦେଶଭକ୍ତି କେବଳ ଜାତୀୟ ପର୍ବ ପାଳନରେ ସୀମିତ ନୁହେଁ। ଦେଶକୁ ଭଲ ପାଇବା ସହ ସତ୍ୟ, ଶୃଙ୍ଖଳା, ସଂସ୍କାର, ମାନବିକତା ଓ ନୈତିକ ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରି ଜଣେ ଭଲ ମଣିଷ ହେବା ହିଁ



ପ୍ରକୃତ ଦେଶସେବା ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ସମୟର ବିତ୍ତ ଅଧିକାରୀ ବିଷ୍ଣୁ ଚରଣ ପଣ୍ଡା, ବିଦ୍ୟାଳୟର ହେଡମାଷ୍ଟର ଶୋଗାନ୍ ଜୁଡ୍ ମୋସେସ୍, ସିଏଓ ଡ. ଶାମାମା ତାଜଦାର, ସେଣ୍ଟର ହେଡ୍ ଅତିଶ୍ମିତା ଦାସ ପ୍ରମୁଖ ସ୍ୱାଧୀନତାର ତାତ୍ପର୍ଯ୍ୟ ଉପରେ କୁନି କୁନି ପିଲାମାନଙ୍କୁ କହିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଅଂଶ ଗ୍ରହଣ କରି କୃତୀତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥଲା।

## ସାଇବର ସୁରକ୍ଷା ନେଇ ଜଟଣୀ ପୁଲିସ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ

ଜଟଣୀ, (ସବ୍ୟୁ) : ଏକ ସପ୍ତାହ ଧରି କମିଶନରେଟ ପୋଲିସ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ସଚେତନତା ଅଭିଯାନ ରଥ ପ୍ରାୟ ସମସ୍ତ ଥାନା ଅନ୍ତର୍ଗତ ଗ୍ରାମ ଓ ସହର ଭିତରେ ସତର୍କ ସୂଚନା ଅଭିଯାନ କାର୍ଯ୍ୟକ୍ରମ ପୁଲିସ କମିଶନରଙ୍କ ତତ୍ତ୍ୱାବାନରେ ହେଉଥିବା ବେଳେ ବୁଧବାର ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଜଟଣୀ କଲେଜ ପରିସରରେ ଆୟୋଜିତ ସଚେତନା କାର୍ଯ୍ୟକ୍ରମରେ ଅତିରିକ୍ତ ଡିସିପି କୃଷ୍ଣ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଛାତ୍ରଛାତ୍ରୀ , ପୁରୁଷ ଏବଂ ମହିଳା କର୍ମଚାରୀ ମାନଙ୍କୁ ସୁରକ୍ଷା ଓ ସଚେତନତା ଅଭିଯାନର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ସଚେତତା ରଥ ମାଧ୍ୟମରେ, ନିଶା ନିବାରଣ, ସାଇବର୍ ଅପରାଧୀ, ବସ୍ତିକୁ ଚାଲ, ନଇ ପୋଖରୀ ନିକଟରେ ନିଶା ଦ୍ରବ୍ୟ ସେବନ ନ କରି ଯିବାପାଇଁ ଅଭିନେତା ତଥ ସମାଜ ବିଜ୍ଞାନୀ ଡ଼ଃ ରୁଷି ପଟ୍ଟନାୟକ କହିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ କଲେଜ ଅଧକ୍ଷା ଡ଼ଃ ସ୍ୱପ୍ନା ମଲ୍ଲିକ, ଏସ ଆଇ ଶିବାନୀ ନନ୍ଦ ଆଦି ଯୋଗଦେଇ ଥିଲେ ଶେଷରେ ଜଟଣୀ ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରୀନା ପଟ୍ଟନାୟକଙ୍କ ଦ୍ୱାରା ଭୂମିକା ମହିଳା ମାନେ ଅତିଥି ମାନଙ୍କୁ ତିଆରି ଦ୍ରବିୟ ଅର୍ପଣ କରିଥିଲେ। ଏହାପରେ ସ୍ଥାନୀୟ ସୀତାରାମ ଛକ ଠାରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ଡିଜିଟାଲ ସ୍କ୍ରିନ ମାଧ୍ୟମରେ ସାଇବର ଠକେଇ ବାବଦରେ ସଚେତନତା କରାଯାଇଥିଲା ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ

ଭୁବନେଶ୍ୱର,(ସବ୍ୟୁ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଫଟୋ ପ୍ରଦର୍ଶନୀର ପ୍ରଶଂସା କରିବା ସହ ଫଟୋଗ୍ରାଫି କଳାର ବିକାଶ ନିମନ୍ତେ ସମସାମୟିକ ଯୁବପିଢି ନିୟମିତ ପ୍ରୟାସ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସମର ମୁଦାଲି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଜୀବନରେ ଫଟୋଗ୍ରାଫିର ଆବଶ୍ୟକତା ଓ ଏହାର ବାସ୍ତବତା ସଂପର୍କରେ ସମସ୍ତେ ସଚେତନ ଥିବା ଯୋଗୁଁ ସଂପ୍ରତି ଯୁବପିଢି ଏଥିପାଇଁ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଇଛି ବୋଲି କହିଥିଲେ । ବରିଷ୍ଠ ଫଟୋ ସାମ୍ବାଦିକ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଗଣମାଧ୍ୟମରେ ଫଟୋଗ୍ରାଫିର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିବା ସହ ଫଟୋଗ୍ରାଫିକୁ ନେଇ ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଫଟୋ ସାମ୍ବାଦିକ ପୀୟୂଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫଟୋଗ୍ରାଫି କଳାର ବିଶେଷତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଫଟୋଗ୍ରାଫିର ବିକଶିତ ଓ ପରିବର୍ତ୍ତିତ ଦିଗ ବିଷୟରେ ବକ୍ତବ୍ୟ ରଖିଥିଲେ । ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ବିଶ୍ୱ ଫଟୋଗ୍ରାଫି ଦିବସର ପ୍ରାସଙ୍ଗିକତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ସମ୍ବରୁ ଶୋଭରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଫଟୋ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।




### ଶଙ୍କରପୁର ପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ

## ପ୍ରମୋଦ ପାତ୍ର ସଭାପତି, କୃଷ୍ଣଚନ୍ଦ୍ର ପରିଡା ସମ୍ପାଦକ

କଟକ, (ସ୍ୱପ୍ର) : ଆସୁଛି ପାର୍ବଣ । କଟକରେ ଜମିବ ଦଶହରା । ବିରାଜିବେ ମା' । ଉତ୍ସବ ମୁଖର ହେବ ତମାମ ସହର । ଏଥିପାଇଁ ବିଭିନ୍ନ ସାହିରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ହେଲାଣି କର୍ମକର୍ତ୍ତା ନିର୍ବାଚନ । ଏଥିମଧ୍ୟରେ ବାଦାମବାଡି ଶଙ୍କରପୁର ପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ପ୍ରମୋଦ ପାତ୍ର ଓ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ପରିଡାଙ୍କୁ ମନୋନୀତ କରାଯାଇଛି । ସେହିପରି ସର୍ବେଶ୍ୱର ବାରିକଙ୍କୁ କାର୍ଯ୍ୟକାରୀ ସଭାପତି, ଉପସଭାପତି ଚିତ୍ତରଞ୍ଜନ ବାରିକ, ଯୁଗ୍ମ ସମ୍ପାଦକ ସଚିଦାନନ୍ଦ ରାଉତ, ସଙ୍ଗଠନ ସମ୍ପାଦକ ଦିପ୍ତୀରଞ୍ଜନ ସ୍ୱାଇଁ, ସହ ସମ୍ପାଦକ ରଶ୍ମିରଞ୍ଜନ ପ୍ରଧାନ ଓ କେଦାର ରାଉତ ମନୋନୀତ ହୋଇଛନ୍ତି । ସେହିପରି ବିଭୂତି ରାଉତ, ସଞ୍ଜୟ ଖୁଣ୍ଟିଆ କୋଷାଧକ୍ଷ, ଆବାହକ ଅନୀଲ ବେହେରା, ଲକ୍ଷ୍ମୀଧର ଜେନା ରହିଥିଲାବେଳେ ଉପଦେଷ୍ଟା ମଣ୍ଡଳୀରେ ଅଧିକାରୀ ସୁବନ୍ଧନ ବାରିକ, ମହନ୍ତ ଅଭିମନ୍ୟୁ ଖୁଣ୍ଟିଆ, କଟୁଆଳ ନିମାଇଁ ବିଶ୍ୱାଳ, ପୁରବୀ ଧର୍ମାନନ୍ଦ ପାତ୍ର, ରାଜକିଶୋର ବାରିକ, ଧୀରେନ୍ଦ୍ରନାଥ ବେହେରା ଓ ମାଉସୀ ମା' ପ୍ରତିନିଧି ରଞ୍ଜିତ କୁମାର ରାଉତ ମନୋନୀତ ହୋଇଛନ୍ତି । ଦେବାଶିଷ ଜେଠୀ, ଅମ୍ବିକା ପ୍ରସାଦ ବେହେରା, ଜଗେଶ୍ୱର ବେହେରା, ରାକେଶ କୁମାର ରାଉତ, ରମାନାଥ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ସଭ୍ୟମାନଙ୍କୁ ଚୟନ କରାଯାଇଛି । ଏହି ପୂଜା କମିଟି ମାଧ୍ୟମରେ ଆସନ୍ତା ଦୁର୍ଗାପୂଜା ଅଞ୍ଚଳରେ ଶାନ୍ତି ଶୃଙ୍ଖଳର ସହିତ ସମ୍ପନ୍ନ ହେବ ବୋଲି ପରିଚାଳନା ମଣ୍ଡଳୀ ସୂତ୍ରରୁ ଜଣା ପଡିଛି ।



## ଏଲ୍‌ଆଣ୍ଡଟି ଫାଇନାନ୍ସ ବ୍ରାଣ୍ଡ ଆମ୍ବାସାଡ଼ର ଜସପ୍ରୀତ୍ ବୁମରାଙ୍କୁ ନେଇ ଆରମ୍ଭ କଲା ଗୋଲ୍ଡ ଲୋନ୍ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଦେଶର ଅଗ୍ରଣୀ ଖୁଚୁରା ଫାଇନାନ୍ସ ସଂସ୍ଥା ଏଲଆଣ୍ଡଟି ଫାଇନାନ୍ସ ଲିଃ.(ଏଲଟିଏଫ), ନିଜର ବ୍ରାଣ୍ଡ ଆମ୍ବାସାଡ଼ର ଜସପ୍ରୀତ୍ ବୁମରାଙ୍କୁ ନେଇ -"କୋଇ ଭି ସପ୍‌ନା ହୋଲ୍ଡ ମତ୍ କରୋ, ଏଲଆଣ୍ଡଟି ଫାଇନାନ୍ସ ଗୋଲ୍ଡ ଲୋନ କରୋ" ଟ୍ରାକ୍ ଲାଇନ ସହିତ ୩ଟି ନୂଆ ଟିଭି ବିଜ୍ଞାପନ ଆରମ୍ଭ କରିଛି। ଏହି ଅଭିଯାନ ମାଧ୍ୟମରେ ଏଲଟିଏଫ ନିଜର ଗୋଲ୍ଡ ଲୋନ ସେବା ବିଷୟରେ ସଚେତନତା ବୃଦ୍ଧି କରିବା ସହିତ ବ୍ୟକ୍ତିବିଶେଷ, କ୍ଷୁଦ୍ର ଉଦ୍ୟୋଗୀ ଏବଂ ପରିବାରଗୁଡ଼ିକୁ ନିଜର ଅବ୍ୟବହୃତ ସୁନା ବ୍ୟବହାର କରି ସେମାନଙ୍କ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ କରିବାକୁ ପ୍ରୋତ୍ସାହିତ କରୁଛି। ଅଗଷ୍ଟ ୧୫, ୨୦୨୬ରୁ ଆରମ୍ଭ ହେବାକୁ ଥିବା ଭାରତ ବନାମ ଶ୍ରୀଲଙ୍କା ଟେଷ୍ଟ ସିରଜ ସମୟରେ ଏହି ଟିଭିସିର ଶୁଭାରମ୍ଭ କରାଯିବ। ସହ-ଉପସ୍ଥାପକ ସହଯୋଗୀ ଭାବରେ ଏଲଟିଏଫ ମ୍ୟାଚ ସମୟରେ ଅନ-ଗ୍ରାଉଣ୍ଡ ଏବଂ ଟିଭି ·ନେଲଗୁଡ଼ିକରେ ଏହି ଅଭିଯାନର ପ୍ର·ର କରିବ। ସୋନି ଟିଭି ନେଟୱାର୍କର ୯ଟି ଲିନିୟର ଟିଭି ·ନେଲରେ ଏହି ବଜ୍ଞାପନ ପ୍ରସାରିତ ହେବ।

### ବଜେଟ୍‌ରେ ବ୍ୟବସ୍ଥା ନଥାଇ ପ୍ରତି ପଞ୍ଚାୟତକୁ

## ୩ କୋଟି ଘୋଷଣା ଏକ ଭେଲିକି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପ୍ରତି ପଞ୍ଚାୟତକୁ ୩ କୋଟି ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଘୋଷଣା କରିଥିବା ବେଳେ ବିଜୁ ଜନତା ଦଳ ଏହାକୁ ରାଜ୍ୟ ସରକାରଙ୍କର ଆଉ ଏକ ଭେଲିକି ବୋଲି କହିଛି । ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ, ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଦେବାରେ ବିଫଳ ହୋଇଥିବାରୁ, ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ଏହି ଭେଳିକି କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବଜେଟ୍ରେ କୌଣସି ବ୍ୟବସ୍ଥା ନଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା କେବଳ ଏକ ଭେଳିକି ଛଡ଼ା କିଛି ନୁହେଁ । ରାଜ୍ୟର ବଜେଟ୍ରେ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ଟଙ୍କା ଖର୍ଚ୍ଚ ହୋଇନପାରି ପଡ଼ି ରହୁଥିବା ବେଳେ, ଆଜିର ଏହି ଘୋଷଣା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨ ବର୍ଷରେ ବିଜେପିର ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ହୋଇଛି । ବିଜେପି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ଋଣର ସିଂହଭାଗ ଖୋଲା ବଜାରରୁ ଅଧିକ ସୁଧରେ ନିଆଯାଇଛି, ଯାହା ରାଜ୍ୟର ଆର୍ଥିକ ବୋଝ ବୃଦ୍ଧି କରିଛି । ପ୍ରତି ପଞ୍ଚାୟତକୁ ୩ କୋଟି ପ୍ରଦାନ କଲେ ରାଜ୍ୟକୁ ସମୁଦାୟ ପ୍ରାୟ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ରାଜ୍ୟ ବଜେଟ୍ରେ ବ୍ୟବସ୍ଥା ନଥିବା ବେଳେ, ଏହି ୨୧ ହଜାର କୋଟି ଟଙ୍କା କେଉଁଠାରୁ ଆସିବ ତାର କୌଣସି ସ୍ପଷ୍ଟତା ନାହିଁ । ବିଜେପି ସରକାରଙ୍କ ସମୟରେ ହୋଇଥିବା ଅଧିକାଂଶ ଘୋଷଣା କାର୍ଯ୍ୟକାରୀ ହୋଇପାରୁ ନାହିଁ । ରାଜ୍ୟରେ ବିକାଶ କାର୍ଯ୍ୟ ଠପ୍ ହୋଇଛି । ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜିର ୩ କୋଟି ଘୋଷଣା କେବଳ ଭେଳିକି ଛଡ଼ା ଆଉ କିଛି ନୁହେଁ ।

## ନଭେମ୍ବର ୨୯ ରେ ପୁଣେରେ ସତ୍‌ସଙ୍ଗ ପାଇଁ ଆୟୋଜନ

ଭୁବନେଶ୍ୱର, (ସ.ବ୍ୟୁ) ମହାରାଷ୍ଟ୍ରର ପୁଣେ ସହରରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ଦିବ୍ୟ ଶ୍ରୀମନ୍ଦିର ଆସନ୍ତା ୨୯ ତାରିଖରେ ଉଦ୍‌ବୋଧନ ହେବା ପାଇଁ ସତ୍‌ସଙ୍ଗ ପ୍ରଧାନ ଆଚାର୍ଯ୍ୟ ଦେବଙ୍କ ଆଶୀର୍ବାଦରେ ସ୍ଥିରୀକୃତ ହୋଇଛି। ଏଥି ସହିତ ଅଖିଳ ମହାରାଷ୍ଟ୍ର ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହେବା ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ, ଅନୁଗାମୀମାନଙ୍କର ଏଥିରେ ଯୋଗଦାନ ପାଇଁ ଆୟୋଜନ କରାଯାଇଛି।। ମହାରାଷ୍ଟ୍ର ରାଜ୍ୟରେ ଏହାର ସର୍ବତ୍ର ଆଲୋଚନା ହେଉଥିବା ପରିଲକ୍ଷିତ ହେଉଛି। ଓଡିଶାରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହସ୍ରାଧିକ ଭକ୍ତ ଅନୁଗାମୀମାନେ ଏଇ ଦିବ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିବ। ମହାରାଷ୍ଟ୍ରର ପୁଣେ ସହର ଏବଂ ଏଇ ସହରରେ ନଭେମ୍ବର ୨୮ ଓ ୨୯ ନଭେମ୍ବର ଦୁଇଦିନ ଏହି ଉତ୍ସବ ପାଳନ କରାଯିବ। ଓଡ଼ିଶାର ଗୁରୁ ଭାଇମାନେ ତା ୨୬.୧୧.୨୦୨୬ ଯାଇ ତା ୩୦.୧୧.୨୦୨୬ ରେ ଫେରିବା ପାଇଁ ରେଳବାଇ ତରଫରୁ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନିମନ୍ତେ ଭୁବନେଶ୍ୱରରୁ ପୁଣେ ନଗରୀକୁ ଏହାର ବନ୍ଦୋବସ୍ତ କରିବାକୁ ଭକ୍ତଗଣ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଲୋକ ପ୍ରତିନିଧିମାନଙ୍କୁ ଅନୁରୋଧ କରିଛନ୍ତି।

## ଆକ୍ସିସ ନିଫ୍ଟି ଏନର୍ଜି ଇଣ୍ଡେକ୍ସ ଫଣ୍ଡ ଏବଂ ଆକ୍ସିସ ନିଫ୍ଟି ଏନର୍ଜି ଇଟିଏଫ୍ ଏନ୍‌ଏଫ୍‌ଓର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅନ୍ୟତମ ପ୍ରମୁଖ ଆସେଟ ମ୍ୟାନେଜମେଂଟ କମ୍ପାନୀ ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ ନିଫ୍ଟି ଏନର୍ଜି ଇଣ୍ଡେକ୍ସ ଫଣ୍ଡ ଏବଂ ଆକ୍ସିସ ନିଫ୍ଟି ଏନର୍ଜି ଇଟିଏଫର ଶୁଭାରମ୍ଭ ନେଇ ଘୋଷଣା କରାଯାଇଛି। ଏହା ହେଉଛି ଏକ ଓପନଏଣ୍ଡେଡ ସ୍କିମ ଯାହା ନିଫ୍ଟି ଏନର୍ଜି ଟିଆରଆଇକୁ ଟ୍ରାକ୍ କରୁଛି। ଏହା ନିବେଶକମାନଙ୍କୁ ଭାରତ ଦ୍ରୁତ ବିକଶିତ ଶକ୍ତି କ୍ଷେତ୍ରରେ ସରଳ ଏବଂ ସ୍ୱଚ୍ଛ ଭାବରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିଥାଏ। ଇଣ୍ଡେକ୍ସ ବର୍ଗରେ ଅନ୍ୟତମ ପ୍ରଥମ ଫଣ୍ଡ ଭାବରେ ଆକ୍ସିସ ନିଫ୍ଟି ଏନର୍ଜି ଇଣ୍ଡେକ୍ସ ଫଣ୍ଡ ଅଗଷ୍ଟ ୦୭, ୨୦୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୨୧, ୨୦୨୬ରେ ବନ୍ଦ ହେବ। ସେହିପରି ଆକ୍ସିସ ନିଫ୍ଟି ଏନର୍ଜି ଇଟିଏଫ ଅଗଷ୍ଟ ୧୨, ୨୦୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୨୧,୨୦୨୬ରେ ବନ୍ଦ ହେବ। ଏହି ଇଟିଏଫଟି ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବ। ଉଭୟ ସ୍କିମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖର୍ଚ୍ଚ ପୂର୍ବରୁ ନିଫ୍ଟି ଏନର୍ଜି ଟିଆରଆଇର ପ୍ରଦର୍ଶନ ଅନୁଯାୟୀ ରିଟର୍ଣ୍ଣ ପ୍ରଦାନ କରିବା। ଏହି ଆକ୍ସିସ ନିଫ୍ଟି ଏନର୍ଜି ଇଣ୍ଡେକ୍ସ ଫଣ୍ଡ ଏବଂ ଆକ୍ସିସ ନିଫ୍ଟି ଏନର୍ଜି ଇଟିଏଫ ନିଫ୍ଟି ଏନର୍ଜି ଟିଆରଆଇର ଅନୁକରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ନିବେଶକମାନଙ୍କୁ ଭାରତର ଶକ୍ତି କ୍ଷେତ୍ରର ବିକାଶରେ ଭାଗ ନେବା ପାଇଁ ଏକ ସରଳ ଏବଂ ସହଜ ତଥା ସୁଲଭ ମାଧ୍ୟମ ପ୍ରଦାନ କରିଥାଏ। ଏହି ଫଣ୍ଡଗୁଡ଼ିକ ତୈଳ ଓ ଗ୍ୟାସ, ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ ଓ ବଣ୍ଟନ, ଅକ୍ଷୟ ଶକ୍ତି (ରିନ୍ୟୁବାଲ ଏନର୍ଜି), ଶକ୍ତି ଉପକରଣ ଏବଂ ଏହା ସହିତ ଜଡ଼ିତ ଭିତ୍ତିଭୂମି ସହ ସମଗ୍ର ଶକ୍ତି ଶୃଙ୍ଖଳରେ ବ୍ୟାପକ ସୁଯୋଗ ପ୍ରଦାନ କରୁଛନ୍ତି। ଏସମ୍ପର୍କରେ ଆକ୍ସିସ ଏଏମସିର ଏମ୍‌ଡି ଓ ସିଇଓ ବି.ଗୋପକୁମାର କହିଛନ୍ତି, "ଆର୍ଥିକ ପ୍ରଗତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଆଧାର ହେଉଛି ଶକ୍ତି। ଭାରତ ଯେହେତୁ ଉଚ୍ଚସ୍ତରୀୟ ଶିଳ୍ପାୟନ, ସହରୀକରଣ ଏବଂ ଡ଼ିଜିଟାଲାଇଜେସନ ଦିଗରେ ଆଗକୁ ବଢୁଛି, ସେଥିପାଇଁ ଇକୋସିଷ୍ଟମ ଜଡ଼ିତ ଶକ୍ତି ଚାହିଦା ଏ ଦିଗରେ ଯଥେଷ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥିସହିତ ଅକ୍ଷୟ ଶକ୍ତିର ବ୍ୟବହାର, ସଞ୍ଚାରଣର ସମ୍ପ୍ରସାରଣ, ଶକ୍ତି ସୁରକ୍ଷା ପଦକ୍ଷେପ ଏବଂ ପ୍ରଯୁକ୍ତିବିଦ୍ୟାର ନୂତନତ୍ୱ ଯୋଗୁଁ ଏହି କ୍ଷେତ୍ରରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଘଟୁଛି। ଆକ୍ସିସ ନିଫ୍ଟି ଏନର୍ଜି ଇଣ୍ଡେକ୍ସ ଫଣ୍ଡ ଏବଂ ଆକ୍ସିସ ନିଫ୍ଟି ଏନର୍ଜି ଇଟିଏଫ ନିବେଶକମାନଙ୍କୁ ଏପରି ଏକ ପ୍ରସଙ୍ଗରେ ଭାଗ ନେବା ପାଇଁ ଏକକ ସମାଧାନ ପ୍ରଦାନ କରିଥାଏ ଯାହା ଆଗାମୀ ଦଶନ୍ଧି ଗୁଡ଼ିକରେ ଭାରତର ଆର୍ଥିକ ଅଭିବୃଦ୍ଧି, ଶିଳ୍ପ ସମ୍ପ୍ରସାରଣ ଏବଂ ଶକ୍ତି ପରିବର୍ତ୍ତନ ପାଇଁ କେନ୍ଦ୍ର ବିନ୍ଦୁ ହୋଇ ରହିବ।" ଏହାର ମୂଳ ଇଣ୍ଡେକ୍ସରେ ବର୍ତ୍ତମାନ ନିଫ୍ଟି ୫୦୦ରୁ ଚୟନ ହୋଇଥିବା ସର୍ବାଧିକ ୪୦ଟି ଷ୍ଟକ୍ ଅନ୍ତର୍ଭୁକ୍ତ ରହିଛି ଯାହା ଶକ୍ତି କ୍ଷେତ୍ର ସହିତ ଜଡ଼ିତ। ଉଭୟ ଫଣ୍ଡ ନନ୍ଦିକ୍ ମଲ୍ଲିକ ଏବଂ ରୋହିତ ଗୌତମଙ୍କ ଦ୍ୱାରା ପରି·ଳିତ ହେବ।

## ବନ୍ୟାଞ୍ଚଳରେ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନ ବାଣ୍ଟିଲା ରିଲିଫ

କଟକ,(ସବ୍ୟୁ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୃପ ଅଫ ଇନଷ୍ଟିଚ୍ୟୁସନର ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ରାଜକନିକା ବ୍ଲକ ଅଧକ୍ଷ ତ୍ରିଦେବ ବେହେରାଙ୍କ ଜନ୍ମମାଟି ବରୁଣାଡିହା ଗ୍ରାମ ସମେତ ଅନ୍ୟ ଗ୍ରାମର ବନ୍ୟା ପ୍ରପୀଡିତଙ୍କୁ ବୁଧବାର ରିଲିଫ ବଣ୍ଟନ କରାଯାଇଛି। କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ଆହ୍ୱାନ କ୍ରମେ ଟେଟ୍ରାହେଡ୍ରନ ଗ୍ରୁପ୍ର ଅଧକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ସାଂସଦଙ୍କ ହେଲିକପ୍ଟର ଓ ଡ଼ଙ୍ଗା ସାହାଯ୍ୟରେ



ଯାଇ ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ବଣ୍ଟନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ, ଚନ୍ଦ୍ରକାନ୍ତ ମଲ୍ଲିକ ଓ ମାଧବ ମହାନ୍ତିଙ୍କ ସମେତ ଅନ୍ୟ ୫ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

### ବେଦାନ୍ତ ଆଲୁମିନିୟମ ଅଟୋଏଜ୍ ୨୦୨୬ରେ

## ଅଟୋମୋଟିଭ୍ ଶିଳ୍ପ ପାଇଁ ଉନ୍ନତ ଧାତୁ ଉତ୍ପାଦ ଉନ୍ମୋଚନ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ (ବିଏସଇ: ୫୪୪୭୮୦। ଏନଏସଇ: ଭିଏଏମଏଲ) ଏହାର ସର୍ବାଧିକ ବିକ୍ରି ହେଉଥିବା ପ୍ରାଇମେରୀ ଫାଉଣ୍ଡ୍ରି ଆଲୟ (ପିଏଫଏ) ଶ୍ରେଣୀ ଅଧୀନରେ ଅଟୋମୋଟିଭ୍ ଶିଳ୍ପ ପାଇଁ ଦୁଇଟି ଉନ୍ନତ ଉତ୍ପାଦର ଶୁଭାରମ୍ଭ କରିଛି। ଏଥିରେ ଉଚ୍ଚ କ୍ଷମତାସମ୍ପନ୍ନ ଅଟୋମୋଟିଭ୍ ପ୍ରୟୋଗ ପାଇଁ ବିକଶିତ କପର-ଡୋପ୍ଡ ଆଲୟ ଏବଂ ଅଧିକ ସ୍ଥାୟିତ୍ୱ ପାଇଁ ବିକଶିତ ତଥା ଆଇଆଇଟି ଦିଲ୍ଲୀ ସହଯୋଗରେ ପ୍ରସ୍ତୁତ ବେଦାନ୍ତ ଫାଉଣ୍ଡ୍ରି ଆଲୟ (ଭିଏଫଏ) ରହିଛି। ଏହି ଦୁଇ ନୂତନ ଉତ୍ପାଦ ପରବର୍ତ୍ତୀ ପିଢ଼ିର ହାଲୁକା, ନିରାପଦ ଓ ଅଧିକ କ୍ଷମତାଶୀଳ ଯାନ ବିକାଶରେ ନୂଆ ଦିଗ ଖୋଲିବା ସହ ଅଟୋମୋଟିଭ୍ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆୟୋଜିତ ଅଟୋମୋଟିଭ୍ ଶିଳ୍ପର ସ୍ୱତନ୍ତ୍ର ସମ୍ମିଳନୀ ଅଟୋଏଜ୍ ୨୦୨୬ ରେ ଦେଶର ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ଓ ଉନ୍ନତ ଅଟୋମୋଟିଭ୍ କମ୍ପୋନେଣ୍ଟ ନିର୍ମାତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ଦୁଇ ଉତ୍ପାଦର ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ସଂସ୍କରଣରେ ପହଂଚିଥିବା ଏହି ସମ୍ମିଳନୀରେ ବିଭିନ୍ନ ପ୍ୟାନେଲ୍ ଆଲୋଚନା, ବୈଷୟିକ ଉପସ୍ଥାପନା ଏବଂ ଭବିଷ୍ୟତ ଶିଳ୍ପ ପ୍ରବଣତା ସମ୍ପର୍କରେ ବିଶେଷଜ୍ଞମାନଙ୍କ ମତାମତ ଉପସ୍ଥାପିତ ହୋଇଥିଲା।

ବେଦାନ୍ତ ଆଲୁମିନିୟମ୍ ବିଶ୍ୱର ସର୍ବବୃହତ୍ ପ୍ରାଥମିକ ବିଲେଟ୍ ଉତ୍ପାଦକ ହେବା ଦିଗରେ ଅଗ୍ରସର ହେଉଛି। ଛତିଶଗଡ଼ର କୋରବାସ୍ଥିତ ବାଲକୋ କାରଖାନାରେ ଚାଲିଥିବା କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କମ୍ପାନୀର ପ୍ରାଥମିକ ବିଲେଟ୍ ଉତ୍ପାଦନ କ୍ଷମତା ବାର୍ଷିକ ୧.୨୫ ନିୟୁତ ଟନ୍ (ଏମଟିପିଏ)ରେ ପହଞ୍ଚିବ । ଏହା ସହିତ, ବେଦାନ୍ତ ଆଲୁମିନିୟମ୍ ଭାରତର ସର୍ବବୃହତ୍ ପିଏଫଏ (ପ୍ରାଇମେରି ଫାଉଣ୍ଡ୍ରି ଆଲୟ) ଉତ୍ପାଦକ ଭାବେ ମଧ୍ୟ ପରିଚିତ। କମ୍ପାନୀର ବର୍ତ୍ତମାନ ପିଏଫଏ ଉତ୍ପାଦନ କ୍ଷମତା




ବାର୍ଷିକ ୩୮୦ କିଲୋଟନ୍ (କେଟିପିଏ) ରହିଛି। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ପିଏଫଏ ଉତ୍ପାଦକ। କମ୍ପାନୀର ବାର୍ଷିକ ପିଏଫଏ ଉତ୍ପାଦନ କ୍ଷମତା ୩୮୦ କିଲୋଟନ୍ ( କେଟିପିଏ) ରହିଛି। ଏହା ବ୍ୟତୀତ ବିଭିନ୍ନ ବ୍ୟାସର ୮୩୦ କେଟିପିଏ ବିଲେଟ୍ ଉତ୍ପାଦନ କ୍ଷମତା ମଧ୍ୟ ରହିଛି। କମ୍ପାନୀର ଅଟୋମୋଟିଭ୍ ଉତ୍ପାଦ ପୋର୍ଟଫୋଲିଓରେ ଆଲୟ ଚକ, ସିଲିଣ୍ଡର ହେଡ୍, ଇଞ୍ଜିନ୍ କମ୍ପୋନେଣ୍ଟ ଏବଂ ଅନ୍ୟାନ୍ୟ ଅଟୋମୋଟିଭ୍ କାଷ୍ଟିଂ ପାଇଁ ପିଏଫଏ ଉତ୍ପାଦ ସହିତ ଏଚଡିଏସି ଏବଂ ଦୁର୍ଘଟଣା-ପ୍ରତିରୋଧୀ ଇଞ୍ଜିନିୟରିଂ ପ୍ରୟୋଗ ପାଇଁ ସ୍ୱତନ୍ତ୍ର ବିଲେଟ୍ ସାମିଲ ଅଛି। ଭାରତ ଓ ବିଶ୍ୱ ବଜାରରେ ଉଚ୍ଚମାନର ଏବଂ ସ୍ଥାୟୀ ଭାବେ ଉତ୍ପାଦିତ ଆଲୁମିନିୟମର ବୃଦ୍ଧି ପାଉଥିବା ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ଏହାର ମୂଲ୍ୟଯୁକ୍ତ ଉତ୍ପାଦର ଅଂଶକୁ ୯୦%କୁ ବୃଦ୍ଧି କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ଭାରତର ଅଟୋମୋଟିଭ୍ ଶିଳ୍ପ ଦ୍ରୁତ ଗତିରେ ବିକଶିତ ହେଉଛି। ଫଳରେ ହାଲୁକା, ଅଧିକ ମଜବୁତ ଏବଂ ଅତ୍ୟାଧୁନିକ ସାମଗ୍ରୀ ସମାଧାନର ଚାହିଦା ବଢୁଛି। ହାଲୁକାପଣ, ମଜଭୁତି, ସ୍ଥାୟିତ୍ୱ, କ୍ଷୟ-ପ୍ରତିରୋଧ ଏବଂ ଉଚ୍ଚ ପୁନଃଚକ୍ରଣକ୍ଷମତାର ସମନ୍ୱୟ ଯୋଗୁଁ ଆଲୁମିନିୟମ ଏହି ଆବଶ୍ୟକତା ପୂରଣ ପାଇଁ ଅନନ୍ୟ ଭାବେ ସକ୍ଷମ। ବେଦାନ୍ତ ଆଲୁମିନିୟମରେ ଆମେ ଭାରତରେ ସମ୍ପୂର୍ଣ୍ଣ ଭାବେ ବିକଶିତ ଓ ଉତ୍ପାଦିତ, ବିଶ୍ୱସ୍ତରୀୟ ପ୍ରଦର୍ଶନ ମାନଦଣ୍ଡ ପୂରଣ କରୁଥିବା ଅତ୍ୟାଧୁନିକ ପିଢ଼ିର ଧାତୁ ଦ୍ୱାରା ଆମର ଅଟୋମୋଟିଭ୍ ଗ୍ରେଡ୍ ପୋର୍ଟଫୋଲିଓକୁ ସୁଦୃଢ଼ କରିଛୁ। ଏହି ନବୀନତାଗୁଡ଼ିକ 'ମେକ୍ ଇନ୍ ଇଣ୍ଡିଆ' ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବା ସହ ଦେଶ ମଧ୍ୟରେ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଉତ୍ପାଦନ କ୍ଷମତା ଗଢ଼ି ତୋଳିବାରେ ସହାୟକ ହେବ।

## ବନ୍ଦେ ମାତରମକୁ ନେଇ ବିବାଦ

# କଂଗ୍ରେସକୁ କଟାକ୍ଷ କଲେ ଅମିତ ଶାହ



**ନୂଆଦିଲ୍ଲୀ:** ଦେଶର ଜାତୀୟ ଗୀତ ବନ୍ଦେ ମାତରମ ଗାନକୁ ନେଇ ବିବାଦ। ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୬ଟି ଅନ୍ତରା ଗାନ କରିବାକୁ ସରକାର କରିଥିବା ନିୟମକୁ ମାନିବାକୁ ମନା କରି ଦେଇଛି କଂଗ୍ରେସ। ୬ ଅନ୍ତରା ବଦଳରେ କଂଗ୍ରେସ ୧୯୩୭ରେ ଅନୁମୋଦନ ପ୍ରାପ୍ତ ବନ୍ଦେ ମାତରମର କେବଳ ପ୍ରମୁଖ ୨ଟି ଅନ୍ତରା ଗାନ କରିବାକୁ ନିଷ୍ପତ୍ତି ନେଇଛି। ଏହାକୁ ନେଇ ଆଜି କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। କଂଗ୍ରେସ ତୁଷ୍ଟୀକରଣ ରାଜନୀତିରେ ମାତିଛି ଓ ଭାରତର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଲୋକଙ୍କୁ ଅପମାନିତ କରୁଛି। କଂଗ୍ରେସ ପୁଣି ବିଭାଜନର ତ୍ରୁଟିକୁ ଦୋହରାଉଥିବା ଅତ ଶାହ ଅଭିଯୋଗ କରିଛନ୍ତି। ଅମିତ ଶାହ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ୧୯୩୭ରେ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରିଥିଲା। ମୁସଲିମ ତୁଷ୍ଟୀକରଣ ପାଇଁ କଂଗ୍ରେସ ଏପରି କରିଥିବାରୁ ଭାରତ ବିଭାଜନର ମୂଳଦୁଆ ପଡ଼ିଥିଲା ବୋଲି ମଧ୍ୟ ସେ କହିବାକୁ ପଛାଇ ନାହାନ୍ତି।ସେ

### ▶▶ସ୍ୱାଧୀନତା ସଂଗ୍ରାମୀଙ୍କୁ କଂଗ୍ରେସ କରିଛି ଅପମାନିତ

କହିଛନ୍ତି, "ମୁଁ ସମଗ୍ର ଦେଶକୁ ମନେ ପକାଇ ଦେବାକୁ ଚାହୁଁଛି ଯେ ୧୯୩୭ରେ ମୁସଲିମ ତୁଷ୍ଟୀକରଣ ପାଇଁ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଥିଲା। ଏହା ହିଁ ଦେଶ ବିଭାଜନର ମୂଳଦୁଆ ପକାଇଥିଲା ଓ ଦୁଇ ରାଷ୍ଟ୍ର ଥିଓରୀକୁ ମୁଜବୁତ କରିଥିଲା। ଏହାପରେ ଦେଶ ବିଭାଜନ ହୋଇଥିଲା ଓ ପାକିସ୍ତାନ ଜନ୍ମ ନେଇଥିଲା।" କଂଗ୍ରେସ ୱାର୍କିଂ କମିଟି ବୁଧବାର ନିଷ୍ପତ୍ତି ହୋଇଛି ଯେ ଦଳର ସମସ୍ତ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୨ଟି ଅନ୍ତରା ଗାନ କରାଯିବ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଅମିତ ଶାହ କହିଛନ୍ତି ଯେ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତିରେ ନରେନ୍ଦ୍ର ମୋଦି ସରକାର ଐତିହାସିକ ଭୁଲକୁ ସୁଧାରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଜାତୀୟ ଗୀତକୁ ସଂପୂର୍ଣ୍ଣ ଗାନ କରା ଯାଉଛି। ଏଥିସହ ଜାତୀୟ ଏକତାକୁ ମଧ୍ୟ ମଜବୁତ କରିବାକୁ ସରକାର ଚାହୁଁଛନ୍ତି। ଶାହଙ୍କ କହିବା କଥା ଯେ ସରକାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଗୀତ ଗାନ କରିବାକୁ ନେଇଥିବା ନିଷ୍ପତ୍ତିକୁ ଆଇନଗତ ସୁରକ୍ଷା ଦିଆଯାଇଛି। ହେଲେ କଂଗ୍ରେସ ଏହାକୁ ଅଣଦେଖା କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି।ସେ ଆହୁରି କହିଛନ୍ତି ଯେ କଂଗ୍ରେସର ଏହି ନିଷ୍ପତ୍ତି କେବଳ ଓ କେବଳ ଏହାର ଚରମ ତୁଷ୍ଟୀକରଣ ନୀତିକୁ ସ୍ପଷ୍ଟ କରୁଛି। ଦଳ ଏପରି କରି କେବଳ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ସୃଷ୍ଟିକୁ ଅପମାନ କରୁନାହିଁ, ବରଂ ଦେଶ ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ଅପମାନିତ କରୁଛି। ଅନେକ ସ୍ୱାଧୀନତା ସଂଗ୍ରାମୀ ବନ୍ଦେ ମାତରମ୍ ନାରା ଦେଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଆଉ ଅନେକ ସ୍ୱାଧୀନତା ସଂଗ୍ରାମୀ ବର୍ଷ ବର୍ଷ ଧରି ଜେଲ୍ରେ ରହି ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ।କଂଗ୍ରେସ ଏବେ ସଂସଦୀୟ ଆଇନକୁ ପ୍ରତ୍ୟାଖ୍ୟାନ କରି ୧୯୩୭ ମସିହାରେ ଦଳ ପକ୍ଷରୁ ପାରିତ ହୋଇଥିବା ପ୍ରସ୍ତାବକୁ ଅନୁସରଣ କରୁଛି। ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ପୁଣିଥରେ ଦେଶରେ ପୂରା ଶକ୍ତିର ସହ ତୁଷ୍ଟୀକରଣ ରାଜନୀତି ଆପଣାଇଥିବା ଶାହ ଅଭିଯୋଗ କରିଛନ୍ତି।

## କଡ଼ାକଡ଼ି ହେଲା ନିୟମ: ବ୍ୟକ୍ତି ପିଛା ସର୍ବାଧିକ ୯ଟି ସିମ୍



**ନୂଆଦିଲ୍ଲୀ:** ବ୍ୟକ୍ତି ପିଛା ମୋବାଇଲ୍ ସଂଯୋଗ ଉପରେ କଟକଣା ଲଗାଯାଇଛି। ଜଣେ ବ୍ୟକ୍ତିଙ୍କ ନାମରେ ସର୍ବାଧିକ ୯ଟି ସିମ୍ କାର୍ଡ ରହିପାରିବ। ସେଭଳି ବ୍ୟକ୍ତିଙ୍କୁ ଅଧିକ ସିମ୍ କାର୍ଡ ନ ଦେବାକୁ ଟେଲିକମ୍ ଅପରେଟରମାନଙ୍କୁ ଟେଲିକମ୍ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଟକଣା ଚଳିତ ମାସ ୨୪ରୁ ଲାଗୁ ହେବ। ପ୍ରତି ଗ୍ରାହକଙ୍କ ପିଛା କେତୋଟି ସିମ୍ କାର୍ଡ ରହିଛି ତାହା ଜାଣିବା ପାଇଁ ବ୍ୟବସ୍ଥା କରିବାକୁ କମ୍ପାନିଗୁଡ଼ିକୁ କୁହାଯାଇଛି।ଆଗାମୀ ଦିନରେ ଯେଉଁ ବ୍ୟକ୍ତିଙ୍କ ନାମରେ ୯ରୁ ଅଧିକ ମୋବାଇଲ୍ ସଂଯୋଗ ରହିଛି, ସେ ଅତିରିକ୍ତ ସିମ୍ ପାଇଁ ଆବେଦନ କଲେ ତାଙ୍କୁ କମ୍ପାନି ପକ୍ଷରୁ ସେବିଷୟରେ ସୂଚିତ କରାଯିବ। ତାଙ୍କ ନାମରେ ସର୍ବାଧିକ ସିମ୍ ନିଆଯାଇଛି, ତେଣୁ ଅଧିକ ସିମ୍ ଦିଆଯିବ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯିବ। ସେଥିପାଇଁ କମ୍ପାନିଗୁଡ଼ିକ ଉଭୟ ବୈଷୟିକ ଓ ସଂସ୍ଥାଗତ ବ୍ୟବସ୍ଥା ଗ୍ରହଣ କରିବେ। ଗ୍ରାହକ ପିଛା କେତୋଟି ସିମ୍ କାର୍ଡ ରହିଛି ତାହା ଜାଣିବା ପାଇଁ କମ୍ପାନିଗୁଡ଼ିକୁ ଟେଲିକମ୍ ବିଭାଗର ଡିଜିଟାଲ ଗୁଇନ୍ଦା ପ୍ଲାଟଫର୍ମ ବ୍ୟବହାର କରିବାକୁ କୁହାଯାଇଛି। ଯେଉଁ ବ୍ୟକ୍ତିମାନଙ୍କ ନାମରେ ୯ କିମ୍ବା ତାଠାରୁ ଅଧିକ ସିମ୍ କାର୍ଡ ରହିଛି, ସେମାନଙ୍କ ଏହି ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ଏହି ପ୍ଲାଟଫର୍ମରେ ସେଭଳି ବ୍ୟକ୍ତିଙ୍କ ଫଟୋ ମଧ୍ୟ ଉପଲବ୍ଧ ହେବ। ଫଳରେ କମ୍ପାନିଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପରିଚୟ ମଧ୍ୟ ଜାଣିପାରିବେ।୨୦୧୧ ଅଗଷ୍ଟ ୯ ରେ ଜାରି କରାଯାଇଥିବା ଏକ ନିର୍ଦ୍ଦେଶନାମାରେ ଟେଲିକମ୍ ଗ୍ରାହକ ପିଛା ମୋବାଇଲ୍ ସଂଯୋଗ ସଂଖ୍ୟା ୯ରେ ସୀମିତ ରଖାଯାଇଥିଲା। କିନ୍ତୁ ଜମ୍ମୁ ଓ କାଶ୍ମୀର, ଆସାମ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଗ୍ରାହକ ପିଛା ସର୍ବାଧିକ ୬ଟି ସିମ୍ ପାଇଁ ଅନୁମତି ଦିଆଯାଇଥିଲା। ବର୍ତ୍ତମାନ ସେହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଏହା ଜରିଆରେ ମୋବାଇଲ୍ କଲ୍, ଏସ୍‌ଏମ୍‌ଏସ୍ ଆଦି ଜରିଆରେ ହେଉଥିବା ଡିଜିଟାଲ ଠକେଇ ଉପରେ ନିୟନ୍ତ୍ରଣ ହାସଲ କରାଯାଇପାରିବ।

## ସ୍ମାର୍ଟଫୋନ୍ ୪ହଜାର ପର୍ଯ୍ୟନ୍ତ ମହଙ୍ଗା



**ନୂଆଦିଲ୍ଲୀ:** ମେମୋରି ଓ ଚିପ୍ ମୂଲ୍ୟରେ ବୃଦ୍ଧି ପ୍ରଭାବରେ ଦେଶରେ ସ୍ମାର୍ଟଫୋନ୍ ମହଙ୍ଗା ହୋଇଛି। ରିଅଲ୍ମି, ଓପୋ, ଭିଭୋ, ସାମସଙ୍ଗ ଓ ୱାନ୍‌ପ୍ଲସ୍ ଭଳି କମ୍ପାନି ନିଜ ବିଭିନ୍ନ ମଡେଲ୍ ଦରରେ ବୃଦ୍ଧି କରିଛନ୍ତି। ଗ୍ରାହକମାନେ ଖର୍ଚ୍ଚ କରିବାକୁ ନେଇ ବେଶ ସଚେତନ ହୋଇପଡ଼ିଥିବା ବେଳେ ଦରବୃଦ୍ଧି ସ୍ମାର୍ଟଫୋନ୍ ଚାହିଦାକୁ ଆହୁରି ପ୍ରଭାବିତ କରିବା ଆଶଙ୍କା ରହିଛି। ରିଅଲ୍ମି ଏହାର ବିଭିନ୍ନ ମଡେଲ୍ର ଦାମ୍ ୧୦୦୦-୪୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛି। ଓପୋ ମଧ୍ୟ ଏହାର ରେନୋ ଓ ଏ-ସିରିଜ୍ ଫୋନ୍ର ଦାମ୍ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଦରବୃଦ୍ଧି କରିଛି। ଭିଭୋ ଫୋନ୍ଗୁଡ଼ିକର ଦାମ୍ ୫୦୦ ଟଙ୍କାରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ସାମସଙ୍ଗ୍ ଏହାର ଏସ୍-ସିରିଜ୍, ଏମ୍-ସିରିଜ୍ ଓ ଏଫ୍-ସିରିଜ୍ ଫୋନ୍ର ଦାମ୍ ବଢ଼ାଇଛି। ଗାଲାକ୍ସି ଏସ୍୨୫ ଦାମ୍ ୧୨,୦୦୦ ଟଙ୍କା ବଢ଼ିଛି। ୱାନ୍‌ପ୍ଲସ୍ର ବିଭିନ୍ନ ମଡେଲ୍ ଦାମ୍ ୪୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି।

## ଭାରତୀୟ କମ୍ପାନୀ-ଦୁବାଇ ଚାମ୍ବର୍ସ ମଧ୍ୟରେ ଏମଓୟୁ

**ବେଙ୍ଗାଲୁରୁ:** ଦୁବାଇ ଓ ଭାରତ ମଧ୍ୟରେ ଏଜେଂଟିକ ଏଆଇ କ୍ଷେତ୍ରରେ ସହଭାଗିତା ଆଗକୁ ବଢାଇବା ଏବଂ ବାଣିଜ୍ୟ ଓ ନିବେଶକୁ ସୁଦୃଢ କରିବା, ବ୍ୟବସାୟିକ ସମ୍ପ୍ରସାରଣକୁ ସମର୍ଥନ କରିବା ପାଇଁ ଦୁବାଇ ଚାମ୍ବର୍ସ ପକ୍ଷରୁ ବେଙ୍ଗାଲୁରୁରେ ଦୁଇଟି ଏମ୍‌ଓୟୁ (ଚୁକ୍ତି) ସ୍ୱାକ୍ଷର କରାଯାଇଛି । ଏହି ଚୁକ୍ତିଗୁଡିକ ନ୍ୟାଶନାଲ ଆସୋସିଏଶନ ଅଫ୍ ସଫଟେଓ୍ୱୟାର ଆଣ୍ଡ ସର୍ଭିସ କମ୍ପାନୀଜ (ନାସ୍କମ) ଏବଂ ଫେଡେରେଶନ ଅଫ୍ କର୍ଣ୍ଣାଟକ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ (ଏଫକେସିସିଆଇ) ସହ ସ୍ୱାକ୍ଷରିତ ହୋଇଛି । ଏହି ପରିଦର୍ଶନର ଅଂଶ ଭାବେ ଦୁବାଇ ଚାମ୍ବର୍ସର ଅଧ୍ୟକ୍ଷ ଓ ସିଇଓ ଏଚ.ଇ. ମହମ୍ମଦ ଅଲୀ ରାସେଦ ଲୁତାହଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଅଗ୍ରଣୀ ଭାରତୀୟ ବ୍ୟବସାୟିକ ଅନୁଷ୍ଠାନ ଓ ମଲଟିନ୍ୟାଶନାଲ କମ୍ପାନୀଗୁଡିକ ସହ ୮ଟି ବୈଠକ କରିଥିଲେ । ଏହି କାର୍ଯ୍ୟକ୍ରମରେ ନାସ୍କମ୍ ଡୀପଟେକ୍, ଭାରତୀୟ ଶିଳ୍ପ ମହାସଂଘ କର୍ଣ୍ଣାଟକ ରାଜ୍ୟ ପରିଷଦ (ସିଆଇଆଇ କର୍ଣ୍ଣାଟକ), ଏଫକେସିସିଆଇ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ କର୍ଣ୍ଣାଟକ ଷ୍ଟେଟ କାଉନ୍ସିଲ (ଏଫଆଇସିସିଆଇ କର୍ଣ୍ଣାଟକ) ସହ ଆଲୋଚନା ଅନ୍ତର୍ଭୁକ୍ତ ଥିଲା । ନାସକମ ସହ ଏମଓୟୁ ଏଜେଂଟିକ ଏଆଇ ଓ ଡୀପଟେକ କ୍ଷେତ୍ରରେ ସହଯୋଗିତା ପାଇଁ ଏକ ଢାଂଚା ସ୍ଥାପନ କରିଛିଛ ଏହା ଦୁବାଇରେ ପ୍ରତିଷ୍ଠିତ ହେବା ଓ ବିସ୍ତାର କରିବାକୁ ଚାହୁଁଥିବା ଭାରତୀୟ କମ୍ପାନୀଗୁଡିକ ପାଇଁ ବଜାର ପହଂଚ ହାସଲ କରିବାରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି ।

## ସିଆରପିଏଫରେ ବଢୁଛି ଆତ୍ମହତ୍ୟା ପ୍ରବଣତା

### ◈ ରୋକିବା ପାଇଁ ୧୦ ଜଣିଆ କୋର ଗ୍ରୁପ୍ ଗଠନ



**ନୂଆଦିଲ୍ଲୀ:** ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍)ରେ ଯବାନମାନଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ମାମଲାକୁ ଗମ୍ଭୀରତାର ସହ ନେଇ ପ୍ରଶାସନ ଏକ ୧୦ ଜଣିଆ କୋର୍ ଗ୍ରୁପ୍ ଗଠନ କରିଛି। ୨୦୨୫ ମସିହାରେ ସିଆରପିଏଫରେ ସର୍ବାଧିକ ୫୯ ଜଣ ଯବାନ ଆତ୍ମହତ୍ୟା କରିଥିବା ରେକର୍ଡ ହୋଇଛି, ଯାହା ଗତ ୫ ବର୍ଷ ମଧ୍ୟରେ ସବୁଠାରୁ ଅଧିକ। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ୍ (ଏନଏଚଆରସି) ସ୍ୱତଃପ୍ରବୃତ୍ତ ସଂଜ୍ଞାନ ନେଇ କେନ୍ଦ୍ର ଗୃହ ସଚିବ ଏବଂ ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିବାର କିଛି ଦିନ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ସିଆରପିଏଫ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଉଚ୍ଚସ୍ତରୀୟ ଗ୍ରୁପ୍ ପ୍ରତିମାସରେ ବୈଠକ କରି ପ୍ରତ୍ୟେକ ମାମଲାର ଅନୁଧ୍ୟାନ କରିବ। ଯବାନମାନଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ ରଖିବା ପାଇଁ ପ୍ରଶାସନିକ, ୱେଲଫେୟାର ଏବଂ ଚିକିତ୍ସା ସମ୍ବନ୍ଧୀୟ ସୁଧାର ଆଣିବା ସହ ଜବାବଦେହିତା ନିର୍ଦ୍ଧାରଣ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୧ରୁ ୨୦୨୫ ମଧ୍ୟରେ ହୋଇଥିବା ଆତ୍ମହତ୍ୟା ମାମଲାଗୁଡ଼ିକ ମଧ୍ୟରୁ ୮୦ ପ୍ରତିଶତରୁ ଅଧିକ କନଷ୍ଟେବଳ ସ୍ତରର ଯବାନ ଥିଲେ ଏବଂ ୭୭ ପ୍ରତିଶତରୁ ଅଧିକ ଘଟଣା କାର୍ଯ୍ୟରତ ଅବସ୍ଥାରେ ଘଟିଥିଲା। ପରିବାରଠାରୁ ଦୂରରେ ରହିବା, ଦୀର୍ଘଦିନର କଠିନ ଡ୍ୟୁଟି ଏବଂ ପାରିବାରିକ ସମସ୍ୟା ଏହାର ମୁଖ୍ୟ କାରଣ ବୋଲି ଦର୍ଶାଯାଇଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି।

## ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ପରଲୋକ



**ନୂଆଦିଲ୍ଲୀ:** ୧୯୮୪ ଶିଖ ଦଙ୍ଗାରେ ଲୋକଙ୍କୁ ହତ୍ୟା କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କର ଗୁରୁବାର ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କର ବୟସ ୮୦ ବର୍ଷ ଥିଲା। ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ତୁରନ୍ତ ସଫଦରଜଙ୍ଗ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।୧୯୮୪ ମସିହା ଅକ୍ଟୋବର ୩୧ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀ ସତୱନ୍ତ ସିଂହ ଏବଂ ବିୟନ୍ତ ସିଂହଙ୍କ ଦ୍ୱାରା ହତ୍ୟା କରାଯିବା ପରେ ଦଙ୍ଗା ଆରମ୍ଭ ହୋଇଥିଲା। ସଶସ୍ତ୍ର ଲୋକଙ୍କ ଏକ ଦଳ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଶିଖମାନଙ୍କୁ ଟାର୍ଗେଟ କରିଥିଲେ ଏବଂ ସେମାନଙ୍କ ଘର ଏବଂ ଦୋକାନ ଉପରେ ଆକ୍ରମଣ କରିଥିଲେ। ସାରା ଭାରତରେ ୩,୦୦୦ ରୁ ଅଧିକ ଶିଖଙ୍କୁ ହତ୍ୟା କରାଯାଇଥିଲା। ରାଜଧାନୀରେ ଏହି ସଂଖ୍ୟା ଅଧିକ ଥିଲା। ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ୧୯୮୪ ମସିହା ନଭେମ୍ବର ୧ ଏବଂ ୨ ତାରିଖରେ ପାଲମ କଲୋନି ଅଞ୍ଚଳରେ ଘଟିଥିବା ଦଙ୍ଗା ଘଟଣାରେ ପାଞ୍ଚ ଜଣଙ୍କ ମୃତ୍ୟୁ ପାଇଁ ଦିଲ୍ଲୀ ହାଇକୋର୍ଟ କଂଗ୍ରେସ ନେତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୧୭ ଡିସେମ୍ବର ୨୦୧୮ ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

## ଇଣ୍ଟେକ୍ସ ପୋର୍ଟଫୋଲିଓର ସମ୍ପ୍ରସାରଣ

**ନୂଆଦିଲ୍ଲୀ:** କଞ୍ଜ୍ୟୁମର ଇଲେକେଟ୍ରୋନିକ୍ସ ବ୍ରାଣ୍ଡ ଇଣ୍ଟେକ୍ସ ଟେକ୍ନୋଲୋଜିସ୍ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ମାର୍କେଟରେ ନିଜର ଉପସ୍ଥିତି ମଜବୁତ କରିବା ପାଇଁ ଏହାର ବିସ୍ତୃତ ରଣନୀତିର ଅଂଶ ଭାବେ ନିଜର ହୋମ୍ ଆପ୍ଲାଏନ୍ସେସ ପୋର୍ଟଫୋଲିଓର ସମ୍ପ୍ରସାରଣ ଘୋଷଣା କରିଛି । ଇଣ୍ଟେକ୍ସ ପକ୍ଷରୁ ଡେକୋରେଟିଭ, ଶକ୍ତି-ଦକ୍ଷ ବିଏଲଡିସି, ଏଜଷ୍ଟ ଓ ଟିପିଡବ୍ଲ୍ୟୁ (ଟେବୁଲ, ପେଡେଷ୍ଟାଲ ଓ ଓ୍ୱାଲ) ମଡେଲଗୁଡିକ ସମେତ ଫ୍ୟାନଗୁଡିକର ଏକ ବିସ୍ତୃତ ରେଞ୍ଜ ସହ ହୋମ୍ ଆପ୍ଲାଏନ୍ସେସ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରାଯାଇଛି । ଏହି ସମ୍ପ୍ରସାରଣ ସମ୍ପର୍କରେ ଇଂଟେକ୍ସ ଟେକ୍ନୋଲୋଜିସର ନିର୍ଦ୍ଦେଶକ କେଶବ ବଂଶଲ କହିଛନ୍ତି, କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ବ୍ୟବସାୟରେ ଦୃଢ ସଫଳତା ଇଂଟେକ୍ସ ବ୍ରାଣ୍ଡ ଉପରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳନ କରୁଛି । ଆମେ ବିଶ୍ୱାସ କରୁଛୁ ଯେ, ଏହି ବ୍ୟବସାୟ ଆଗାମୀ ବର୍ଷଗୁଡିକରେ ଇଂଟେକ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପରିଚାଳକ ଭାବେ ଉଭା ହେବ, ଯାହା ଭାରତର ବର୍ଦ୍ଧିତ କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ମାର୍କେଟରେ ଆମର ସ୍ଥିତିକୁ ଆହୁରି ମଜବୁତ କରିବ ।

## ସୁନା ଖଣିରେ ଭୂସ୍ଖଳନ: ଚାପି ହୋଇଗଲେ ଶହଶହ ଶ୍ରମିକ



**ନୂଆଦିଲ୍ଲୀ:** ମଧ୍ୟ ଆଫ୍ରିକୀୟ ଦେଶରେ ଏକ ବେଆଇନ ସୁନା ଖଣିରେ କାମ କରୁଥିବା ଶହ ଶହ ଶ୍ରମିକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଛନ୍ତି। ହଠାତ୍ ଭୂସ୍ଖଳନ ଯୋଗୁଁ ଅତି କମରେ ଘଟଣାସ୍ଥଳରେ ୧୦୦ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି। ବର୍ତ୍ତମାନ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।ଉଦ୍ଧାରକାରୀ ଦଳଗୁଡ଼ିକ ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଏହି ଘଟଣା ଜାମ୍ବୋୟେ ଖଣି ସାଇଟରେ ଘଟିଛି । ଯାହା ମଧ୍ୟ ଆଫ୍ରିକୀୟ ସହର ବାବୋଆଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଅବସ୍ଥିତ । ଯେଉଁଠାରେ ଶହ ଶହ ଶ୍ରମିକ ଖଣିରେ ଖୋଲା ଗର୍ତ୍ତରେ କାମ କରୁଥିଲେ।

## ପାକ୍ ଦୂତାବାସ ବାହାରେ ବୁଲିଲା ବୁଲ୍‌ଡୋଜର

**ନୂଆଦିଲ୍ଲୀ:** ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସ ବାହାରେ ଚାଲିଛି ବୁଲଡୋଜର। ହାଇକମିଶନର କିଛି ନିର୍ମାଣ ସ୍ଥଳ ଓ ବ୍ୟାରିକେଡ୍କୁ ବୁଲଡୋଜର ଦ୍ୱାରା ଭାଙ୍ଗି ଦିଆଯାଇଛି। ଅନୁମତି ବାହାରେ ହାଇକମିଶନ ଆଗରେ ଏସବୁ ନିର୍ମାଣ କରାଯାଇଥିବାରୁ ଭାରତ ସରକାର ଏପରି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ତେବେ ଏହି ବୁଲଡୋଜର ଆକ୍ସନକୁ ଯେସାକୁ ତେସା ନୀତି ଭାବେ ବିବେଚନା କରାଯାଉଛି। କାରଣ ୩ ଦିନ ତଳେ ଇସଲାମାବାଦରେ ଥିବା ଭାରତୀୟ ହାଇ କମିଶନ ବାହରେ ଥିବା ସୁରକ୍ଷା ବ୍ୟାରିକେଡ୍ ଓ ପାର୍କିଂ ପୋଲ୍ସକୁ ପାକିସ୍ତାନ ସରକାର ହଟାଇ ଦେଇଥିଲେ। ଏବେ ଭାରତ ସରକାର ମଧ୍ୟ ପାକିସ୍ତାନ ବିପକ୍ଷରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଜି ସକାଳୁ ଅଧିକୃତ ଅଧିକାରୀମାନଙ୍କ ଉପସ୍ଥିତିରେ ପାକିସ୍ତାନ ଦୂତାବାସ ବାହାର ରାସ୍ତାର ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଢାଞ୍ଚା ଓ ବ୍ୟାରିକେଡ୍ସଗୁଡ଼ିକୁ ବୁଲଡୋଜର ଦ୍ୱାରା ହଟାଇ ଦିଆଯାଇଛି। ଦୂତାବାସର ଭିସା କେନ୍ଦ୍ର ନିକଟରେ ଲୋକଙ୍କ ପାଇଁ ଥିବା ଅସ୍ଥାୟୀ ନିର୍ମାଣକୁ ମଧ୍ୟ ଉଚ୍ଛେଦ କରାଯାଇଛି।ଦକ୍ଷିଣ ଦିଲ୍ଲୀର ଚାଣକ୍ୟପୁରୀ ସ୍ଥିତ କୂଟନୀତିକ ଅଞ୍ଚଳରେ ଥିବା ପାକିସ୍ତାନ ଦୂତାବାସ ବାହାରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓରେ ଦେଖିବାକୁ ମିଳୁଛି ଯେ ଦୂତାବାସ ବାହାର ରାସ୍ତାରେ ଭଙ୍ଗା ରେଲିଂ ଓ ଗେଟ୍, ବଙ୍କା ହୋଇଯାଇଥିବା ଲୁହର ଫ୍ରେମ୍, ଛାତର ଢାଞ୍ଚା, ଇଟା ଓ କଂକ୍ରିଟ୍ ପ୍ଲାଷ୍ଟରର ଗୁଡ଼ିକ ଖଣ୍ଡବିଖଣ୍ଡିତ ହୋଇ ପଡ଼ିଛି।

## ପତ୍ନୀ, ଭଉଣୀଙ୍କୁ ହତ୍ୟା ପରେ ବ୍ୟାଙ୍କ ଅଧିକାରୀଙ୍କ ଆତ୍ମହତ୍ୟା

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ବ୍ୟାଙ୍କ ବାହାରେ ନିଜ ବ୍ୟାଙ୍କ ଅଧିକାରୀ ପତ୍ନୀକୁ ଗୁଳି କରି ହତ୍ୟା କରିଛନ୍ତି ଜଣେ ବ୍ୟାଙ୍କ କର୍ମଚାରୀ। ପତ୍ନୀକୁ ହତ୍ୟା କରିବା ପରେ ସେ ନିଜ ଘରକୁ ଯାଇ ଭଉଣୀକୁ ଗୁଳିକରି ହତ୍ୟା କରିବା ପରେ ଆତ୍ମହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ମାନସ ବାଜପେୟୀ ଆଇସିଆଇସିଆଇ ବ୍ୟାଙ୍କର ରିଲେସନସିପ୍ ମ୍ୟାନେଜର ଥିବା ପତ୍ନୀକୁ ଦିବ୍ୟା ମିଶ୍ରାଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା କରିଥିଲେ। ଗୁରୁବାର ଅପରାହ୍ଣରେ ଅଭିଯୁକ୍ତ ସ୍ୱାମୀ ବ୍ୟାଙ୍କ ନିକଟରେ ପହଞ୍ଚି ଦିବ୍ୟାଙ୍କୁ ବାହାରକୁ ଡାକିଥିଲେ। କିଛି ସମୟ କଥାବାର୍ତ୍ତା କରିବା ପରେ ଦିବ୍ୟାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାପରେ ମାନସ ଘଟଣାସ୍ଥଳଠାରୁ ଦୁଇ କିମି ଦୂରରେ ଥିବା ନିଜ ଘରକୁ ଯାଇ ଭଉଣୀ ଶିବାକୁ ଗୁଳି କରି ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ମାନସ ହ୍ୱାଟ୍ସ ଆପ୍ ଷ୍ଟାଟସ ଦେଇଥିଲେ ଯେ, ପତ୍ନୀ ବିଶ୍ୱାସଘାତକ କରିଥିବାରୁ ତାଙ୍କୁ ସେ ହତ୍ୟା କରିଛନ୍ତି। ଏବେ ତାଙ୍କ ନିଜ ଭଉଣୀକୁ ହତ୍ୟା କରିବା ପରେ ସେ ନିଜେ ଆତ୍ମହତ୍ୟା କରିବେ ବୋଲି ଲେଖିଥିଲେ।ପତ୍ନୀଙ୍କ ଭଉଣୀ ୟୁଟ୍ୟୁବର୍ ପ୍ରଜ୍ଞା ମିଶ୍ର ଓ ତାଙ୍କ ସ୍ୱାମୀ ଭରତ ଯାଦବଙ୍କୁ ସବୁ ଜଣା ବୋଲି ହ୍ୱାଟ୍ସ ଆପ୍ ଷ୍ଟାଟସ ଦେଇଥିଲେ। ମାନସ ତାଙ୍କ ଭଉଣୀ ଶିବାଙ୍କ ସହିତ ହୁସାରିଆ ସ୍କୋୟାର ନିକଟରେ ଏକ ଭଡା ଘରେ ରହୁଥିଲେ। ମାନସ ଏସବିଆଇରେ ଆକାଉଣ୍ଟାଣ୍ଟ ଥିଲେ ଓ ତାଙ୍କ ବାପାମାଙ୍କ ମୃତ୍ୟୁ ହୋଇସାରିଛି।ଏହି ଘଟଣା ଲକ୍ଷ୍ନୌର ଗୋମତୀ ନଗର ପୁଲିସ ଷ୍ଟେସନ ଅଞ୍ଚଳରେ ଘଟିଛି। ଘଟଣା ବିଷୟରେ ଜାଣିବା ମାତ୍ରେ ପୁଲିସ ସେଠାରେ ପହଞ୍ଚିଥିଲା। ଏକ ଫରେନସିକ୍ ଦଳ ଘଟଣାର ତଦନ୍ତ କରୁଛି। ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦିବ୍ୟା ମିଶ୍ର ୟୁଟ୍ୟୁବର୍ ପ୍ରଜ୍ଞା ମିଶ୍ରଙ୍କ ଭଉଣୀ। ଦିବ୍ୟା ୧୨ ବର୍ଷ ପୂର୍ବେ ମାନସଙ୍କୁ ବିବାହ କରିଥିଲେ ଓ ଉଭୟଙ୍କର କୌଣସି ସନ୍ତାନ ନଥିଲା। ସେ ବର୍ଷକ ପୂର୍ବରୁ ସ୍ୱାମୀ ମାନସଙ୍କଠାରୁ ଛାଡପତ୍ର ନେବା ପାଇଁ ଆବେଦନ କରିଥିଲେ ଓ ସେବେଠାରୁ ଅଲଗା ରହୁଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ୨୭ ଥର ଛୁରାମାଡ଼ କରି ହତ୍ୟା କଲେ ଦଶମ ଶ୍ରେଣୀ ଛାତ୍ର



**ହାଇଦ୍ରାବାଦ:** ତେଲଙ୍ଗାନାର ନାଲଗୋଣ୍ଡାରେ ପୁଲିସ ଜଣେ ୪୮ ବର୍ଷୀୟ ସ୍କୁଲ ପ୍ରିନ୍ସିପାଲଙ୍କ ଚାଞ୍ଚଲ୍ୟକର ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି। ଟଙ୍କା ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଅପରାଧ ଘଟାଇଥିବା ଦୁଇ ଛାତ୍ରଙ୍କୁ ଗିରଫ କରିଛି। କୋଣ୍ଡାମାଲ୍ଲେପାଲିର ନାଗାର୍ଜୁନ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ଓ ନିର୍ଦ୍ଦେଶକ କଲ୍ଲୁ ରୂପା ରେଡ୍ଡୀଙ୍କୁ ଅଗଷ୍ଟ ୧୨ ତାରିଖ ସକାଳେ ତାଙ୍କ ବାସଭବନରେ ମୃତାବସ୍ଥାରେ ଉଦ୍ଧାର କରାଯାଇଥିଲା। ରୂପାଙ୍କୁ ୨୭ ଥର ଛୁରାମାଡ଼ କରାଯାଇଥିଲା। ରୂପା ରେଡ୍ଡୀ ତାଙ୍କ ଫୋନ୍ ଧରୁ ନଥିବା ହାଇଦ୍ରାବାଦରେ ଥିବା ତାଙ୍କ ସ୍ୱାମୀ ପଡ଼ୋଶୀମାନଙ୍କୁ ଫୋନ୍ କରି ଜଣାଇବା ପରେ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘରେ ପହଞ୍ଚି ରୂପା ରେଡ୍ଡୀଙ୍କୁ ମୃତ ଅବସ୍ଥାରେ ପାଇଥିଲା। ପୁଲିସ ପାଞ୍ଚଟି ଦଳ ଗଠନ କରି ସିସିଟିଭି ଫୁଟେଜ୍, ଫରେନସିକ୍ ପ୍ରମାଣ, ଫିଙ୍ଗରପ୍ରିଣ୍ଟ, ବୈଷୟିକ ତଥ୍ୟ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଯାଞ୍ଚ କରିଥିଲା ଓ ୮୦ରୁ ଅଧିକ ଲୋକଙ୍କୁ ପଚରାଉଚରା କରିଥିଲା। ତଦନ୍ତକାରୀମାନେ ଜାଣିବାକୁ ପାଇଲେ ଯେ, ରୂପା ରେଡ୍ଡୀ ତାଙ୍କ ସମ୍ପର୍କୀୟଙ୍କ ସହିତ ଫୋନରେ କଥା ହେଉଥିବାବେଳେ ଶେଷ ଥର ପାଇଁ ""ବାବୁ"" ଶବ୍ଦ ବ୍ୟବହାର କରିଥିଲେ ଓ ତା' ପରେ ତାଙ୍କ ଫୋନ୍ ସ୍ୱିଚ୍ ଅଫ୍ ହୋଇଯାଇଥିଲା।ସେ ଛାତ୍ରମାନଙ୍କ ପାଇଁ 'ବାବୁ' ଶବ୍ଦ ବ୍ୟବହାର କରିଥାଇ ପାରନ୍ତି ବୋଲି ଅନୁମାନ କରି ତଦନ୍ତକାରୀମାନେ ଛାତ୍ରମାନଙ୍କୁ ପୃଥକ ଭାବେ ପଚରାଉଚରା କରିଥିଲେ ଓ ସ୍କୁଲରେ ଅନୁପସ୍ଥିତ ଥିବା ପାଞ୍ଚ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ଖୋଜିଥିଲେ। ସେମାନେ ଜାଣିବାକୁ ପାଇଲେ ଯେ, ସେମାନଙ୍କ ମଧ୍ୟରୁ ଦୁଇଜଣ ଗତ କିଛି ଦିନ ଧରି ବହୁତ ଟଙ୍କା ଖର୍ଚ୍ଚ କରୁଥିଲେ ଓ ପାର୍ଟି କରୁଥିଲେ। ଏହାପରେ ବୁଧବାର ସକାଳେ ଦୁଇ ଛାତ୍ରଙ୍କୁ ଅଟକ ରଖାଯାଇଥିଲା ଓ ପଚରାଉଚରା ସମୟରେ ସେମାନେ ସ୍ୱୀକାର କରିଥିଲେ ଯେ, ସେମାନେ ଯୋଜନାବଦ୍ଧ ଭାବେ ରୂପା ରେଡ୍ଡୀଙ୍କୁ ହତ୍ୟା କରିଥିଲେ। ହତ୍ୟା ପରେ ଅଭିଯୁକ୍ତମାନେ ଗୋଆ ଚାଲି ଯାଇଥିଲେ। ପୁଲିସ ଅଭିଯୁକ୍ତଙ୍କଠାରୁ ରକ୍ତ ଲାଗିଥିବା କିଛି ଟଙ୍କା, ଅଭିଯୁକ୍ତଙ୍କ ଦ୍ୱାରା କିଣା ଯାଇଥିବା ଏକ ଆଇଫୋନ୍ ଓ ରୂପା ରେଡ୍ଡୀଙ୍କ ଫୋନ୍ ସମେତ ୧.୫୪ ଲକ୍ଷ ଟଙ୍କା ନଗଦ ଜବତ କରିଥିଲା।

# ଶନିବାର କଳିଙ୍ଗରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ମିଟ୍

ଭୁବନେଶ୍ୱର,୨୦।୮ (ସବ୍ୟୁ): ଓଡ଼ିଶାର କ୍ରୀଡା ଇତିହାସରେ ନୂଆ ଅଧ୍ୟାୟ ଯୋଡି ହେବ । ଆଉ ଗୋଟିଏ ଦିନର ପ୍ରତୀକ୍ଷା ପରେ ଅର୍ଥାତ୍ ୨୨ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ମିଟ ଆୟୋଜିତ ହେବ । ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଏବଂ ଭାରତୀୟ ଆଥଲେଟିକ୍ସ ମହାସଂଘ ତଥା ବିଶ୍ୱ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ବଡ଼ ପ୍ରତିଯୋଗିତା ଆୟୋଜନ ହେବାକୁଯାଉଛି । ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନ୍ସିପ ପାଇଁ ଏହା ଏକ ପ୍ରମୁଖ ପ୍ରସ୍ତୁତି ପର୍ଯ୍ୟାୟ ।

ଏହି ଦିନିକିଆ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୨୭ଟି ରାଷ୍ଟ୍ରର ୨୦୦ କ୍ରୀଡାବିତ, ୧୮ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ । ଏମାନଙ୍କ ମଧ୍ୟରେ ୧୦୦ ଜଣ ବିଦେଶୀ ଖେଳାଳି ଥିବା ବେଳେ ୮୮ ଜଣ ଭାରତୀୟ ତଥା ୬ ଜଣ ଓଡ଼ିଆ ଖେଳାଳି ଅଛନ୍ତି । ଶ୍ରୀଲଙ୍କା, ଦ.ଆଫ୍ରିକା ଏବଂ ବ୍ରାଜିଲ ଭଳି ଦଳ ଏହି ମ୍ୟାଚରେ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ସମାନ ଭାବେ ୯ଟି ଲେଖାଏଁ ତଥା ମୋଟ ୧୮ଟି ଟ୍ରାକ୍ସ ଆଣ୍ଡ ଫିଲ୍ଡସ ଆୟୋଜିତ ହେବ । କୃତିପ୍ରତିଯୋଗୀ ପାଇଁ ଆକର୍ଷଣୀୟ ପୁରସ୍କାର ସହ ଗୁରୁତ୍ୱପୂର୍ଣ୍ଣ ର୍ୟାଙ୍କିଙ୍ଗ ପଏଣ୍ଟ ରହିଛି । ପ୍ରଥମ ସ୍ଥାନ ପାଇଁ ୧୬ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧୨ ଶହ ଡଲାର, ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର, ଚତୁର୍ଥ ସ୍ଥାନ ପାଇଁ ୮୦୦ ଡଲାର, ପଞ୍ଚମ ସ୍ଥାନ ପାଇଁ ୬୦୦ ଡଲାର ଏବଂ ଷଷ୍ଠ ସ୍ଥାନ ପାଇଁ ୪୦୦ ଡଲାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ । ଖେଳାଳିମାନଙ୍କୁ ମୋଟ୍ ୭୫ ହଜାର ଡଲାର ପୁରସ୍କାର ରାଜ୍ୟ ସରକାର ପ୍ରଦାନ କରିବେ ।

ଏହି ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ସାଜିବେ ବିଶ୍ୱ ର୍ୟାଙ୍କିଙ୍ଗର ୫୦ ଜଣ ମଧ୍ୟରେ ଥିବା ୩୬ ଜଣ ପ୍ରସିଦ୍ଧ ଆଥଲେଟ । ପ୍ୟାରିସ ୨୦୨୪ ଅଲିମ୍ପିକ୍ସର ୪୦୦ ମିଟର ବ୍ରୋଞ୍ଜ ପଦକ ବିଜେତା ମୁଜାଲା ସାମୁକୋଙ୍ଗା ଏବଂ ନାଇଜେରିଆର ସଟପୁଟ ତାରକା ଚୁକୱେ ବୁକା ଏନକୱେଚି ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବେ ।

ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଗତବର୍ଷର ସଫଳ ବ୍ରୋଞ୍ଜ ସ୍ତରୀୟ ପ୍ରତିଯୋଗିତା ପରେ ଏବେ ସିଲ୍ଭର୍ ଲେଭଲ୍ ଆୟୋଜନ କରିବାକୁ ନେଇ ସମସ୍ତେ ଉତ୍ସାହିତ । ଏହି ପ୍ରତିଯୋଗିତାର ପୁରସ୍କାର ରାଶି ଏହାର ଗୁରୁତ୍ୱକୁ ଦର୍ଶାଉଛି । ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ସମସ୍ତ ଆଥ୍ଲେଟ୍‌ଙ୍କ ପାଇଁ ରାଜ୍ୟପାଳଙ୍କ ଉପସ୍ଥିତିରେ ଏକ ସ୍ୱାଗତ ଭୋଜିର ବ୍ୟବସ୍ଥା କରାଯାଇଛି ଏବଂ ପ୍ରତିଯୋଗିତା ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ । ଓଡ଼ିଶାର ଖେଳାଳିମାନେ ପୂର୍ବରୁ ଗୌରବ ଆଣିଥିଲେ ଏବଂ ବିଶ୍ୱ ଆଥ୍ଲେଟିକ୍ସ ନିୟମ ଅନୁଯାୟୀ ଆମେ ଆମର ଖେଳାଳିମାନଙ୍କୁ ୬-୮ ବିଶ୍ୱ ମାନ୍ୟତା ମଧ୍ୟରେ ରଖିବାକୁ ସୁଯୋଗ ଦେଉଛୁ, ଯାହାଫଳରେ ଅଧିକରୁ ଅଧିକ ଭାରତୀୟ ଏବଂ ଓଡ଼ିଶାର ପିଲାମାନେ ଅଂଶଗ୍ରହଣ କରିପାରିବେ ।

ଏହି ଅବସରରେ ଏଏଫ୍ଆଇ ଚେୟାରମ୍ୟାନ୍ ଡ. ଲଳିତ କୁମାର ଭାନୋଟ କହିଛନ୍ତି ଯେ, ଏହା ଏକ ଅନନ୍ୟ ପ୍ରତିଯୋଗିତା ଯେଉଁଥିରେ ଦୁଇଟି ଫାଇନାଲ୍ ଏବଂ ଭାରତୀୟ ଆଥ୍ଲେଟ୍‌ଙ୍କ ପାଇଁ ଅଧିକ ସୁଯୋଗ ରହିଛି । ଅତିକମ୍ରେ ୩ଟି ଦେଶର ପ୍ରତିଯୋଗୀ ଭାଗ ନେବା କଥା, କିନ୍ତୁ ଏଠାରେ ଅନେକ ଦେଶର ଖେଳାଳି ଅଂଶଗ୍ରହଣ କରୁଛନ୍ତି । ଗ୍ଲାସ୍ଗୋର ଆଥ୍ଲେଟ୍ ଏବଂ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ ୫୦ ମଧ୍ୟରେ ଥିବା ଖେଳାଳିମାନେ ଏଠାକୁ ଆସିଛନ୍ତି । ନିୟମ ଅନୁଯାୟୀ ୫୦ ପ୍ରତିଶତ ବିଦେଶୀ ଆଥ୍ଲେଟ୍ ରହିବା କଥା ଏବଂ ସେହି ଅନୁଯାୟୀ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି । ଓଡ଼ିଶା ସରକାରଙ୍କ ସହଯୋଗ ଅତୁଳନୀୟ । ୨୦୧୭ ମସିହାରୁ ଏଠାରେ ବହୁ ପ୍ରତିଯୋଗିତା ହୋଇଆସୁଛି ଏବଂ ସାରା ଭାରତରେ କେବଳ କଳିଙ୍ଗ ଷ୍ଟାଡିୟମ୍ରେ ହିଁ ଇଣ୍ଡୋର୍ ଟ୍ରାକ୍ ରହିଛି ।

ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ଏଏଫ୍ଆଇ କୋଷାଧ୍ୟକ୍ଷ ଶ୍ରୀ ବି. ଷ୍ଟାନଲେ ଜୋନ୍ସ ଏବଂ ଏଏଫ୍ଆଇ କାର୍ଯ୍ୟକାରୀ ସଚିବ ଶ୍ରୀ ଜି. ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ଭାଗ ନେବେ ୬ ଓଡ଼ିଆ

ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁରରେ ୬ ଜଣ ଓଡ଼ିଆ ଆଥଲେଟ ଘରୋଇ କଳିଙ୍ଗ ଷ୍ଟାଡିୟମରେ ନିଜର କଳା ନୈପୁଣ୍ୟ ଦେଖାଇବେ । ବାପି ହାଂସଦା ପୁରୁଷ ୮୦୦ ମିଟର ବର୍ଗରେ ଡେବ୍ୟୁ କରିବେ । ସ୍ୱାଧୀନ କୁମାର ମାଝୀ ପୁରୁଷ ହାଇଜମ୍ପ, କିଶୋର କୁମାର ଜେନା ଜାଭେଲିନ ଥ୍ରୋ, ଶ୍ରାବଣୀ ନନ୍ଦ ମହିଳା ୧୦୦ ମିଟର, ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହଡଲ୍ସ ଏବଂ ଅନିମେଷ କୁମାର ପୁରୁଷ ୧୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବେ । ଘରୋଇ ପରିବେଶରେ ଜାତୀୟ ରେକର୍ଡ ସ୍ଥାପନ ସହ ନିଜ ନିଜର ର୍ୟାଙ୍କିଙ୍ଗ ସୁଧାରିବା ପାଇଁ ଭଲ ସୁଯୋଗ ପାଇବେ ଓଡ଼ିଆ କ୍ରୀଡାବିତ ।

## ଅଂଶଗ୍ରହଣକାରୀ ରାଷ୍ଟ୍ର

ଆୟୋଜକ ଭାରତ, ଆଫଗାନିସ୍ତାନ, ବାହାମାନ, ଭୁଟାନ, ବୋଟସୱାନ, ବ୍ରାଜିଲ, ଫିଜି, ଗ୍ରେଟ ବ୍ରିଟେନ, ଇରାନ, ଇଟାଲୀ, ଜାମାୟିକା, ଜାପାନ, କେନିଆ, କିରଗିଜସ୍ଥାନ, ମାଲେସିଆ, ମରିସସ, ନେପାଲ, ନାଇଜେରିଆ, ଓମାନ, ଫିଲିଫାଇନ୍ସ, ପର୍ତ୍ତୁଗାଲ, ଦ.ଆଫ୍ରିକା, ଶ୍ରୀଲଙ୍କା, ଥାଇଲାଣ୍ଡ, ଜାମ୍ବିଆ, ଜିମ୍ବାୱେ ।

**କ୍ରୀଡାବର୍ଗ: ପୁରୁଷ-**

୧୦୦ ମି, ୪୦୦ ମି, ୮୦୦ ମି, ୫୦୦୦ ମି, ୧୧୦ ମି ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ ଏବଂ ଜାଭେଲିନ ଥ୍ରୋ ।

ମହିଳା-୧୦୦ ମି, ୪୦୦ ମି, ୧୫୦୦୦ ମି, ୫୦୦୦ ମି, ୧୦୦ ମି ହର୍ଡଲ୍ସ, ଲଙ୍ଗଜମ୍ପ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ ।

# ଲଙ୍ଗ ଜମ୍ପରଙ୍କ ପାଇଁ କଳିଙ୍ଗ ଷ୍ଟାଡିୟମ ଅନୁକୂଳ: ଏମ ଶ୍ରୀଶଙ୍କର

ଭୁବନେଶ୍ୱର,୨୦।୮ (ସବ୍ୟୁ): ପୁରୁଷ ଲଙ୍ଗ ଜମ୍ପରେ ଭାରତର ଗ୍ଲାସଗୋ କମନୱେଲଥ୍ ଗେମ୍ସ ରୌପ୍ୟ ପଦକ ବିଜେତା ମୁରଳୀ ଶ୍ରୀଶଙ୍କର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି । ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର ଲେଭଲ୍ ମିଟ ଆୟୋଜିତ ହେବ ।



ଆସନ୍ତା ମାସରେ ଜାପାନରେ ହେବାକୁ ଥିବା ଆଇଚି-ନାଗୋୟା ଏସିଆନ୍ ଗେମ୍ସ ପାଇଁ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଏକ ଭଲ ପ୍ରସ୍ତୁତି ଭାବେ କାମ କରିବ ବୋଲି ସେ ଗୁରୁବାର ଭୁବନେଶ୍ୱରରେ ଗଣମାଧ୍ୟମ ସହ ଆଲୋଚନା ସମୟରେ କହିଥିଲେ । "ଏହି ପ୍ରତିଯୋଗିତା ମୋତେ ଏହି କ୍ଷେତ୍ରର ଶ୍ରେଷ୍ଠମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ଦେବ," ସେ ଯୋଗ କରିଥିଲେ ।

ଯେଉଁ ଅନେକ ଆଥଲେଟଙ୍କ ବିଶ୍ୱ ରାଙ୍କିଙ୍ଗ ୫୦ରୁ ତଳେ ରହିଛି, ସେମାନେ ଏକଦିନିଆ ପୁରସ୍କାର ରାଶି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର ଲେଭଲରେ ପ୍ରତିଯୋଗିତା କରୁଥିବା ଦେଖାଯିବେ । ଶ୍ରୀଶଙ୍କରଙ୍କ ବ୍ୟତୀତ, ମହିଳା ଲଙ୍ଗ ଜମ୍ପରେ ଜାତୀୟ ରେକର୍ଡଧାରୀ ଆନ୍ସି ସୋହନ, ପୁରୁଷ ସଟ୍ ପୁଟରେ ଦୁଇଥର ଏସିଆନ୍ ଗେମ୍ସ ଚାମ୍ପିଅନ୍ ତାଜିନ୍ଦରପାଲ୍ ସିଂହ ତୁର୍ ଏବଂ ଜାଭେଲିନ୍ ଥ୍ରୋଅର୍ ରୋହିତ ଯାଦବ ଅନ୍ୟ ପ୍ରମୁଖ ଆଥଲେଟ୍ ଭାବେ ନିଜ ଏଣ୍ଟ୍ରି ନିଶ୍ଚିତ କରିଛନ୍ତି ।

ପୁରୁଷ ଏବଂ ମହିଳା ୧୦୦ମି ଦୌଡ଼ରେ ୧୦ରୁ ଅଧିକ ଆଥଲେଟ୍ ନିଜ ଏଣ୍ଟ୍ରି ନିଶ୍ଚିତ କରିଛନ୍ତି । "ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ୧୦୦ମି ଏ ଏବଂ ବି ରେସ୍ ହେବ," ଡଃ ଲଳିତ କେ ଭାନୋଟ୍ ପ୍ରକାଶ କରିଛନ୍ତି । "ପୁରୁଷ ୪୦୦ମିରେ ମଧ୍ୟ ୧୯ଟି ଏଣ୍ଟ୍ରି ରହିଛି ।

ସମଗ୍ର ବିଶ୍ୱର ୨୭ଟି ଦେଶରୁ ୨୦୦ରୁ ଅଧିକ ଆଥଲେଟ୍ ଶନିବାର ଏକଦିନିଆ ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନ କରୁଥିବା ଦେଖାଯିବେ । ଆୟୋଜକ ଭାରତର ୯୦ ଜଣ ଆଥଲେଟ ଅଂଶଗ୍ରହଣ କରିବେ ।

"ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର ଲେଭଲ୍ ମିଟ୍ କଳିଙ୍ଗ ଷ୍ଟାଡିୟମରେ ଶୀର୍ଷ ଆଥଲେଟମାନଙ୍କୁ ପ୍ରତିଯୋଗିତା କରୁଥିବା ଦେଖିବା ପାଇଁ ଆଥଲେଟିକ୍ସ ପ୍ରଶଂସକମାନଙ୍କ ପାଇଁ ଏକ ଭଲ ସୁଯୋଗ ହେବ ବୋଲି ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଦର୍ଶକଙ୍କ ପାଇଁ ଏହି ପ୍ରତିଯୋଗିତା ଦେଖିବା ଲାଗି ଫ୍ରି-ଏଣ୍ଟ୍ରି ବ୍ୟବସ୍ଥା କରାଯାଇଛି ।

# ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ: ଡେବ୍ୟୁ କରିବେ ସାରାଂଶ !

ନୂଆଦିଲ୍ଲୀ,୨୦।୮ (ଏଜେନ୍ସି): ଅଲରାଉଣ୍ଡର ସାରାଂଶ ଜୈନ ଭାରତ ପାଇଁ ଟେଷ୍ଟ କରିବାକୁ ଯାଉଛନ୍ତି । ଅଗଷ୍ଟ ୨୩ରୁ ଶ୍ରୀଲଙ୍କା ବିପକ୍ଷ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ । ୩୩ ବର୍ଷୀୟ ସାରାଂଶ ମଧ୍ୟପ୍ରଦେଶ ପାଇଁ ଘରୋଇ କ୍ରିକେଟ ଖେଳୁଛନ୍ତି । ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ ପାଇଁ ତାଙ୍କୁ ଦଳରେ ସ୍ଥାନ ମିଳିଛି । ଆହତ କାରଣରୁ ୱାଶିଂଟନ ସୁନ୍ଦର ବାଦ ପଡିଥିବାରୁ ତାଙ୍କ ସ୍ଥାନରେ ସାରାଂଶଙ୍କୁ ସାମିଲ କରାଯାଇଥିଲା । ପ୍ରଥମ ଟେଷ୍ଟରେ ସେ ସୁଯୋଗ ପାଇନଥିଲେ । ତେବେ ଦ୍ୱିତୀୟ ଟେଷ୍ଟ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ସାରାଂଶ ହେଉଛନ୍ତି ଡାହାଣ ହାତି ଅଫ ସ୍ପିନର । ଏଥିସହ ସେ ନିମ୍ନ କ୍ରମରେ ବ୍ୟାଟିଂ କରିବାକୁ ସକ୍ଷମ । ୨୦୧୪ରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଥିଲେ । ଏହାର ୧୨ ବର୍ଷ ପରେ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି । ଦ୍ୱିତୀୟ ଟେଷ୍ଟ କଲମ୍ବୋରେ ଖେଳାଯିବ । ସାରାଂଶ ଏହି ମ୍ୟାଚ ଖେଳିବାର ଯଥେଷ୍ଟ ସମ୍ଭାବନା ଅଛି । ଯଦି ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳେ । ତେବେ ଭେଟେରାନ ବାମହାତି ସ୍ପିନର କୁଲଦୀପ ଯାଦବ ବାଦ ପଡିବେ । କାରଣ ପ୍ରଥମ ଟେଷ୍ଟରେ ତାଙ୍କ ପ୍ରଦର୍ଶନ ଆଦୌ ଆଶାନୁରୂପ ନଥିଲା । ପିଚ ସ୍ପିନରଙ୍କୁ ସୁହାଉଥିଲେ ହେଁ କୁଲଦୀପ ମୋଟ ୨୫ ଓଭରରେ ୧୦୩ ରନ ଦେଇ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ସେହିପରି ଦଳରେ ରବିନ୍ଦ୍ର ଜାଡେଜା ଓ ମାନବ ସୁତାରଙ୍କ ଭଳି ବାମହାତି ସ୍ପିନର ରହିଛନ୍ତି । ଏପରି ସ୍ଥିତିରେ ଦଳକୁ ଜଣେ ଅଫ୍ ସ୍ପିନର ଆବଶ୍ୟକତା ଅଛି । ତେଣୁ ଦ୍ୱିତୀୟ ଟେଷ୍ଟରେ ସାରାଂଶଙ୍କୁ ସୁଯୋଗ ମିଳିବାର ସୁଯୋଗ ଅଛି । ୫୪ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ଏହି ଡାହାଣହାତି ଅଫ୍ ସ୍ପିନର ୨୦୦୦ରୁ ଅଧିକ ରନ ସହ ୧୮୮ ୱିକେଟ ନେଇଛନ୍ତି । ୨୦୨୨-୨୩ ରଣଜୀ ଋତୁରେ ଜୈନ ୩୬୦ ରନ ସହ ୩୫ ୱିକେଟ ନେଇଥିଲେ । ଏହି ପ୍ରଦର୍ଶନ ପାଇଁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଅଲରାଉଣ୍ଡ ଭାବେ ଲାଲା ଅମରନାଥ ପୁରସ୍କାର ପାଇଥିଲେ । ପରବର୍ତ୍ତୀ ରଣଜୀ ଋତୁରେ ସେ ୫୧୮ ରନ ସାଙ୍ଗକୁ ୩୦ ୱିକେଟ୍ ନେଇଥିଲେ । ୨୦୨୫ ଦୁଲୀପ ଟ୍ରଫିରେ ୧୬ ୱିକେଟ ନେଇ ସେଣ୍ଟ୍ରାଲ ଜୋନକୁ ଚାମ୍ପିଅନ କରାଇବା ସହ ପ୍ଲେୟାର ଅଫ୍ ଦ ସିରିଜ ଜିତିଥିଲେ ।

# ଡଃ ଦେବେନ୍ଦ୍ର ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ସମ୍ମାନ ପ୍ରଦାନ

ଭୁବନେଶ୍ୱର,୨୦।୮ (ସବ୍ୟୁ): ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଖ୍ୟାତ ରାଜନେତା ଡଃ ଦେବେନ୍ଦ୍ର ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ସମ୍ମାନ ପ୍ରଦାନ ଓ ବିଶିଷ୍ଟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସିଟି କ୍ଲବ ଭୁବନେଶ୍ୱର ଏବଂ ଡଃ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ଟ୍ରଷ୍ଟ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ତଥା ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରା, ପରଜଙ୍ଗର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମରାଣୀ ନାଏକ, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, କାମାକ୍ଷା ନଗର ବିଧାୟକ ଶତ୍ରୁଘନ ଜେନା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଶିଷ୍ଟ ସମାଜସେବୀ ତଥା ବିକାଶ ଫାଉଣ୍ଡେସନ ଟ୍ରଷ୍ଟ, ଓଡ଼ିଶାର ଅଧ୍ୟକ୍ଷା ଡଃ ମୃଦୁଳା ଠାକୁର ପ୍ରଧାନ, ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ତଥା ସଂଗଠକ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏସନର ସମ୍ପାଦକ ଡଃ ସୌର୍ଯ୍ୟରନ ପରିଜା, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ରବିନାରାୟଣ ନାଏକ ତାଙ୍କ ବକ୍ତବ୍ୟରେ ଡଃ ଦେବେନ୍ଦ୍ର ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ପୁରସ୍କାର ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବା ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ଅବସରରେ ନୀତା ଫୁଟବଲ ଏକାଡ଼େମୀ କଟକ, ସମ୍ବଲପୁର ଫୁଟବଲ ଏକାଡ଼େମୀ, କିଟ୍ ଓ କିସ୍ ଫୁଟବଲ ଦଳକୁ ଦଳଗତ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଯଶୋଦା ମୁଣ୍ଡାଙ୍କୁ ଶ୍ରେଷ୍ଠ ଫୁଟବଲ ଖେଳାଳି, ଡଲି ମୁଣ୍ଡାଙ୍କୁ ଆଜୀବନ କ୍ରୀଡ଼ା ପୁରସ୍କାର, ସୀତ ମହାକୁଡ଼ଙ୍କୁ ଶ୍ରେଷ୍ଠ ଫୁଟବଲ କୋଚ, ସୁଦୀପ୍ତା ଦାଶଙ୍କୁ ଶ୍ରେଷ୍ଠ ରେଫରୀ ଆସେସର, ଡଃ ମୁକ୍ତିପ୍ରସାଦ ଦାଶଙ୍କୁ ଶ୍ରେଷ୍ଠ ଫିଜିଓ, ସୁରେଶ ସ୍ୱାଇଁ ଏବଂ ସମୀକ୍ଷା ପଟ୍ଟନାୟକଙ୍କୁ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ, ବିକାଶ ଫାଉଣ୍ଡେସନ ଟ୍ରଷ୍ଟକୁ ଶ୍ରେଷ୍ଠ ସମାଜସେବା ସମ୍ମାନ, ସୁଜିତ ପାତ୍ରଙ୍କୁ ରେଫରୀ କମିଶନର, ଶିବଶଙ୍କର ପଣ୍ଡାଙ୍କୁ ଜାତୀୟ ରେଫରୀ, ବଳରାମ ମୋଟାରୀ ଏବଂ ଅଭୟ ନାୟକଙ୍କୁ ଶ୍ରେଷ୍ଠ କ୍ରୀଡ଼ା ସଂଗଠକ ପୁରସ୍କାର ପ୍ରଦାନ କରାଯାଇଛି ।

## ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

# ପଦକ ଠାରୁ ଗୋଟିଏ ବିଜୟ ପଛରେ ତ୍ରିଶା-ଗାୟତ୍ରୀ

ନୂଆଦିଲ୍ଲୀ,୨୦।୮ (ଏଜେନ୍ସି): ଭାରତର ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ ବ୍ୟାଡ଼ମିଣ୍ଟନରେ ପଦକ ସଫଳତା ଠାରୁ ଆଉ ଗୋଟିଏ ବିଜୟ ପଛରେ ଅଛନ୍ତି । ବିଶ୍ୱର ସପ୍ତମ ସିଡ ତଥା ଜାପାନର ରିନ ଇୱାଙ୍ଗା ଓ କି ନାକାନିସିଙ୍କ ବିପକ୍ଷରେ ତ୍ରିଶା-ଗାୟତ୍ରୀ ଯୋଡି ଦମଦାର ବିଜୟ ହାସଲ କରିଛନ୍ତି । ତ୍ରିଶା-ଗାୟତ୍ରୀ ୨୧-୧୨ରେ ଜିତି ମହିଳା ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି । ଯଦି ଉଭୟ କ୍ୱାର୍ଟରରେ ଜିତିବାକୁ ସକ୍ଷମ ହୁଅନ୍ତି ତା'ହେଲେ ବିଶ୍ୱ ଚାମ୍ପିଅନସିପରେ ଭାରତ ପାଇଁ ପଦକ ନିଶ୍ଚିତ ହେବ । ତ୍ରିଶା-ଗାୟତୀ ନିଜ କ୍ୟାରିୟରର ଐତିହାସିକ ପଦକ ସଫଳ ଠାରୁ ମାତ୍ର ଗୋଟିଏ ବିଜୟ ଦୂରରେ ରହିଛନ୍ତି । ତ୍ରିଶା-ଗାୟତ୍ରୀ ବିଶ୍ୱ ବ୍ୟାଡ଼ମିଣ୍ଟନ ର୍ୟାଙ୍ଗିର ୩୯ତମ ସ୍ଥାନରେ ରହିଛନ୍ତି । କିନ୍ତୁ ବିଶ୍ୱ ଚାମ୍ପିଅନସିପର ଉଭୟ ନିଜ ଦକ୍ଷତା ବଳରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ଏହି ଯୋଡି କ୍ୱାର୍ଟରଫାଇନାଲରେ ଚିନର ଜିଆ-ୟି ଫାନ ଓ ଝାଙ୍ଗ ସୁ ଜିଆନଙ୍କ ଭେଟିବେ ।



ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକୃତି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ଫାଓ ଦ୍ୱିତୀୟ ଡିଭିଜନ ଲିଗ୍

# ମର୍ଣ୍ଣିଂ, ଓଜିପି କ୍ଲବ ବିଜୟୀ

ଭୁବନେଶ୍ୱର,୨୦।୮ (ସବ୍ୟୁ): ଏମଜିଏମ୍ ଫାଓ ଦ୍ୱିତୀୟ ଡିଭିଜନ ଲିଗ୍ ବିଡାନାସୀ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି । ଉଦଘାଟନୀ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ମର୍ଣ୍ଣିଂ କ୍ଲବ ଏବଂ ଓଜିପି କ୍ଲବ ବିଜୟୀ ହୋଇଛନ୍ତି । ଉଦଘାଟନୀ ମ୍ୟାଚରେ ମର୍ଣ୍ଣିଂ କ୍ଲବ ୨-୧ ଗୋଲରେ ତାର୍ଜନ କ୍ଲବକୁ ପରାସ୍ତ କରିଥିଲା । ମର୍ଣ୍ଣିଂ କ୍ଲବର ମାଧବ ନାୟକ ଅଷ୍ଟମ ମିନିଟ ଏବଂ ଅମରନାଥ ସୋରେନ ୬୦ ମିନିଟରେ ଗୋଲ କରିଥିଲେ । ତାର୍ଜନ କ୍ଲବ ପକ୍ଷରୁ ୨୧ ମିନିଟରେ ଏମଡି ସୋଏବ ଏକମାତ୍ର ଗୋଲ ପରିଶୋଧ କରିଥିଲେ । ବିଜୟ ସହ ମର୍ଣ୍ଣିଂ କ୍ଲବକୁ ୩ ପଏଣ୍ଟ ମିଳିଛି ।

ଦ୍ୱିତୀୟ ମ୍ୟାଚରେ ଓଜିପି କ୍ଲବ ୨-୦ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ହରାଇଛି । ବିଜୟୀ ଓଜିପି କ୍ଲବର ପାପୁନ ସ୍ୱାଇଁ ୧୬ ମିନିଟ ଓ ରଇଜ ଅହମ୍ମଦ ୫୮ ମିନିଟରେ ଗୋଲ ଦେଇଥିଲେ ।

ଉଦଘାଟନୀ ଉତ୍ସବରେ ଅଭିନେତା ଶ୍ରୀତମ ଦାସ, ସମାଜସେବୀ ଇନ୍ଦ୍ରମଣି ପ୍ରଧାନ, ଫାଓ ଉପସଭାପତି ବୀରେନ୍ଦ୍ର ବେହେରା, ସହଦେବ ରାଉତ, ଯୁଗ୍ମସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ, ଫାଓର ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ସାମଲ, ଆଗା ଜାହିର, ରମେଶ ମଲ୍ଲିକ ଏବଂ ଓଡ଼ିଶା ଫେନସିଂ ଆସୋସିଏସନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରତିବନ୍ଧକୁ ବିଧିବଦ୍ଧ ଭାବେ ଉଦଘାଟନ କରିଥିଲେ ।

# ଗୁରୁଜଙ୍ଗ ପ୍ରିମିୟର ଲିଗ: ୨୫ରେ ପଞ୍ଜିକରଣ, ସେପ୍ଟେମ୍ବର ୫ରେ ନିଲାମ

ଖୋର୍ଦ୍ଧା,୨୦।୮ (ସବ୍ୟୁ): ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳ ପଡିଆ ରେ ଗୁରୁଜଙ୍ଗ ପ୍ରିମିୟର ଲିଗ ଆସନ୍ତା ଅକ୍ଟୋବର ମାସ ଦଶହରା ସମୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ଜଣାଇଛନ୍ତି । ଏଥିରେ ୮ ଟି ଦଳ ଭାଗ ନେବେ ସେମାନେ ହେଲେ ଏସ ଜେ ଆର ୱାରିୟରସ ଗୁରୁଜଙ୍ଗ, ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ, ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ, ବି ଏସ ଏ ଭାଲିଆବାଡି, ଯଦୁପୁର ବ୍ଲାଷ୍ଟର୍ସ, ଗୁରୁଜଙ୍ଗ ଡେୟାର ବୁଲ୍ସ, ଇଲେଭେନ ଷ୍ଟାର ଯାଆଁଳା, ବାଲୁଙ୍କେଶ୍ୱର ୱାରୀୟର୍ସ ଟମାଣ୍ଡୋ । ଖୋର୍ଦ୍ଧା ଓ ୩୫ ଟି ଅଂଚଳ ରୁ ଖେଳାଳୀ ମାନେ ଏହି ଲିଗ ରେ ଭାଗ ନେବେ ଯଥା ଯଦୁପୁର, ନପୁଟ, ଟମାଣ୍ଡୋ, ପାତ୍ରପଡା, ଶୁଆଙ୍ଗ, ବାଙ୍କୁଆଳ,




ଯାଆଁଳା, ଗଙ୍ଗପଡ଼ା, ମେଣ୍ଢାଶାଳ, ଅରିସାଲ, ପଳାସପୁର, ମୁକୁନ୍ଦପ୍ରସାଦ, ଭାଲିଆବାଡି, କୋଣାର୍କନାଗାର, ଗୁରୁଜଙ୍ଗ, ଖୋର୍ଦ୍ଧା ମୁନିସିପାଲିଟି, ଆଇ ଆର ବି, କୁମାରବସ୍ତ, ନୂଆ ଗାଁ, ଅରାଙ୍ଗ, ପାଇକ ଡିଗିରିଆ, ବିଂକୁଡ଼ିଆ, କେରଙ୍ଗ, ସାରୁଅ, ପଙ୍ଗାରସିଂ, କୁସୁପଲା, ବାଙ୍କୀ, ପାନ ବରଜ, ଜରିପୁଟ, ଗୁଡୁମ, କଲ୍ୟାଣ ପୁର, ଅଠାରଙ୍ଗ, କାଇପଦର, ଦେଉଳିଟାଙ୍ଗୀ ଓ କୁରାଡମଲ ର ଆଧାରକାର୍ଡ଼ ଥିବା କର୍କ ବଲ ଖେଳାଳୀ ଅଗଷ୍ଟ ୨୫ ତାରିଖ ସୁଦ୍ଧା ନିଜର ନାମ ପଞ୍ଜିକରଣ କରିବା ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଛି । ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଖେଳାଳୀ ନିଲାମ ପ୍ରକ୍ରିୟା ରେ ୮ ଟି ଦଳ ନିଜର ଟିମ ରେ ଖେଳାଳୀ ମାନଙ୍କୁ ରଖିବେ । ଦୁଇଟି ଗ୍ରୁପ ରେ ୪ ଟି ଲେଖାଏଁ ଦଳ ରହିବ ଓ ଗ୍ରୁପ ପର୍ଯ୍ୟାୟ ରେ ସମସ୍ତେ ୩ ଟି ଲେଖାଏଁ ମ୍ୟାଚ ଖେଳିବେ । ଚମ୍ପିୟାନ ଦଳକୁ ଟ୍ରଫି ସହ ୬୦୦୦୦ ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୪୦୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି